୬ ବିଜେପିରେ ମିଶିଲେ କ୍ରିକେଟର ରବୀନ୍ଦ୍ର ଜାଡେଜା

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୨୦ ● ୬ ସେପ୍ଟେମ୍ବର ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-220 ● 6th September 2024, Friday ● Bhubaneswar | Licensed to post without pre-payment of postage No- BN-60/22-24






## କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଖର୍ଚ୍ଚ ଦାବି ପାରିତ

# ନୂଆଁଖାଈରୁ ସାମିଲ ହେବେ ପିଏମ୍ କିଷାନରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀ

**ଭୁବନେଶ୍ୱର, ୫।୯**
**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ବିଧାନସଭାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ ୧୩୧୭୮ କୋଟି ୮୪ ଲକ୍ଷ ୩୭ ହଜାର ଟଙ୍କାର ଖର୍ଚ୍ଚ ଦାବି ପାରିତ ହୋଇଛି। ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଆଗତ କରିଥିବା ଖର୍ଚ୍ଚ ଦାବି ଉପରେ ଗୃହରେ ସାଢେ ତିନି ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସରଗରମ ଆଲୋଚନା ହୋଇଥିଲା। ବିରୋଧୀ ଦଳ ବିଜେଡ଼ି ଓ କଂଗ୍ରେସ ଏବଂ ଶାସକ ଦଳରୁ ସମୁଦାୟ ୨୦ ଜଣ ବିଧାୟକ ଏହି ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇଥିଲେ। ହେଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଉତ୍ତର ଦେବା ବେଳେ ଏଥିରେ ଅସନ୍ତୋଷ ପ୍ରକାଶ କରି ସେମାନେ କକ୍ଷତ୍ୟାଗ କରିଥିଲେ।



ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେଇ ଶ୍ରୀ ସିଂହଦେଓ କହିଥିଲେ ଯେ, ରାଜ୍ୟସରକାର କୃଷି ଓ କୃଷକ ବିକାଶ ପାଇଁ ପ୍ରତିବଦ୍ଧ। ୨୦୨୪-୨୫ ଆର୍ଥିକ ବର୍ଷରେ ୧୩୧୭୮.୮୪ କୋଟି ଟଙ୍କା କୃଷି ବିଭାଗ ପାଇଁ ବ୍ୟୟବରାଦ କରାଯାଇଛି। ଗତ ବର୍ଷର ବଜେଟ୍ ତୁଳନାରେ ଏହା ପ୍ରାୟ ଦୁଇଗୁଣ ଅଧିକ ଏବଂ ସର୍ବକାଳୀନ ଉଚ୍ଚ ବଜେଟ୍ ଆବଣ୍ଟନ କରି ରାଜ୍ୟର କୃଷି ଓ କୃଷକମାନଙ୍କ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି। ସେ କହିଛନ୍ତି କୃଷକ ସମୃଦ୍ଧ ଯୋଜନାରେ କୃଷକମାନଙ୍କୁ ଗୁଣାତ୍ମକ ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଇନ୍‌ପୁଟ୍ କ୍ରୟରେ ସହାୟତା ପ୍ରଦାନ କରାଯିବ। ଏହି ଯୋଜନା ମାଧ୍ୟମରେ ସରକାର ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ ପାଇଁ ନିଷ୍ପତ୍ତି ନେଇଛନ୍ତି, ଯାହାକି ଧାନର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ୮୦୦ ଟଙ୍କା ଅଧିକ। ଏହି ଯୋଜନାରେ ସରକାର ୫୦୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ସେହିପରି ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ (ପୃଷ୍ଠା ୭ରେ)

# ଗୁରୁଙ୍କ ହାତରେ ହିଁ ଭବିଷ୍ୟତର ସୁରକ୍ଷା ଦାୟିତ୍ୱ : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୫।୯**
**ନ୍ୟୁଜ୍ ବ୍ୟୁରୋ**

ଲୋକସେବା ଭବନ ସଭାଗୃହରେ ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଗୁରୁ କେବଳ ବିଦ୍ୟାର୍ଥୀମାନଙ୍କର ଭବିଷ୍ୟତ ନିର୍ମାଣ କରନ୍ତି ନାହିଁ, ସେମାନେ ପୁରା ସମାଜର ଭବିଷ୍ୟତ ନିର୍ମାଣ କରନ୍ତି । ସେମାନେ ସମାଜର ମାର୍ଗଦର୍ଶକ । ସେ କହିଲେ ଯେ ଆଜିର ଗୁରୁମାନଙ୍କ ହାତରେ ହିଁ ଭବିଷ୍ୟତର ସୁରକ୍ଷା ଦାୟିତ୍ୱ। ରାଜ୍ୟ ସରକାର ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିକ୍ଷା ବ୍ୟବସ୍ଥାର ଢାଞ୍ଚା ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ଦିଗରେ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଶିକ୍ଷକମାନେ କେବଳ ଉତ୍ତମ ଶିକ୍ଷାରେ ସନ୍ତୁଷ୍ଟ ନ ହୋଇ ପିଲାମାନେ ଯେପରି ଜୀବନରେ ମୂଲ୍ୟବୋଧ, ନୀତି ଓ ଆଦର୍ଶକୁ ଅନୁସରଣ କରିବେ, ସେଥିପ୍ରତି ଗୁରୁତ୍ୱ ଦେବା ଉଚିତ୍।

ନିଜର ଶିକ୍ଷକତା ଜୀବନକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିଲାମାନଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଶିକ୍ଷକମାନେ ଯେଉଁ ତ୍ୟାଗ କରନ୍ତି ତାହା ଅମୂଲ୍ୟ। ଛାତ୍ରଛାତ୍ରୀଙ୍କ ସଫଳତାରେ ହିଁ ଶିକ୍ଷକମାନେ ଜୀବନର ସାର୍ଥକତା ଅନୁଭବ କରିଥାନ୍ତି । ସେଥିପାଇଁ ସମସ୍ତେ ଗୁରୁମାନଙ୍କୁ ସମ୍ମାନ ଜଣାଇବା ଆବଶ୍ୟକ। ଆମ (ପୃଷ୍ଠା ୭ରେ)

## ବଙ୍ଗୋପସାଗରରେ ଲଘୁଚାପ : ୧୦ ଯାଏଁ ବର୍ଷା

**ଭୁବନେଶ୍ୱର, ୫।୯**
**ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ହୋଇଛି । ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଉତ୍ତର ଦିଗରେ ଗତି କରିବ। ଏହାର ପ୍ରଭାବରେ ବର୍ଷାର ପରିମାଣ ବଢିବ। ପ୍ରବଳ ବର୍ଷା ନେଇ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ମାଲକାନଗିରି, କୋରାପୁଟ, ରାୟଗଡା, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ ଏବଂ ନବରଙ୍ଗପୁରକୁ ସତର୍କତା ଜାରି ହୋଇଛି।

ଘଡଘଡି ବିଜୁଳି ସହ ବର୍ଷା ହେବା ନେଇ ପୁରୀ, ଖୋର୍ଦ୍ଧା, ନୟାଗଡ, ନୂଆପଡା, ବଲାଙ୍ଗୀର ଏବଂ ବରଗଡ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶୁକ୍ରବାର ପ୍ରବଳ ବର୍ଷା ନେଇ ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ମାଲକାନଗିରି, କୋରାପୁଟ, ରାୟଗଡା, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, ନୂଆପଡା, ବଲାଙ୍ଗିର ଏବଂ ନବରଙ୍ଗପୁର।

ସେହିପରି ବଜ୍ରପାତ ବର୍ଷା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ ଏବଂ ମୟୁରଭଞ୍ଜକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଗଣେଶ ପୂଜାରେ ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଓଡ଼ିଶାର ୨ ଜଣଙ୍କ ସମେତ ମୋଟ ୫୦ ଜଣଙ୍କୁ ମିଳିଲା ଜାତୀୟ ଶିକ୍ଷକ ପୁରସ୍କାର



**ନୂଆଦିଲ୍ଲୀ, ୫।୯**

ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଶିକ୍ଷକ ଦିବସ ସମାରୋହରେ ଯୋଗ ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ଶିକ୍ଷକ ପୁରସ୍କାର ୨୦୨୪ ପ୍ରଦାନ କରିଛନ୍ତି।

ସମାରୋହରେ ନିଜର ଅଭିଭାଷଣରେ ରାଷ୍ଟ୍ରପତି କହିଛନ୍ତି ଯେ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଏପରି ଶିକ୍ଷା ପ୍ରଦାନ କରିବା ଉଚିତ ଯେପରି ସେମାନେ ମହିଳାଙ୍କ ଗାରିମାର ଅନୁକୂଳ ହୋଇପାରିବା ଭଳି ବ୍ୟବହାର କରିବେ। ମହିଳାଙ୍କ ସମ୍ମାନ କେବଳ ଶବ୍ଦରେ ନୁହେଁ, ବ୍ୟବହାରରେ ବି ହେବା ଆବଶ୍ୟକ । ଶିକ୍ଷକମାନେ ପ୍ରତ୍ୟେକ ପିଲାଙ୍କ ଅନ୍ତର୍ନିହିତ (ପୃଷ୍ଠା ୭ରେ)

# ଦୀପାବଳି ପୂର୍ବରୁ କୃଷକଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବେ ସରକାର

**ନୂଆଦିଲ୍ଲୀ, ୫।୯**

ଦେଶର କୋଟି କୋଟି ଚାଷୀଙ୍କ ପାଇଁ ଏକ ବଡ଼ ଖବର ଅଛି । ପିଏମ କିଷାନ ସମ୍ମାନ ନିଧିର ୧୮ତମ କିସ୍ତି ଏଥର ଦୀପାବଳି ପୂର୍ବରୁ ଆସିବାକୁ ଯାଉଛି । ଏଥିପାଇଁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । କୃଷକମାନେ ଏହାର ଲାଭ ପାଇବାକୁ ହେଲେ କେନ୍ଦ୍ର ସରକାର କୃଷି ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଏହା ଅଧୀନରେ ସମସ୍ତ ହିତାଧିକାରୀ ଚାଷୀଙ୍କୁ ଏହି ମାସରେ କେୱାଇସି ଅପଡେଟ କାର୍ଯ୍ୟ କରିବାକୁ କୁହାଯାଇଛି । କୃଷି ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ପୂର୍ବ କିସ୍ତିରେ ଦେଶର ପ୍ରାୟ ନଅ କୋଟି ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ପହଞ୍ଚିଥିଲା।

ଦୀପାବଳି ପୂର୍ବରୁ କୃଷି ମନ୍ତ୍ରଣାଳୟ ହିତାଧିକାରୀ ଚାଷୀଙ୍କୁ ସମ୍ମାନ ନିଧି ଟଙ୍କା ଦେବାକୁ ଯାଉଛନ୍ତି । ଏଥିପାଇଁ ମନ୍ତ୍ରଣାଳୟ କୃଷକମାନଙ୍କୁ ସେମାନଙ୍କର କେୱାଇସି କାର୍ଯ୍ୟ କରିବାକୁ କହିଛି। କୃଷି ମନ୍ତ୍ରଣାଳୟର ଅଧିକାରୀମାନେ ସଂପୃକ୍ତ ବିଭାଗ ମାଧ୍ୟମରେ ଗୁରୁବାର ଦେଶର ସମସ୍ତ କୃଷି ଅଧିକାରୀଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ଦେଶର ଅନେକ ହିତାଧିକାରୀ କୃଷକ ଏପର୍ଯ୍ୟନ୍ତ ସେମାନଙ୍କର କେୱାଇସି ଅପଡେଟ କରିନାହାଁନ୍ତି। ତେଣୁ ଯଥାଶୀଘ୍ର ଏହାର ଲାଭ ପାଇବାକୁ କେନ୍ଦ୍ର ସରକାର ସମସ୍ତ ଚାଷୀଙ୍କୁ ଆବଶ୍ୟକ ନିର୍ଦ୍ଦେଶାବଳୀ ପାଳନ କରିବାକୁ କହିଛନ୍ତି।

କୃଷି ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ ଡିପି ସିଂ କହିଛନ୍ତି, କୃଷକମାନଙ୍କୁ ୧୮ତମ କିସ୍ତି ପାଇଁ ଅଧିକ ସମୟ ଅପେକ୍ଷା କରିବାକୁ ପଡିବ ନାହିଁ । କିନ୍ତୁ ଏହି ଯୋଜନାର ଲାଭ ସେହି କୃଷକମାନଙ୍କ ପାଇଁ ଉପଲବ୍ଧ ହେବ, ଯେଉଁ କୃଷକମାନେ ଇ-କେୱାଇସି କରି ନାହାନ୍ତି ସେମାନେ ୧୮ତମ କିସ୍ତି ପାଇପାରିବେ ନାହିଁ । କୃଷି ମନ୍ତ୍ରଣାଳୟ ଅନୁଯାୟୀ, ଅନେକ କୃଷକ ଏପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଶେଷ କରିନାହାଁନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ଏହି ପ୍ରକ୍ରିୟା ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କିଷାନ ସମ୍ମାନ ନିଧି ଅଧୀନରେ ୧୭ଟି କିସ୍ତି ରିଲିଜ କରିଛନ୍ତି । ୧୭ତମ କିସ୍ତି ପାଇଁ ୨୦ ହଜାର କୋଟିରୁ ଅଧିକ ମୂଲ୍ୟର ପାଣ୍ଠି ମୁକ୍ତ କରାଯାଇଥିଲା । ଏହି ଅବଧିରେ ୯ କୋଟିରୁ ଅଧିକ ଚାଷୀ ପିଏମ କିଷାନ ସମ୍ମାନ ନିଧି ଯୋଜନାର ଲାଭ ପାଇଥିଲେ। ଏହାପୂର୍ବରୁ ୧୬ତମ କିସ୍ତି ସମୟରେ କେନ୍ଦ୍ର ସରକାର ୨୧ହଜାର କୋଟିରୁ ଅଧିକ ମୂଲ୍ୟର ପାଣ୍ଠି ଛାଡିଥିଲେ। ଏହି ଯୋଜନା ୨୦୧୯ରେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ। ଏଥିରେ କୃଷକମାନଙ୍କୁ ପ୍ରତିବର୍ଷ ତିନି କିସ୍ତିରେ ଛଅ ହଜାର ଟଙ୍କା ଦିଆଯାଏ।

# ପ୍ରତି ପଞ୍ଚାୟତରେ ହେବ ମଡେଲ ପ୍ରାଥମିକ ବିଦ୍ୟାଳୟ

**ଭୁବନେଶ୍ୱର, ୫।୯**
**ନ୍ୟୁଜ୍ ବ୍ୟୁରୋ**

ପ୍ରତି ପଞ୍ଚାୟତରେ ମଡେଲ ପ୍ରାଥମିକ ବିଦ୍ୟାଳୟ ହେବ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁଦିବସ ଅବସରରେ ଗୁରୁବାର ବଡ଼ ସୂଚନା ଦେଇଛନ୍ତି । ପ୍ରାଥମିକ ସ୍କୁଲକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତି ପଞ୍ଚାୟତରେ ଗୋଟିଏ ଗୋଟିଏ ମଡେଲ ସ୍କୁଲ ହେବ। ଏହାର ନାମ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ରହିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ଏଭଳି ୫ ଶହ ସ୍କୁଲ ନିର୍ମାଣ କରାଯିବ।



ପରବର୍ତ୍ତୀ ପର୍ଯ୍ୟାୟରେ ସବୁ ପଞ୍ଚାୟତରେ ଏଭଳି ସ୍କୁଲ ହେବ। ଏନେଇ ବଜେଟରେ ବ୍ୟୟବରାଦ ସମ୍ପର୍କିତ ବ୍ୟବସ୍ଥା ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଭଳି ସ୍କୁଲରେ ଆକର୍ଷଣୀୟ ବ୍ୟବସ୍ଥା (ପୃଷ୍ଠା ୭ରେ)

# ମହିଳା ଓ ଶିଶୁଙ୍କ ପ୍ରତି ଅପରାଧ ଘଟାଉଥିବା ଅପରାଧୀଙ୍କୁ କଠୋର ଦଣ୍ଡବିଧାନ

**ଭୁବନେଶ୍ୱର, ୫।୯**
**ନ୍ୟୁଜ୍ ବ୍ୟୁରୋ**

ମହିଳା, ଶିଶୁ ଓ ଦୁର୍ବଳ ଶ୍ରେଣୀଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଅପରାଧ ଘଟଣାରେ ସଂପୃକ୍ତ ଦୋଷୀଙ୍କୁ କଠୋର ଦଣ୍ଡବିଧାନ କରାଯିବ। ବର୍ତ୍ତମାନର ସରକାର ମହିଳା ଓ ଶିଶୁ ବିରୋଧୀ ହିଂସା ଅପରାଧ ଘଟଣାରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି।

ବାଲେଶ୍ୱର ଜିଲ୍ଲା ରେମୁଣାରେ ନାବାଳିକା ଧର୍ଷଣ ଓ ହତ୍ୟା ଘଟଣାକୁ ନେଇ ବିରୋଧୀ ଦଳ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ, ରେମୁଣା ଘଟଣାରେ ସଂପୃକ୍ତ ଦୋଷୀଙ୍କୁ ୬ ଘଣ୍ଟା ମଧ୍ୟରେ ଗିରଫ କରାଯାଇଛି ଏବଂ ଘଟଣାର ଅନୁସନ୍ଧାନ ଜାରି ରହିଛି। ପୀଡିତା ପରିବାରକୁ ନ୍ୟାୟ ଦେବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି। କଲିକତାର ଆରଜି କର ହସ୍‌ପିଟାଲ ଘଟଣା ପରେ ଓଡ଼ିଶାରେ ଡାକ୍ତରଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଏକ ଟାସ୍କଫୋର୍ସ ଗଠନ କରିବା ସହ ସମସ୍ତ ହସ୍‌ପିଟାଲ ପରିସରରେ ପୋଲିସ୍ ଫାଣ୍ଡି ଖୋଲିବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ପ୍ରସଙ୍ଗରେ ବିରୋଧୀ ଦଳରୁ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ତୁଷାରକାନ୍ତି ବେହେରା, ଗୌତମ ବୁଦ୍ଧ ଦାସ, ସୋଫିଆ ଫିର୍ଦୋଷ ଆଲୋଚନାରେ ଭାଗ ନେଇ ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା କ୍ଷେତ୍ରରେ ସଂପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ କରିଥିଲେ। ରେମୁଣା ଘଟଣାରେ ପୀଡିତା ପରିବାରକୁ ଏପର୍ଯ୍ୟନ୍ତ ସରକାରୀ ସହାୟତା ପ୍ରଦାନ କରାଯାଇ ନାହିଁ କି କୌଣସି ସରକାରୀ ଅଧିକାରୀ ଏବଂ ମନ୍ତ୍ରୀ ସେମାନଙ୍କ ପରିବାରକୁ ଭେଟିବାକୁ ଯାଇନାହାନ୍ତି ବୋଲି ବିରୋଧୀ ଦଳ ବିଧାୟକମାନେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଶାସକ ଦଳରୁ ବିଧାୟକ ଟଙ୍କଧର ତ୍ରିପାଠୀ, ସନ୍ତୋଷ ଖଟୁଆ, ସନାତନ ବିଜୁଳି, ମାନସ କୁମାର ଦତ୍ତ ଦୃଷ୍ଟି ଆକର୍ଷଣକାରୀ ନୋଟିସ୍ ଆଲୋଚନାରେ ଭାଗ ନେଇ ବିରୋଧୀ ଦଳର ଅଭିଯୋଗକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଥିଲେ।

## ସରକାରଙ୍କୁ ସୁପାରିସ କଲା ସେନା
## ଅଗ୍ନିପଥ ଯୋଜନାରେ ଆସିବ ପରିବର୍ତ୍ତନ

**ନୂଆଦିଲ୍ଲୀ, ୫।୯**

ଭାରତୀୟ ସେନାରେ ନିଯୁକ୍ତି ନେଇ କେନ୍ଦ୍ର ସରକାର ଆଣିଥିବା ଅଗ୍ନିପଥ ଯୋଜନାର ହେବ ପରିବର୍ତ୍ତନ। ଆଗକୁ ଏହି ଯୋଜନାରେ କିଛି ପରିବର୍ତ୍ତନ ହେବା ନେଇ ବିଶେଷ ସୂତ୍ରରୁ ପ୍ରକାଶ ପାଇଛି ।

ପ୍ରତିରକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଅଗ୍ନିପଥ ନିଯୁକ୍ତିରେ ସଂରକ୍ଷଣ ଶତକଡ଼ା ବୃଦ୍ଧି କରିବା ସହିତ ଅଧିକ ଯବାନଙ୍କ ଚାକିରି କାଳ ବୃଦ୍ଧି କରିବାକୁ ଯୋଜନା ଚାଲିଛି । ଅଗ୍ନିପଥ ଯୋଜନାର ସାମଗ୍ରିକ ଗଠନ ଏବଂ ଲାଭରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖି ଏହି ବ୍ୟବସ୍ଥା ଅଣାଯାଉଛି । ପ୍ରତିରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ (ପୃଷ୍ଠା ୭ରେ)

## ଏକାଳ ସକାଳ



କେଜାଣି କେବେ ଯେ କେତେବେଳେ ହେବ
ବାବୁଙ୍କ ମନରେ ଶଙ୍କା
ଜନତାକୁ ଲୁଟି ଝୁଣି ଖାଉଥିଲେ
କରିଥିଲେ ସୁନାଟଙ୍କା
ଏବେ ପଛରେ ଘଷିକିଲଙ୍କା
ସର୍କାର ଲିଷ୍ଟ ବନେଇ ବନେଇ
ଆଙ୍ଗୁଠି କରିବେ ବଙ୍କା।

# ୨୦୨୩ରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ଜୀବନ ହରାଇଛନ୍ତି ୫ ହଜାରରୁ ଅଧିକ ଲୋକ



**ଭୁବନେଶ୍ୱର, ୫।୯**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବଢୁଛି ସଡ଼କ ଦୁର୍ଘଟଣା ସଂଖ୍ୟା ।୨୦୨୩ରେ ୧୨,୦୫୨ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୫,୬୯୬ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ୧୦ ହଜାର ୪୧୯ ଜଣ ଆହତ ହୋଇଛନ୍ତି। ବିଧାୟକ ସନାତନ ମହାକୁଡଙ୍କ ଏକ ପ୍ରଶ୍ନର ଉତ୍ତରରେ ସଡ଼କ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି।

୨୦୨୩ରେ ସଡ଼କ ଦୁର୍ଘଟଣାରେ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୪୪୮ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୩ରେ ସୁନ୍ଦରଗଡ଼ ଜିଲ୍ଲାରେ ୮୮୫ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୬୭୧ ଜଣ ଆହତ ହୋଇଛନ୍ତି।

ଏହି ବର୍ଷ ଗଞ୍ଜାମରେ ୭୮୧ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୪୨୨ ଜଣଙ୍କ ମୃତ୍ୟୁ ଘଟିଛି ଓ ୫୯୯ ଜଣ ଆହତ ହୋଇଛନ୍ତି। କେନ୍ଦୁଝରରେ ୭୫୫ଟି ଦୁର୍ଘଟଣା ଘଟିଥିବା ବେଳେ ୩୯୯ ଜଣ ମରିଛନ୍ତି ଓ ୬୮୯ ଜଣ ଆହତ ହୋଇଛନ୍ତି। ଖୋର୍ଦ୍ଧାରେ ୧୧୮୪ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୩୮୫ ଜଣଙ୍କ ମୃତ୍ୟୁ ଘଟିଛି। ୯୮୮ ଜଣ ଆହତ ହୋଇଛନ୍ତି । ମୟୂରଭଞ୍ଜରେ ୬୩୪ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ (ପୃଷ୍ଠା ୭ରେ)




ତୁମେ ଯଦି ଜଣେ ଅପରାଧୀକୁ ଅପରାଧ ଘଟାଇବା ପୂର୍ବରୁ ସାହାଯ୍ୟ କରିବ ତେବେ ତୁମେ ତାର ସାଥୀ, ଆଉ ଯଦି ସେ ଅପରାଧ ଘଟାଇବା ପରେ ସାହାଯ୍ୟ କରିବ ତେବେ ତୁମେ ଜଣେ ଓକିଲ ।

*ସୌଜନ୍ୟ : ସୋସିଆଲ ମିଡିଆ*





# ବହୁବିଧ ସମସ୍ୟା ଭିତରେ କେନ୍ଦୁଝର ସହରବାସୀ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରଗଡ଼ ପୌରପାଳିକା ବହୁ ଆଡମ୍ବର ସହକାରେ ନିଜର ଦମ୍ ଦେଖାଇବା ପାଇଁ ସ୍ୱାୟତ ଶାସନ ଦିବସ ପାଳନ କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସହରର ଲୋକଙ୍କ ସମସ୍ୟାକୁ ଅଣଦେଖା କରୁଛି । ପୌରପାଳିକା ତରଫରୁ ଫୁଲ ସଜାଇ, ଅଲୋକୀକରଣ କରାଯାଇ, ବଡ଼ ବଡ଼ ତୋରଣ କରି, ଡିଜେ ବଜାଇ ନାଚ ଗୀତ ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରୁଛି । ସେପଟେ ଭୋଜି ଭାତରେ ମସ୍‌ଗୁଲ ହେଉଛନ୍ତି ପୌର କର୍ମଚାରୀ । ସତେ ଯେମିତି ଏ ପର୍ବ ଲୋକଙ୍କ ସମସ୍ୟା ଦୂର କରିବା ଠାରୁ ବହୁତ ଜରୁରୀ । ଏ ସବୁ ଖର୍ଚ୍ଚ ପାଇଁ ଲକ୍ଷ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇପାରୁଛି ହେଲେ ଲୋକଙ୍କ ପାଇଁ ଡ୍ରେନ୍ ନିର୍ମାଣ, ଅଳିଆ ଆବର୍ଜନା ପରିଚାଳନା, ରାସ୍ତା ନିର୍ମାଣ ପାଇଁ ପୌରପାଳିକା ପାଖରେ ଟଙ୍କାର ଅଭାବ ରହୁଛି । ବିଭିନ୍ନ ସ୍ଥାନରେ କୋଟି କୋଟି ଟଙ୍କାରେ ନିର୍ମାଣ ହୋଇଥିବା ପାର୍କ ଭିତରେ ଲାଗିଥିବା ଖେଳ ସାମଗ୍ରୀ ସବୁ ଭାଙ୍ଗି ଯାଇଥିବା ବେଳେ ସେସବୁର ମରାମତି କରାନଯାଇ ଦଉଡ଼ି, ରବର ଜରି ବାନ୍ଧି କବର ଦିଆଯାଉଛି, କିନ୍ତୁ ମରାମତି ଦିଗରେ ଆଦୌ ଆଗ୍ରହ ପ୍ରକାଶ କରାଯାଉନାହିଁ । ପାର୍କମାନଙ୍କରେ ପିଲା ଖେଳିବା ପାଇଁ ୫ ଟଙ୍କା ଆଦାୟ କରାଯାଉଛି, ସିକ୍ୟୁରୀଟି ନିୟୋଜିତ ହୋଇଛନ୍ତି ସତ ହେଲେ କୌଣସି ଖେଳ ସାମଗ୍ରୀର ରକ୍ଷଣାବେକ୍ଷଣ ଦିଗରେ ଧ୍ୟାନ ଦିଆ ଯାଉନାହିଁ । ରାସ୍ତା ପାର୍ଶ୍ୱରେ ହେଉ କି ପରିବା ବଜାର କଡ଼ରେ, ଏପରିକି ସବୁ ଗଳି କନ୍ଦିରେ କୁଢ଼ କୁଢ଼ ଆବର୍ଜନା ଗଦା ହୋଇଛି । ପୌର ସ୍ୱଚ୍ଛ ସବାରି କର୍ମୀ ଲୋକଙ୍କ ପାଖରୁ ମାସିକିଆ ୨ରୁ ୫୦ ଟଙ୍କା ବକ୍‌ସିସ୍ ନେଉଛନ୍ତି । କିନ୍ତୁ ଅଧିକ ଆବର୍ଜନା ହେଲେ ନେବାକୁ ରାଜି ହେଉ ନାହାନ୍ତି । ବଡ଼ ବଡ଼ ଦୋକାନୀ ରାସ୍ତା ଉପରକୁ ମାଡି ବହୁତଳ ପ୍ରାସାଦ ନିର୍ମାଣ କରି ଲକ୍ଷ ଲକ୍ଷ ଟଙ୍କା ଭଡ଼ା ନେଉଛନ୍ତି ହେଲେ ଲୋକେ ଚାଲିବା ପାଇଁ ଥିବା ରାସ୍ତା ଜବରଦଖଲ କରିଛନ୍ତି ବେପାରୀ । ସେମାନଙ୍କ ଠାରୁ ମସିକିଆ ନେଇ ତାଙ୍କୁ ଉଠାଇବାର ସାହାସ ଜୁଟାଇ ପାରୁନି । ଖାଲି ନିରୀହ ଲୋକଙ୍କୁ ଜୁଲୁମ୍ କରି ହୋଲ୍‌ଡିଂ ଟ୍ୟାକ୍ସ ବଢ଼ାଇ ବା ଜାଗା ମାପ କରି ବିଭିନ୍ନ ଆଇନର ଆଳ ଦେଖାଇ ଆଦାୟ କରିବାରେ ଲୋକଙ୍କୁ ନାଲି ଆଖି ଦେଖାଉଛି । କେନ୍ଦୁଝରଗଡ଼ ପୌରପାଳିକା ଭିତରେ ସେମିତି କିଛି ଆଖି ଦୃଶିଆ ଉନ୍ନତି ହୋଇଥିବା ଆଜି ଯାଏ ନଗରବାସୀ ଦେଖି ପାରିଲେ ନାହିଁ । ଯୁଆଡ଼େ ଅନେଇବେ କେବଳ ସମସ୍ୟା ହିଁ ସମସ୍ୟା, କେଉଁଠି ରାସ୍ତା ନାହିଁ ତ କେଉଁଠି ଡ୍ରେନ୍ ଜଳ ଘରେ ପଶୁଚି, କେଉଁଠି ମଶା ବଂଶ ବୃଦ୍ଧି ପାଇ ଉତ୍କୃଷ୍ଟ ନାଳ ନାର୍ଦ୍ଦମା ଭର୍ତ୍ତି । ଏପରି ସ୍ଥଳେ ଲୋକଙ୍କ ସମସ୍ୟା ସମାଧାନରୁ ଦୂରେଇ ଯାଇ କେବଳ ପୌର କର୍ମଚାରୀ ଓ କାଉନସିଲରଙ୍କ ଗହଣରେ ଭୋଜି ଭାତରେ ମାତିବା ସହ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମହୋତ୍ସବ ମନେଇବା କେତେ ଜରୁରୀ ତାହା ଲୋକେ ଭଲ ଭାବରେ ପରଖିବେ ।

## ଦମ୍ପତିଙ୍କୁ ଦଳିଦେଲା ଦନ୍ତା

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ରେଞ୍ଜ ଅଧୀନରେ ଥିବା ଚାବିରିପାଲି ଗ୍ରାମରେ ଦନ୍ତାହାତୀ ଆକ୍ରମଣରେ ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଗ୍ରାମର ନୀଳାମ୍ବର ବରିହା ଗତ ରାତିରେ ଖାଇ ସାରି ପରିବାର ସହ ଶୋଇଥିଲେ । ବିଳମ୍ବିତ ରାତିରେ ଗ୍ରାମକୁ ଦନ୍ତାହାତୀ ଆସିଥିଲା । ନୀଳାମ୍ବରଙ୍କ ଘରକୁ ହାତୀ ଭାଙ୍ଗିଦେଇ ଧାନ ଚାଉଳ ଖାଇବା ସହ ଘରେ ଶୋଇଥିବା ଦମ୍ପତିଙ୍କୁ ଆକ୍ରମଣ କରି ଦଳି ଦେଇଥିବା ଜଣାପଡ଼ିଛି । ମୃତ ଦମ୍ପତି ହେଲେ ନୀଳାମ୍ବର ବରିହା, ଯଶୋବନ୍ତୀ ବରିହା ।

# ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ । ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଅଞ୍ଚଳରେ ଘଟିଛି ଏଭଳି ଏକ ଲଜ୍ଜାଜନକ ଘଟଣା । ଆଜି ସକାଳୁ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି । ଉଦ୍ଧାର ଯୁବତୀ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି । ୩ ଦିନ ତଳେ ଯୁବତୀ ଜଣକ ନିଖୋଜ ହୋଇଯାଇଥିଲେ । ତାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରି ଜଙ୍ଗଲ ଭିତରେ ପକାଇ ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଯୁବତୀ ଜଣକ ଗତ ଶୁକ୍ରବାର ଦିନ ଘର ନିକଟ ଏକ ନାଳକୁ ଗାଧୋଇବାକୁ ଯାଇଥିଲେ । ଏହାପରେ ସେ ଆଉ ଫେରି ନଥିଲେ । ପରିବାର ଲୋକେ ଖୋଜାଖୋଜି କରିବାକୁ ନାଳ ନିକଟରେ ଯୁବତୀଙ୍କ ଚପଲ, କପଡ଼ା ଓ ମୋବାଇଲ ପଡ଼ିଥିବା ଦେଖିବାକୁ ପାଇଥିଲେ । ଏହାକୁ ନେଇ ଯୁବତୀଙ୍କ ପରିବାର ଲୋକେ ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ । ନିଖୋଜର ୩ ଦିନ ପରେ କିଛି ମହିଳା ବିଲକୁ ଯାଉଥିବାବେଳେ ଦୁର୍ଗନ୍ଧ ବାରି ପାଖକୁ ଯିବାରୁ ଯୁବତୀଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଖବର କରିଥିଲେ । ପୋଲିସ ସୂଚନା ପାଇବା ପରେ ଘଟଣାସ୍ଥଳରେ ଆସି ଛାନ୍‌ବିନ୍ ଆରମ୍ଭ କରିଥିଲା । ମାମଲାରେ ହରିହର ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି ପୋଲିସ । ଯୁବତୀଙ୍କ ମୃତଦେହ ମିଳିବା ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ଅଭିଯୁକ୍ତ ହରିହରଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକେ ନାକଟିଦେଉଳରୁ ଅନୁଗୁଳ ରାସ୍ତା ଅବରୋଧ କରିଥିଲେ ।

## ଟ୍ରକ୍‌କୁ ପିଟିଲା ଟ୍ରକ୍ : ହେଲପର ମୃତ, ଡ୍ରାଇଭର ଗୁରୁତର

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ପଥରବନ୍ଧ ଛକ ନିକଟରେ ଗୁରୁବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଟ୍ରକ୍‌କୁ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ପିଟିବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲା ଏନ୍‌ଏଚ୍‌-୧୬ ଟାଙ୍ଗୀ ପଥରବନ୍ଧ ଛକ ନିକଟରେ ଗୁରୁବାର ସକାଳେ ଏକ ଟ୍ରକ୍ ଛିଡ଼ା ହୋଇଥିଲା । ହେଲପର ଜଣକ ଗାଡ଼ିର ଟାୟାର ବଦଳାଉଥିଲେ । ଉକ୍ତ ସମୟରେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ହେଲପରଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭରଜଣକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି ।

ଖବର ପାଇ ପୁଲିସ୍ ତଥା ସ୍ଥାନୀୟ ଲୋକେ ପହଞ୍ଚିଥିବା ବେଳେ ଗୁରୁତର ଡ୍ରାଇଭରଙ୍କୁ ଖୋର୍ଦ୍ଧା ମେଡିକାଲ ସ୍ଥାନାନ୍ତର କରାଯାଇଛି । ତାଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡ଼ିଛି ।

# ଗରୁଡ଼ବନ୍ଧୀରେ ଝାଡ଼ାବାନ୍ତି : ଜଣେ ମୃତ, ୩ ଗୁରୁତର

**ଭୁବନ, ନ୍ୟୁଜ୍‌ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅଧୀନ ଅର୍ଦ୍ଧଶିକ୍ଷିତ ମୁଣ୍ଡା ବସ୍ତିରେ ବ୍ୟାପିଛି ଝାଡ଼ାବାନ୍ତି । ଆକ୍ରାନ୍ତ ହୋଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ବାଲିବୋ ପଞ୍ଚାୟତ ଗରୁଡବନ୍ଧି ମୁଣ୍ଡାସାହିରେ ବାସ କରନ୍ତି ଚିତ୍ତ ମୁଣ୍ଡା । ଭଦ୍ରକ ଜିଲ୍ଲା ବଗଧରା ଗ୍ରାମକୁ ନିଜ ଭଉଣି ଘରକୁ ଚିତ୍ତ ମୁଣ୍ଡାଙ୍କ ୩ଝିଅ କଣ୍ଢେଇ ମୁଣ୍ଡା, ନନ୍ଦିତା ମୁଣ୍ଡା, ଲିଲି ମୁଣ୍ଡା ସହ ପଡୋଶୀ ଝରଣା ଦେହୁରୀ ଧାନ ତଳି ରୋଇବାକୁ ଯାଇଥିଲେ । ସେଠାକାର ଜଣେ ଝିଅ ରୂପାଲି ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିଲେ । ଏହି ୪ଜଣ ମଧ୍ୟ ଆକ୍ରାନ୍ତ ହୋଇଥିଲେ । ପରିବାର ଲୋକ ସେମାନଙ୍କୁ ଶୁକ୍ରବାର ରାତିରେ ଗାଁକୁ ଆଣିଥିଲେ । କଣ୍ଢେଇ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଭୁବନ ପରେ ଢେଙ୍କାନାଳ ସ୍ଥାନାନ୍ତର କରାଯାଇଥିଲା । ଢେଙ୍କାନାଳରୁ କଟକ ରେଫର ହୋଇଥିଲେ ବି କଣ୍ଢେଇକୁ କଟକ ନିଆ ନଯାଇ ଘରକୁ ଫେରାଇ ଆଣିଥିଲେ । ଗୁରୁତର ଅବସ୍ଥାରେ ପୁଣି ଡୁବୁରୀସ୍ଥିତ ଟାଟା ମେଡିକୋକୁ ସ୍ଥାନାନ୍ତର କରାଯାଇଛି ।

ଅପରପକ୍ଷେ କଣ୍ଢେଇର ବିବାହିତ ଭଉଣି ନମିତାଙ୍କ ଶାଶୁ ସୁକାନ୍ତି ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଗିରିଙ୍ଗା ବହାଳି ଗ୍ରାମରୁ କଣ୍ଢେଇକୁ ଦେଖିବାକୁ ଆସିଥିଲେ । ସୁକାନ୍ତି (୫୨) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋବାରୁ ତାଙ୍କୁ କାମାକ୍ଷାନଗର ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ମୃତ ହୋଇଥିଲା । ଗ୍ରାମର ମଧା ମୁଣ୍ଡାଙ୍କ ବୋହୂ କମଳି ମୁଣ୍ଡା (୧୯)ଙ୍କୁ ଗୁରୁତର ଅବସ୍ଥାରେ ସୁକିନ୍ଦା ଡାକ୍ତରଖାନାରେ ଆଜି ସକାଳୁ ଭର୍ତ୍ତି କରାଯାଇଛି । ଅନ୍ୟତମ ଯୁବକ ଅଜୟ ମୁଣ୍ଡା (୨୫)ଙ୍କୁ ପ୍ରଥମେ ସୁକିନ୍ଦା ପରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

ଖବର ପାଇ ମଠକରଗୋଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରି ଶ୍ୟାମ ସୁନ୍ଦର ସାହୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ବିଳାସିନୀ ମିଶ୍ର, ଆଶା କର୍ମୀ ସୌଦାମିନୀ ସାହୁ ଘଟଣାସ୍ଥଳରେ ପହଞ୍ଚି ପାଣି ନମୁନା ସଂଗ୍ରହ କରିବା ସହ ଡାକ୍ତରୀ ସେବା ଯୋଗାଇ ଦେଇଛନ୍ତି ।

# ଦାନଗଦି ତହସିଲ ଜବରଦଖଲ କାରୀଙ୍କ ଭୂସ୍ୱର୍ଗ ପାଲଟିଛି : ପ୍ରଶାସନ ନିରବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କଳିଙ୍ଗନଗର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଜବରଦଖଲ ଉଚ୍ଛେଦ ପାଇଁ ଏବେ ମୋହନ ସରକାର ନିୟମକୁ କଡ଼ାକଡ଼ି କରିଛନ୍ତି । ଏପରିକି ସରକାର ଜମିରୁ ଜବରଦଖଲ ତୁରନ୍ତ ହଟାଇବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମାଫିଆମାନେ ବେଆଇନ ଜବରଦାଖଲ କରି ନିର୍ମାଣ କରିଥିବା ଘରକୁ ବୋଲ୍‌ଡୋଜର ଲଗାଇ ନିଜ ଅଧୀନକୁ ନେଉଛନ୍ତି । ଓଡ଼ିଶାରେ ଅନେକ ସ୍ଥାନରେ ମାଫିଆମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଉଥିଲା ବେଳେ ଦାନଗଦି ବ୍ଲକ୍‌ରେ ହାତବାନ୍ଧି ବସିଥିବା ଚର୍ଚ୍ଚା ଜୋର ଧରୁଛି । ହେଲେ ଏହି ନିୟମ କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରଶାସନ ତରଫରୁ କାର୍ଯ୍ୟକାରିତା ହେଉନଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି । କାରଣ ଯାଜପୁର ଜିଲ୍ଲା ଦାନଗଦି ତହସିଲ କାର୍ଯ୍ୟାଳୟକୁ ଲାଗିଥିବା ସିଙ୍ଗାଗାଡ଼ିଆ ଛକରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସ ଉଚ୍ଛେଦ ପରେ ପୁଣି ଜବରଦଖଲ କରିବା ଘଟଣା ଦାନଗଦି ତହସିଲ ଅଧିକାରୀଙ୍କ ପାରିବା ପଣିଆକୁ ପଦାରେ ପକାଇଛି । କାରଣ ଉଚ୍ଛେଦ ସମୟରେ ମାର୍କେଟ କମ୍ପ୍ଲେକ୍ସକୁ ସମ୍ପୂର୍ଣ୍ଣ ଭଙ୍ଗା ଯାଇ ନ ଥିବା ଦେଖାଯାଇଥିଲା । ଏବେ ଏହାର ସୁବିଧା ହାତେଇଛି ଜବରଦଖଲକାରୀ । କାରଣ ପୁଣି ଭଙ୍ଗା ଅଂଶକୁ ଇଟାରେ ଯୋଡ଼ାଯାଇ କବାଟ ଲଗାଇବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ହୋଇଛି । ଅପରପକ୍ଷରେ ସିଙ୍ଗାଗାଡ଼ିଆ ଛକରେ ଜବରଦଖଲକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ କଳିଙ୍ଗନଗର-ଯାଜପୁରରୋଡ଼ ମୁଖ୍ୟ ରାସ୍ତା ସଂକୁଚିତ ହେଉଛି । ଫଳରେ ଏଠାରେ ଦୁର୍ଘଟଣା ବଢୁଛି । ଏଠାକାର ଜବରଦଖଲ କାରୀମାନେ ସର୍ବାଧିକ ଅଣ ଓଡ଼ିଆ । ମୁଖ୍ୟତଃ ଜବରଦଖଲ କାରୀମାନେ ସ୍ଥାନୀୟ ପ୍ରଶାସନକୁ ମୋଟା ଅଙ୍କର ବଟି ଦେଇ କଳିଙ୍ଗନଗର ମୁଖଶାଳାରେ ଥିବା ଏହି ଜମିକୁ (ସିଙ୍ଗଗାଡ଼ିଆ ଛକ ଜମି) ଜବରଦଖଲ କରିବାରେ ସଫଳ ହେଉଛନ୍ତି । ଏଥିରେ ତହସିଲ ଅଧିକାରୀ, ସୁପରଭାଇଜର, ଆରଆଇ ଏବଂ କିଛି ଅସାଧୁ କର୍ମଚାରୀ ଅଧିକ ସନ୍ଦେହ ଘେରକୁ ଟାଣି ହୋଇ ପଡୁଛନ୍ତି । ଯାହାକି ସିଙ୍ଗାଗାଡ଼ିଆ ଛକରେ ଏହି ମାର୍କେଟ କମ୍ପ୍ଲେକ୍ସଟି ବେଆଇନି ଭାବେ ନିର୍ମାଣ କରାଯାଇଥିବା ସମ୍ପର୍କରେ ବାରମ୍ବାର ଖବର ପ୍ରସାରଣ ପରେ ତହସିଲ ପ୍ରଶାସନର ଚେତା ଫେରିଥିଲା । କାରଣ ମାର୍କେଟ କମ୍ପ୍ଲେକ୍ସ ଭଡ଼ା ଦେଇ ସମ୍ପୃକ୍ତ ଜବରଦଖଲ କାରୀ ଲକ୍ଷାଧିକ ଟଙ୍କା ହାତେଇ ନେଉଥିଲା । ଜଣେ ବ୍ୟକ୍ତି ଏହି ମାର୍କେଟ କମ୍ପ୍ଲେକ୍ସର ମାଲିକ ଥିଲା । ଗତ ୨୦୨୨ ଅକ୍ଟୋବର ୨୮ ତାରିଖରେ ସମ୍ପୃକ୍ତ ଜବର-ଦଖଲକାରୀଙ୍କୁ ସେଠାରୁ ହଟିଯିବାକୁ ତହସିଲ କାର୍ଯ୍ୟାଳୟରୁ ଏକ ମାସିଆ ନୋଟିସ ଜାରି ହୋଇଥିଲା । କିନ୍ତୁ ଜବରଦଖଲରୁ ନ ହଟି ପ୍ରଶାସନର ନୋଟିସକୁ ଜବରଦଖଲକାରୀ ବ୍ୟକ୍ତି ଜଣକ ଫୁ କରି ଉଡ଼ାଇ ଦେଇଥିଲା । ଯେହେତୁ ଏହା ସରକାରୀ ଜମି, ନୋଟିସ ପରେ ବି ଜବରଦଖଲକାରି ସେଠାରୁ ନ ହଟି ଚୁପ୍ ରହିଥିଲା । ଏ ସମ୍ପର୍କରେ ବାରମ୍ବାର ଖବର ପ୍ରସାରଣ ପରେ ତହସିଲ ଅଧିକାରୀ ଅଡୁଆରେ ପଡ଼ିଥିଲେ । ତେଣୁ ବାଧ୍ୟ ହୋଇ ତହସିଲ ପ୍ରଶାସନ ଗତ ୨୦୨୨ ଡିସେମ୍ବର ୧୪ ତାରିଖରେ ଉକ୍ତ ଜମିରୁ ମାର୍କେଟ କମ୍ପ୍ଲେକ୍ସ ଉଚ୍ଛେଦ କରିବାକୁ ଆଗେଇ ଆସିଥିଲା । ଆଶା କରାଯାଇଥିଲା ୫୦୦୦ ବର୍ଗ ଫୁଟର ନିର୍ମାଣ ହୋଇଥିବା (ମାର୍କେଟ କମ୍ପ୍ଲେକ୍ସ ଏବଂ ବାସଗୃହ) ଘରକୁ ସମ୍ପୂର୍ଣ୍ଣ ଭଙ୍ଗା ଯାଇ ଉଚ୍ଛେଦ କରାଯିବ । କିନ୍ତୁ ଏହା ହୋଇ ନ ଥିଲା । ମାର୍କେଟ କମ୍ପ୍ଲେକ୍ସ ସାମ୍ନାରୁ ଜେସିବି ଦ୍ୱାରା କିଛି ଅଂଶ ଭାଙ୍ଗି ପ୍ରଶାସନ ଫେରିଯିବା ଘଟଣା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ସେତେବେଳେ ସନ୍ଦେହ ଉପୁଜିଥିଲା । ଏବେ ମୋହନ ସରକାରଙ୍କ ନିୟମ ଏଠାରେ ପ୍ରଶାସନ କେତେଦୂର କାର୍ଯ୍ୟକାରୀ କରିବେ ତାହା ବାକି ରହିଲା । ଦାନଗଦି ତହସିଲ ଅଞ୍ଚଳ ରେ ବେଆଇନ ଭାବେ ଜବର ଦାଖଲ କାରୀଙ୍କ ପଦ୍ଭୁଭାବ ବୃଦ୍ଧି ପାଇବାରେ ଲାଗିଛି । ସାରକାରୀ ଜମି କୁ ବେଆଇନ ଦାଖଲକାରୀଙ୍କ କବଳରୁ ଦେଖଲ କରି ସରକାରୀ ଖାତାକୁ ନେବାକୁ ସାଧାରଣରେ ଦାବି ହେଉଛି ।

## ଧେୟାଞ୍ଚଳ ସମସ୍ୟା ସମାଧାନ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜୁ ଜନତା ଦଳ ଧେୟାଞ୍ଚଳର ୩ଟି ପଞ୍ଚାୟତବାସୀଙ୍କ ତରଫରୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ନବନିର୍ବାଚିତ ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, ଜିଲ୍ଲା ବ୍ଲକ ଅଧକ୍ଷ ସଂଘର ସଭାପତି ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଛି । ବିଜେଡି ନେତା ଚିତ୍ତ ରଂଜନ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ରଶ୍ମି ରଂଜନ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କେନ୍ଦ୍ରାପଡା ବିଧାୟକଙ୍କୁ ଧେୟାଞ୍ଚଳର ବିଭିନ୍ନ ସମସ୍ୟା ଓ ଚାଷୀଙ୍କର ଅସୁବିଧା ସଂପର୍କରେ ଆଲୋଚନା କରାଯାଇ ଥିଲା । ବିଧାୟକ ଶ୍ରୀ ବେହେରା ଏହି ସମସ୍ୟା ଗୁଡିକୁ ବିଧାନସଭାରେ ଉଠାଇ ସମାସ୍ୟାଗୁଡିକୁ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଆୟୋଜିତ ଏହି ସଭାରେ କେନ୍ଦ୍ରାପଡ଼ା ବ୍ଲକ ସଭାପତି ଆଲୋକ ସାହୁ, ସରପଞ୍ଚ କଳ୍ପନା ଜେନା, ସମିତିସଭ୍ୟ ସସ୍ମିତା ଜେନା, ବୃନ୍ଦାବନ ମଲିକ, ସଂଜୀବ ମଲିକ, ଉଲ୍ଲାସ ମଲିକ, ନିରନ ସୁନ୍ଦରା, ଧନେଶ୍ୱର ପ୍ରଧାନ, ରମାକାନ୍ତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ବହୁ ସଂଖ୍ୟକ ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଜବରଦଖଲକୁ ନେଇ ତହସିଲ କାର୍ଯ୍ୟାଳୟ ଘେରିଲେ ପଞ୍ଚାୟତବାସୀ

**ତିହିଡ଼ି, ନ୍ୟୁଜ୍‌ବ୍ୟୁରୋ**



ଭଦ୍ରକ ଜିଲ୍ଲା ତିହିଡି ତହସିଲ ଅଧୀନ ତାଳପଦା ପଞ୍ଚାୟତବାସୀ ତିହିଡି ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ । ସରକାରୀ ରାସ୍ତାକୁ ଜବରଦଖଲ କରି ଜଣେ ପ୍ରଧାନ ଶିକ୍ଷକ ନିର୍ମାଣ କରିଥିବା କୋଠାଘର ଉଚ୍ଛେଦ ଦାବିରେ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରୁ ବିଲଣା ଆରଡି ରୋଡ୍ ଭାୟା ତାଳପଦା ରାସ୍ତାର ମଧ୍ୟଭାଗକୁ ଅବରୋଧ କରି ଜଣେ ପ୍ରଧାନ ଶିକ୍ଷକ କୋଠାଘର ନିର୍ମାଣ କରିଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି । ଫଳରେ ତାଳପଦା ସମେତ ବିଲଣା, ତଳଗୋପବିନ୍ଧା ପ୍ରମୁଖ ପଞ୍ଚାୟତ ବାସୀଙ୍କ ଯାତାୟତରେ ସମସ୍ୟା ଉପୁଜୁଛି । ଏପରିକି ସ୍କୁଲ ଛାତ୍ରୀଛାତ୍ର ମଧ୍ୟ ଯାତାୟାତରେ ଦୁର୍ଦ୍ଦଶା ଭୋଗୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପଞ୍ଚାୟତବାସୀ ଏହାକୁ ନେଇ ହାଇକୋର୍ଟର ଦ୍ୱାରସ୍ଥ ହେବା ପରେ କୋର୍ଟ ପକ୍ଷରୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା । ବର୍ତ୍ତମାନ ଏହା କାର୍ଯ୍ୟକାରୀ ହେବାରେ ବିଳମ୍ବ ଘଟିଛି । ଏହାର ପ୍ରତିବାଦରେ ୱାର୍ଡସଦସ୍ୟା ଜୟନ୍ତୀ ବେହେରା, ତାପସ ବେହେରା, ବିଦ୍ୟାଧର ଦାସ, ଦୁଃଖିଶ୍ୟାମ ଜେନା, ଅଞ୍ଜନା ଦଳେଇ, ଗୀତାରାଣୀ ଜେନା ପ୍ରମୁଖଙ୍କ ସହ ଶତାଧିକ ପଞ୍ଚାୟତ ବାସୀ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ । ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ସପ୍ତାହକ ମଧ୍ୟରେ ରାସ୍ତାର ମାପଚୁପ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

# ଚାଷୀ ମଉସାଙ୍କ ଗୁହାରୀ ଶୁଣି ଫେରିଗଲେ ବଣୁଆ ହାତୀ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**



କିଏ କହିଲା ବଣୁଆ ହାତୀ କଥା ମାନନ୍ତିନି ? କିଏ କହିଲା ଗରିବ ଓ ଦୁଃଖୀ ଚାଷୀର ପେଟର ଯନ୍ତ୍ରଣା ଅନୁଭବ କରିପାରେନି ହାତୀ ? ଲୋକଙ୍କ ମନ ଭିତରେ ଥିବା ଏପରି ଧାରଣା ଭୁଲ୍ ? ପ୍ରମାଣିତ ହୋଇଛି । ଜଣେ ଗରିବ ଚାଷୀ ମାଉସାଙ୍କ ଆକୁଳ ନିବେଦନକୁ ଶୁଣିଥିଲେ ହାତୀ ପଲ । ଆଉ ତାଙ୍କ ଫସଲ ନଷ୍ଟ ନକରି ହିଡ଼ ମୂଳରୁ ଫେରି ଯାଇଥିଲେ । ଆଜି ଏପରି ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ସଦର ରେଞ୍ଜ ଅଞ୍ଚଳରେ । ୯ଟି ଜଙ୍ଗଲୀ ହାତୀ କେନ୍ଦୁଝର ସଦର ରେଞ୍ଜରେ ଥିବା ଜଙ୍ଗଲରେ ରହୁଛନ୍ତି । ରବିବାର ପୂର୍ବାହ୍ନରେ ହାତୀ ପଲ ଦେଓବନ୍ଧ ଗାଁରେ ପଶିଥିଲେ । ହାତୀଙ୍କୁ ଦେଖି ଚାଷୀ ଓ ଗାଁ ଲୋକେ ଘଣ୍ଟା, ଢୋଲ ଓ ବାଜା ବଜାଇଥିଲେ । ହେଲେ ହାତୀ ପଲ କିଛି ଶୁଣିନଥିଲେ । ହାତୀମାନେ ଗ୍ରାମ୍ୟ ଜଙ୍ଗଲରୁ ବାହାରୀ ଚାଷ ଜମିକୁ ଖାଇବା ପାଇଁ ଯାଉଥିବା ବେଳେ ଜଣେ ବୟସ୍କ ଚାଷୀ ହାତ ଯୋଡ଼ି କୁକୁତି ମିନତୀ ହୋଇଥିଲେ । ହାତୀମାନଙ୍କୁ ଅନାଇ ଚାଷୀ ଜଣକ ହାତ ଯୋଡ଼ି କହିଥିଲେ, ମାଆ ଠାକୁରାଣୀ... ବିଦାୟ କରନ୍ତୁ... ବାସ୍, ଯା... ମହାପ୍ରଭୁ ଯା... ।

ଏତିକିରେ ଅଟକି ଯାଇଥିଲେ ହାତୀ ପଲ । ଆଉ ଆଗକୁ ବଢ଼ିନଥିଲେ । ବୋଧହୁଏ ହାତୀ ପଲ ଶୁଣିପାରିଥିଲେ ଗରିବ ଚାଷୀଙ୍କ ଗୁହାରୀ । ଆଉ ଅନୁଭବ କରିଥିଲେ ଜଣେ ଗରିବ ଚାଷୀର ଛାତି ତଳର ଦୁଃଖ ଓ ଯନ୍ତ୍ରଣା । ସେଥିପାଇଁ ହାତୀମାନେ ଚାଷ ଜମି ଭିତରକୁ ଯାଇନଥିଲେ । ହିଡ଼ ଉପରେ ଠିଆ ହୋଇ ଚାଷ ଜମିକୁ ଅନାଇ ଗ୍ରାମ୍ୟ ଜଙ୍ଗଲକୁ ଫେରି ଯାଇଥିଲେ । ସେଠାରେ କିଛି ସମୟ ରହିବା ପରେ ହାତୀମାନେ ଅନ୍ୟ ଅଞ୍ଚଳକୁ ପଳାଇ ଯାଇଥିବା ଚର୍ଚ୍ଚା ହେଉଛି ।

ଚାଷୀଙ୍କ ଗୁହାରୀ ଶୁଣି ହାତୀ ପଲ ଫେରିଯିବା ପ୍ରଥମ ଘଟଣା ନୁହେଁ । ପୂର୍ବରୁ ଏମିତି ଘଟଣା ଚମ୍ପାନେଙ୍କେଡ଼ା ଗାଁରେ ଦେଖିବାକୁ ମିଳିଥିଲା । ଧାନ ଅମଳ ସମୟରେ ହାତୀ ପଲ ଚାଷ ଜମିରେ ପଶି ନଷ୍ଟ କରୁଥିଲେ । ଏହା ଦେଖି ଜଣେ ଚାଷୀ ହାତୀଙ୍କ ଶରଣ ପଶିଥିଲେ । ଆଉ ହାତ ଯୋଡ଼ି କହିଥିଲେ, ମାଆ ଠାକୁରାଣୀ ତୁମେ ଫେରିଯାଅ । ମୋ ଚାଷ ଜମି ନଷ୍ଟ କରନି । ମୁଁ ତୁମ ପାଇଁ ଗୋଟିଏ ଧାନ କିଆରି ଛାଡ଼ିଦେବି ବୋଲି ଚାଷୀ ଜଣକ ଗୁହାରୀ କରିଥିଲେ । ତା'ପରେ ହାତୀମାନେ ଫେରିଯାଇଥିଲେ । ସତକୁ ସତ ଚାଷୀ ଜଣକ ସବୁ ଧାନ କାଟି ନେଇଥିଲେ । କିନ୍ତୁ ଗୋଟିଏ କିଆରି ନକାଟି ଛାଡ଼ି ଯାଇଥିଲେ । ଆଉ ହାତୀ ପଲ ରାତିରେ ଆସି ସେହି କିଆରିର ଧାନ ଖାଇ ଚାଲି ଯାଇଥିଲେ ।

# ସ୍ଥାୟୀ ଓ ଜଳବାୟୁ ସହନଶୀଳ ଚାଷ ପ୍ରଣାଳୀ ଉପରେ ଗୁରୁତ୍ୱାରୋପ

**କଳିଙ୍ଗନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଦାନଗଦି ବ୍ଲକର ରଣାଗୁଣ୍ଡି ଗ୍ରାମ ପଞ୍ଚାୟତରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) ସହଯୋଗରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ କୃଷକମାନଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ଆଧୁନିକ କୃଷି ଏବଂ ଜଳବାୟୁ ସହନଶୀଳ ଚାଷ ପଦ୍ଧତି ବିଷୟରେ କୃଷକମାନଙ୍କ ସଚେତନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ପାଖାପାଖି ୧୮ଟି କୃଷକ ସଂଘର ପ୍ରତିନିଧି ଯୋଗ ଦେଇଥିଲେ । ଏହି ସଂଘଗୁଡ଼ିକ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମ ପଞ୍ଚାୟତର ୧୬୦ରୁ ଅଧିକ କୃଷକଙ୍କ ପ୍ରତିନିଧିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ବିହନ ମାର୍କର ଓ ବିହନ ରୋପଣର ମାନୁଆଲ ବଣ୍ଟନ କରାଯାଇଥିଲା । ସ୍ଥାୟୀ ଏବଂ ଜଳବାୟୁ ସହନଶୀଳ ଚାଷ ପ୍ରଣାଳୀକୁ ସମର୍ଥନ କରିବା ପାଇଁ ଏହି ଉପକରଣ ପ୍ରଦାନ କରାଯାଇଥିଲା, ଯାହା ଦ୍ୱାରା ଧାନ ରକ୍ଷଣାବେକ୍ଷଣ ପ୍ରଣାଳୀ (ଏସଆରଆଇ) ଭଳି ସ୍ଥାୟୀ ଏବଂ ଜଳବାୟୁ ସହନଶୀଳ ଚାଷ ପଦ୍ଧତିକୁ ସମର୍ଥନ କରାଯାଇ ପାରିବ । ରଣାଗୁଣ୍ଡି ଗ୍ରାମପଞ୍ଚାୟତ ସରପଞ୍ଚ ତୁଷାର ରଞ୍ଜନ ଜେନାଙ୍କ ଉପସ୍ଥିତିରେ ଏହି ବଣ୍ଟନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍)ର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କୃଷକମାନଙ୍କ ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃଷକମାନଙ୍କ ପାଇଁ ପ୍ରଶିକ୍ଷଣ ଅଧିବେଶନ ଏବଂ ଦକ୍ଷତା ବିକାଶ କାର୍ଯ୍ୟକଳାପ ମଧ୍ୟ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ ଉତ୍ପାଦକତା ଏବଂ ଆୟ ବୃଦ୍ଧି ପାଇଁ ଦୀର୍ଘସ୍ଥାୟୀ କୃଷି ପଦ୍ଧତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ଥିଲା । ଏନ୍‌ଆଇଏନ୍‌ଏଲର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସୁଧୀର ମେହେଟା କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହୋଇଥିବା ଆହ୍ୱାନ ମଧ୍ୟରେ ସମାଧାନ ସୃଷ୍ଟି, କୃଷି ଉତ୍ପାଦକତା ବୃଦ୍ଧି ଏବଂ କୃଷକମାନଙ୍କ ଜୀବିକାକୁ ସୁରକ୍ଷିତ କରିବା ଦିଗରେ ସ୍ଥାନୀୟ ଲୋକମାନଙ୍କ ସହ କାର୍ଯ୍ୟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଶ୍ରୀ ମେହେଟା କହିଛନ୍ତି । କୃଷକମାନଙ୍କୁ ପ୍ରଦାନ କରାଯାଇଥିବା ବିହନ ମାର୍କର ଚାରାର ଉପଯୁକ୍ତ ବ୍ୟବଧାନ ସୁନିଶ୍ଚିତ କରିବାରେ ସହାୟକ ହେବ । ଏହାଦ୍ୱାରା ଉତ୍ତମ ଅଭିବୃଦ୍ଧି ଓ ଅଧିକ ଅମଳ ହେବ । ଏହା ଫଳରେ ମକା ଭଳି ଶୁଖିଲା ଜମି ଫସଲ ପାଇଁ ରୋପଣ ଦକ୍ଷତାରେ ଉନ୍ନତି ଅଣାଯାଇ ପାରିବ, ଯାହା ଅଧିକ ଅମଳରେ ସହାୟକ ହେବ । ବର୍ତ୍ତମାନ ସୁଦ୍ଧା ଫାଉଣ୍ଡେସନର ଏହି ପ୍ରୟାସ କଳିଙ୍ଗନଗର ଅଞ୍ଚଳର ପ୍ରାୟ ୮୦୦ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିଛି । ଏଥିରେ ଜଳବାୟୁ ସହନଶୀଳ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି । ଏ ନେଇ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ନିଆଯାଇଥିବା ପଦକ୍ଷେପା ଦ୍ୱାରା ମଧ୍ୟ ପ୍ରାୟ ୧୨,୫୦୦ କୃଷକ ଉପକୃତ ହୋଇ ପାରିଛନ୍ତି । ସ୍ଥାନୀୟ ଲୋକମାନଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବା ପାଇଁ ଏହି ପ୍ରୟାସ ଟିଏସଏଫର ମିଶନର ଏକ ଅଂଶ ସ୍ଥାୟୀ ଚାଷ ପଦ୍ଧତିରେ ଉନ୍ନତି ଆଣିବା ଏବଂ ଦୀର୍ଘମିଆଦୀ ଖାଦ୍ୟ ନିରାପତ୍ତାକୁ ସମର୍ଥନ କରିବା ଏହାର ଲକ୍ଷ୍ୟ ।

# ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାୟାକଳ୍ପ ସମ୍ବର୍ଦ୍ଧନା



**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା ସଦର ମହକୁମା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଧନେଶ୍ୱର ମହାପାତ୍ରଙ୍କ ଅଧ୍ୟକ୍ଷତାରେ କାୟାକଳ୍ପ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟାକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ସମ୍ମାନୀତ ଅତିଥି ଭାବେ ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲ୍ଲୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମାଲକାନଗିରି ଜିଲ୍ଲା ଚିକିତ୍ସା ସେବା ଉନ୍ନତମାନର ହୋଇଥିବାରୁ ଏହି ଚିକିତ୍ସାଳୟ କେନ୍ଦ୍ର ଓ ରାଜ୍ୟରେ ଉତ୍ତମ ଚିକିତ୍ସାଳୟ ଭାବେ ଘୋଷଣା କରି ତିନିବର୍ଷ ଧରି କାୟାକଳ୍ପ ପୁରସ୍କାରରେ ପୁରସ୍କୃତ ହୋଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟ କରୁଥିବା ସମସ୍ତ ଡାକ୍ତର, ଫାର୍ମାସିଷ୍ଟ, ନର୍ସ, ଏ.ଏନ୍.ଏମ୍, ଅଙ୍ଗନୱାଡି, ଆଶାକର୍ମୀମାନଙ୍କ ଦ୍ୱାରା ଏହା ସଫଳ ହୋଇଥିବାରୁ ଆଜି ଜିଲ୍ଲା ସାରା ରାଜ୍ୟ ଓ ଦେଶରେ ଗର୍ବ ଅନୁଭବ କରିଛି । ଯେଉଁମାନେ ଉତ୍ତମ ସେବା ଯୋଗାଇ ଆସିଛନ୍ତି ସେମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀ, ବୁଦ୍ଧିଜୀବୀ, ବିଭିନ୍ନ ବିଭାଗର ପଦାଧିକାରୀ ଅଂଶଗ୍ରହଣ କରିଥିଲେ ।

## ତାଳ ନେଲା ଛୁଆ ହାତୀର ଜୀବନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଦେଓଗାଁରୁ ଏକ ଅସୁସ୍ଥ ଛୁଆ ହାତୀକୁ ଭୁବନେଶ୍ୱର ସ୍ଥିତ ଚନ୍ଦକା ହାତୀ ଅଭୟାରଣ୍ୟକୁ ଆଣାଯାଇ ଚିକିତ୍ସା କରାଯାଉଥିଲା । ହେଲେ ଚିକିତ୍ସିତ ଅବସ୍ଥାରେ ହାତୀଛୁଆର ମୃତ୍ୟୁ ଘଟିଥିଲା । ହାତୀ ଛୁଆର ବ୍ୟବଚ୍ଛେଦ ରିପୋର୍ଟରେ ହାତୀ ଛୁଆ ମୃତ୍ୟୁର କାରଣ ସ୍ପଷ୍ଟ କରାଯାଇଛି । ତାଳ ଖାଇ ଛୁଆହାତୀର ମୃତ୍ୟୁ ଘଟିଥିବା ଏଥିରେ ଉଲ୍ଲେଖ ରହିଛି । ଏ ନେଇ ଓ୍ୟୁଏଟି ସେଣ୍ଟର ଫର ୱାଇଲ୍ଡ ଲାଇଫ୍ ମୁଖ୍ୟ ସୂଚନା ଦେଇଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ମୁତାବକ, ତାଳ ଖାଇବା ପରେ ହାତୀଛୁଆର ତଣ୍ଟିରେ ଏହା ଲାଖି ରହିଥିଲା । ତଣ୍ଟିରେ ତାଳ ଲାଖି ରହିବାରୁ ହାତୀଛୁଆ ଖାଇପିଇ ପାରୁ ନ ଥିଲା । ଦୁଇ ଦିନ ତଳେ ତାଳକୁ ପାକସ୍ଥଳୀକୁ ଖସାଇ ଦିଆଯାଇଥିଲା । ହେଲେ ସେତେବେଳକୁ ହାତୀଛୁଆଟି ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ଯାଇଥିଲା । ହେଲେ ଚିକିତ୍ସିତ ଅବସ୍ଥାରେ ହାତୀଛୁଆର ମୃତ୍ୟୁ ଘଟିଥିଲା ।

# ବସା ଖୋଜୁଛି ବାଇଚଢ଼େଇ : ସଂରକ୍ଷଣ ଉଦ୍ୟମ ନାହିଁ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ପରିବର୍ତ୍ତନଶୀଳ ପରିବେଶର କୁପ୍ରଭାବରେ ବହୁ ଜୀବଜନ୍ତୁ, ପକ୍ଷୀ ସତ୍ତା ହରାଇବାକୁ ବସିଲେଣି । ଏମାନଙ୍କ ମଧ୍ୟରେ ବାଇଚଢ଼େଇ ରହିଛନ୍ତି । ବଡ଼ବଡ଼ ଗଛ ଧରାଶାୟୀ ହୋଇ ଯାଉଥିବା ବେଳେ ପକ୍ଷୀଙ୍କ ବାସସ୍ଥାନ ମଧ୍ୟ ଉଜୁଡ଼ି ଯାଉଛି । ଏଭଳି ହଜି ଯାଉଥିବା ପଶୁ, ପକ୍ଷୀଙ୍କ ସଂରକ୍ଷଣ ପାଇଁ ସରକାରୀସ୍ତରରେ ସେଭଳି କୌଣସି ଖାସ୍ ଉଦ୍ୟମ ହେଉନାହିଁ । ତେବେ ଗଞ୍ଜାମ ବ୍ଲକ ପୁରୁଣାବନ୍ଧ ଗ୍ରାମର ପରିବେଶବିତ ରବୀନ୍ଦ୍ରନାଥ ସାହୁ ଗତ ୨୦୦୭ରୁ ବାଇଚଢ଼େଇଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରି ଆସୁଛନ୍ତି । ତାଙ୍କର ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ୪ହଜାରରୁ ଅଧିକ ବାଇଚଢ଼େଇ ବସା ରହିଥିଲା । ଏବେ ଏହି ସଂଖ୍ୟା କମିବାରେ ଲାଗିଛି । ବାଇଚଢ଼େଇଙ୍କ ସୁରକ୍ଷା ପାଇଁ ସରକାରୀସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ପରିବେଶବିତ୍ ମହଲରେ ମତ ପ୍ରକାଶ ପାଇଛି । ଆଧୁନିକତାର ନାଁ ନେଇ ଦିନକୁ ଦିନ କଳକାରଖାନା ଓ ଯାନବାହନ ବୃଦ୍ଧି ହେବା ସହିତ ଚାଷ କାର୍ଯ୍ୟରେ ବିଭିନ୍ନ ପ୍ରକାର ରସାୟନିକ ଔଷଧ ପ୍ରୟୋଗ କରାଯାଉଛି । ଏହାର ପ୍ରଭାବରେ ଛୋଟଛୋଟ କୀଟପତଙ୍ଗ ମରି ଯାଉଛନ୍ତି । ଏଥିପାଇଁ ବାଇଚଢ଼େଇ ମଧ୍ୟ ପ୍ରଭାବିତ ହେଉଛନ୍ତି । ସେମାନଙ୍କୁ ପୂର୍ବଭଳି ଖାଦ୍ୟ ମିଳିପାରୁ ନାହିଁ । ସାଧାରଣତଃ ବାଇଚଢ଼େଇମାନେ ଗାଁ ଠାରୁ ଦୂରରେ ଥିବା ଜଳାଶୟ ନିକଟସ୍ଥ ତାଳ, ଖଜୁରୀ, ନଡ଼ିଆ, ବର ଏବଂ ଓସ୍ତ ଗଛରେ ବସା ବାନ୍ଧିଥାନ୍ତି । ଧାନ, ମାଣ୍ଡିଆ, ମଞ୍ଜି ଜାତୀୟ ଖାଦ୍ୟ, କୀଟପତଙ୍ଗ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି । ଏବେ ଚାଷରେ ମାତ୍ରାଧିକ ସାର ପ୍ରୟୋଗ ଯୋଗୁଁ ବାଇଚଢ଼େଇଙ୍କ ପାଇଁ ତାହା ବିଷ ପାଲଟି ଯାଉଛି । ପରିବେଶ ସନ୍ତୁଳନ ବିଗିଡ଼ିବାରୁ ଏମାନଙ୍କ ସଂଖ୍ୟା କମିବାରେ ଲାଗିଛି । ଗଞ୍ଜାମ ଜିଲ୍ଲାରେ ପୂର୍ବରୁ ଯେତିକି ମାତ୍ରାରେ ତାଳ ଓ ଖଜୁରୀ ଗଛ ଥିଲା, ଏବେ ଢ଼େର ପରିମାଣରେ ସଂଖ୍ୟା ହ୍ରାସ ପାଇଛି । ଏଭଳି ଗଛ ରହିଲେ ବାଇଚଢ଼େଇ ବସା କରିବା ସହିତ ସେମାନଙ୍କ ବଂଶ ବୃଦ୍ଧି ହୋଇପାରିବ ବୋଲି ପରିବେଶବିତ ରବୀନ୍ଦ୍ରନାଥ କହିଛନ୍ତି । ସର୍ଭେ ଅନୁସାରେ ଗଞ୍ଜାମ, ଛତ୍ରପୁର, ପୁରୁଷୋତ୍ତମପୁର, ଖଲ୍ଲିକୋଟ, କବିସୂର୍ଯ୍ୟନଗର, ବେଗୁନିଆପଡ଼ା, ରଂଗେଇଲୁଣ୍ଡା ବ୍ଲକ ଅଞ୍ଚଳରେ ୪ହଜାରରୁ ଅଧିକ ବସା ରହିଥିଲା । ଗଞ୍ଜାମ ବ୍ଲକରେ ସର୍ବାଧିକ ବାଇଚଢ଼େଇ ବସା ଦେଖିବାକୁ ମିଳିଥିଲା । ଗଞ୍ଜାମ ବ୍ଲକ୍‌ର ପାଳିବନ୍ଧ ପଞ୍ଚାୟତର ଖଟିଆକୁଦା, କଣ୍ଟିଆଗଡ଼, ପାଲୁର କେନାଲ ନିକଟସ୍ଥ ଗଛଗୁଡ଼ିକରେ ବହୁ ବସା ରହିଥିଲା । ତାମ୍ପରା ସହିତ ବିଭିନ୍ନ ଜଳାଶୟ ନିକଟରେ ଥିବା ତାଳଗଛରେ ମଧ୍ୟରେ ବାଇଚଢ଼େଇ ବସା କରୁଥିବା ରବୀନ୍ଦ୍ରନାଥ କହିଛନ୍ତି । ସେହିପରି ସୁବଳୟା ପଞ୍ଚାୟତର ଚାଷ ଜମିରେ ଥିବା ତାଳଗଛରେ ମଧ୍ୟ ବସା ଚିହ୍ନଟ ହୋଇଛି । ମାନଙ୍କ ସଂରକ୍ଷଣ ପାଇଁ ସରକାରୀସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ସେ କହିଛନ୍ତି ।







# ଜଙ୍ଗଲ ଧ୍ୱଂସକୁ ବିରୋଧ କରି ଲାଗିଲା ମାଓ ବ୍ୟାନର

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ସୀମାନ୍ତ ନାକଟିସିମୋଡ଼ା ପଞ୍ଚାୟତର ଚଣାବରୀ ଠାରେ ଗୁରୁବାର ସକାଳୁ ମାଓ ବ୍ୟାନର ଦେଖିବାକୁ ମିଳିଥିଲା । ଦୀର୍ଘ ଦିନର ବ୍ୟବଧାନ ପରେ ସ୍ଥାନୀୟ ଅଞ୍ଚଳରେ ଏଭଳି ମାଓ ବ୍ୟାନର ଦେଖି ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ଏହି ବ୍ୟାନରରେ ଜଙ୍ଗଲ କାଟି ସଫା କରୁଥିବା କିଛି ଲୋକଙ୍କୁ ହତ୍ୟା ଧମକ ଦିଆଯାଇଛି । କୁସୁମପୁର ଓ ନାକଟିସିମୋଡ଼ା ସଂରକ୍ଷିତ ଜଙ୍ଗଲ ଦିନକୁ ଦିନ ପଦା ହେବାରେ ଲାଗିଛି । ତେବେ ଏହାକୁ ନେଇ ମାଓବାଦୀ ବାରମ୍ବାର ପ୍ରତିକ୍ରିୟା ପ୍ରକାଶ କରୁଥିବା ଦେଖିବାକୁ ମିଳିଛି । ଉକ୍ତ ଅଞ୍ଚଳର କିଛି ଲୋକଙ୍କୁ ସିଧାସଳଖ ଦୋଷାରୋପ କରି ସେମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯିବାକୁ ଧମକ ଦେଇଛନ୍ତି । କୁସୁମପୁର ଗ୍ରାମର ସତ୍ୟ ଗଣ୍ଡ, ସନ୍ତୁ, ରାମଦାସ, ରାମଦୟା ଗଣ୍ଡ ଏବଂ ନାକଟିସିମୋଡ଼ା ଗ୍ରାମର ପିଲକ ହରିଜନ, ନରସିଂ, ବୁଦରାମ, ସିଉଲାଲ, ଆଶାରାମ ଗଣ୍ଡଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ଉକ୍ତ ବ୍ୟାନରରେ ଉଲ୍ଲେଖ ରହିଛି । ଜଙ୍ଗଲ ସୁରକ୍ଷା କରିବା ସହ ଗ୍ରାମସଭାକୁ ଗୁରୁତ୍ୱ ଦେବାକୁ ଉଲ୍ଲେଖ ରହିଥିବା ବେଳେ ଏହି ବ୍ୟାନର ସୀତାନଦୀ ଏରିଆ କମିଟି ପକ୍ଷରୁ ମରାଯାଇଥିବା ଜଣାପଡ଼ିଛି ।

# କେନ୍ଦୁଝର ସହରରେ ଜବରଦଖଲ ବଢ଼ୁଛି:ପ୍ରଶାସନ ନୀରବ

**କେନ୍ଦୁଝର, ନ୍ୟୁଜ୍**



ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ କେନ୍ଦୁଝର ସହରରେ ଜବର ଦଖଲ ବୃଦ୍ଧି ପାଇବା ଓ ଏହି କାରଣରୁ ଟ୍ରାଫିକ୍ ସମସ୍ୟା ସାଙ୍ଗକୁ ପଥଚାରୀ ମାନଙ୍କ ନିରାପଦ ଯାତାୟାତ ବାଧାପ୍ରାପ୍ତ ହୋଇପଡିଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କେନ୍ଦୁଝର ସଦର ମହକୁମାରେ ପ୍ରାୟ ପ୍ରତି ବିଭାଗର ମୁଖ୍ୟ କାର୍ଯ୍ୟାଳୟ ରହିଥିବା ବେଳେ କେନ୍ଦୁଝର ସଦର ମହକୁମା ଦେଇ ଯାଇଥିବା ମୁଖ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଓ ଦେବୋତ୍ତର ଜାଗାଗୁଡିକ ଏହି ଜାଗା ନିକଟବର୍ତ୍ତୀ ରହୁଥିବା ଲୋକମାନେ ନିଜ ଜାଗା ସହିତ ମିଶାଇ ତାଉପରେ ଦୋକାନ ଗୃହ, ବାସଗୃହ ମାନ ନିର୍ମାଣ କରିବା, ପ୍ରାଚେରୀ ଘେରାଇ ଆବଧ କରିବା, ଏପରିକି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା କଭର ଯୁକ୍ତ ଡ୍ରେନ୍ ଗୁଡିକ ଉପରେ ମଧ୍ୟ ବିଭିନ୍ନ ଦ୍ରବ୍ୟ ମାନର ଡ୍ରେନ୍ ଗୁଡିକୁ ମଧ୍ୟ ଆବଧ କରି ଯାତାୟାତ ରାଜପଥକୁ ସଂକୁଚିତ କରୁଛନ୍ତି । ଯାହାଫଳରେ ଚଳଚଞ୍ଚଳ ସମୟରେ ରାସ୍ତାରେ ପଥଚାରୀ ଓ ଛୋଟ ସ୍କୁଲ ପିଲାଙ୍କ ଯିବାଆସିବା ବିପଦପୂର୍ଣ୍ଣ ହୋଇପଡୁଛି । ଯାତାୟତର ଏଭଳି ବିପର୍ଯ୍ୟସ୍ତ ଅବସ୍ଥା ସାଙ୍ଗକୁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବ୍ୟବସାୟିକ ଅନୁଷ୍ଠାନ ଗୁଡିକ ପାର୍କିଙ୍ଗର ବ୍ୟବସ୍ଥା ନକରି ବ୍ୟବସାୟ ଅନୁଷ୍ଠାନମାନ ଖୋଲିବା ଦ୍ୱାରା ଦୋକାନ ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ଆସୁଥିବା ଲୋକମାନଙ୍କର ଛୋଟ ବଡ ଶହ ଶହ ଯାନ ସବୁ ରାଜପଥ ପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ପାର୍କିଙ୍ଗ କରୁଛନ୍ତି, ଯାହାଫଳରେ ପ୍ରତ୍ୟେହ କେଉଁଠି ନା କେଉଁଠି ଦୁର୍ଘଟଣା ଘଟୁଥିବାର ଖବର ମିଳୁଛି । ସହର ଉପକଣ୍ଠ ରାଜପଥର ଉଭୟ ପାର୍ଶ୍ୱର ସ୍ଥାନେ ସ୍ଥାନେ ଚୋରା ଗଞ୍ଜେଇ, ମହୁଲି ମଦର ଅବାଧ ବିକ୍ରି ଯୋଗୁଁ ରାସ୍ତା ପାର୍ଶ୍ୱରେ ନିଶାଗ୍ରସ୍ତ ବ୍ୟକ୍ତି ମାନଙ୍କର ଦୌରାତ୍ମ୍ୟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ରାସ୍ତାର ଉଭୟ ପାର୍ଶ୍ୱସ୍ଥ ସରକାରୀ ଜାଗା ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଥିବା ସରକାରୀ ଜାଗା ଗୁଡିକରେ ଜବର ଦଖଲକାରୀମାନେ ପ୍ଲାନ୍ ଆପ୍ରୁଭାଲ୍ ନଥାଇ ଗୃହ ନିର୍ମାଣ କରିବା ଓ ସେହି ନୂତନ ଗୃହକୁ ବିଦ୍ୟୁତ୍ ଓ ଜଳ ସଂଯୋଗ କିପରି ଦିଆଯାଉଛି ତାହା ବିଭାଗୀୟ କର୍ମଚାରୀମାନଙ୍କର ସ୍ୱଚ୍ଛତାରେ ପ୍ରଶ୍ନ ଉଠିଛି । ଜବରଦଖଲ ପ୍ରତି ପ୍ରଶାସନ ପକ୍ଷରୁ କୌଣସି ପ୍ରତିରୋଧ କରାଯାଉନଥିବାରୁ କେନ୍ଦୁଝର ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜବରଦଖଲ ସୀମା ଅତିକ୍ରମ କରିଥିବା ଜଣାପଡ଼ିଛି ।

# ଆସୁନି ସୁଧାର:ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଦୁର୍ଦ୍ଦଶା

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପାଇଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ଶ୍ରଦ୍ଧାଳୁ । ଶ୍ରୀମନ୍ଦିର ଚାରି ପ୍ରବେଶ ଦ୍ୱାର ଖୋଲିଦେଇ ଶୃଙ୍ଖଳିତ ଦର୍ଶନ କଥା ଭୁଲି ଯାଇଛନ୍ତି ରାଜ୍ୟ ସରକାର । ମନ୍ଦିର ପ୍ରଶାସନ ପକ୍ଷରୁ ଏଥିପାଇଁ ବାରମ୍ବାର କମିଟି କରାଯାଉଛି, କିନ୍ତୁ ସେଥିରୁ କୌଣସି ସଫଳତା ମିଳୁନାହିଁ । ତେଣୁ ପ୍ରଭୁଙ୍କୁ ଦର୍ଶନ କରିନପାରି ମନଦୁଃଖରେ ଫେରୁଛନ୍ତି ହଜାର ହଜାର ଶ୍ରଦ୍ଧାଳୁ । ଏହାଛଡ଼ା ଭକ୍ତଙ୍କୁ ମୌଳିକ ସୁବିଧା ଯୋଗାଇବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଛୁଟିଦିନ ଗୁଡ଼ିକରେ ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗୁଛି । ଖରା ବର୍ଷାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି ହଜାର ହଜାର ଜଗନ୍ନାଥ ପ୍ରେମୀ । ଶ୍ରୀମନ୍ଦିର ଭିତରେ ପ୍ରବେଶ କରିବା ପରେ ନାଟମଣ୍ଡପ ଏବଂ ଜଗମୋହନ ଗହଳି ଭିତରେ ଫସି ଯାଉଛନ୍ତି ଭକ୍ତ । ଶ୍ରୀ ଜୀଉଙ୍କ ଦର୍ଶନ ପାଇଁ ସେଠାରେ ସବୁଦିନ ନାହିଁନଥିବା ଭିଡ଼ ହେଉଛି । ପ୍ରବଳ ଠେଲାପେଲା ଓ ଧସ୍ତାଧସ୍ତି ଯୋଗୁ ଦଳାଚକଟା ପରିସ୍ଥିତି ସୃଷ୍ଟି ହେଉଛି । ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ମହିଳାମାନଙ୍କ ପାଇଁ ଦାରୁବ୍ରହ୍ମଙ୍କ ଅବାଧ ଦର୍ଶନ କେବଳ ସ୍ୱପ୍ନ ହୋଇ ରହିଯାଉଛି । ଦର୍ଶନ ବ୍ୟବସ୍ଥାରେ ଶୃଙ୍ଖଳା ଆଣିବା ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଆରକ୍ଷୀ ଅଧିକ୍ଷକ ଏବଂ ସୁରକ୍ଷା ପ୍ରଶାସକଙ୍କୁ ନେଇ ଗଠିତ କମିଟି ଏପର୍ଯ୍ୟନ୍ତ ରିପୋର୍ଟ ପ୍ରଦାନ କରିନାହିଁ । ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଗୃହୀତ ନିଷ୍ପତ୍ତିଗୁଡ଼ିକ କେବଳ ନିଷ୍ପତ୍ତିରେ ସୀମିତ ହୋଇ ରହିଯାଇଛି । ରଥଯାତ୍ରା ପରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯିବ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟ ସରକାର ତାଙ୍କର ଏହି ପ୍ରତିଶ୍ରୁତି ଭୁଲିଯାଇଥିବା ପରି ମନେ ହେଉଛି । ଭକ୍ତଙ୍କୁ ଅବାଧ ଓ ଶୃଙ୍ଖଳିତ ଦର୍ଶନ ସୁବିଧା ଯୋଗାଇବାରେ ରାଜ୍ୟ ସରକାରଙ୍କ ସମେତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ବିଫଳ ହୋଇଛନ୍ତି । ଏଥିଯୋଗୁ ଭକ୍ତଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପ୍ରତ୍ୟେକ ଦିନ ଅନ୍ୟୁନ ୫୦ ହଜାର ଭକ୍ତ ପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସୁଛନ୍ତି । ରବିବାର ସମେତ ସରକାରୀ ଛୁଟି ଦିନ ଗୁଡ଼ିକରେ ଭକ୍ତଙ୍କ ସଂଖ୍ୟା ଏକ ଲକ୍ଷକୁ ଟପି ଯାଉଛି । ଚାରିଦ୍ୱାର ଦେଇ ପ୍ରବେଶ ବ୍ୟବସ୍ଥା କରାଯାଇଛି କିନ୍ତୁ ଅସ୍ଥାୟୀ ବିଶ୍ରାମସ୍ଥଳ ଏବଂ ପାନୀୟ ଜଳ ବ୍ୟବସ୍ଥା କରାଯାଇନାହିଁ । ଠାକୁରଙ୍କ ସମ୍ମୁଖରେ କେତେକ ସେବକ ଅବରୋଧ କରି ସବୁବେଳେ ଛିଡ଼ା ହେଉଛନ୍ତି । ଏଥିଯୋଗୁ ଦର୍ଶନ ବାଧାପ୍ରାପ୍ତ ହେଉଛି । ଶ୍ରୀମନ୍ଦିର ନାଟମଣ୍ଡପ ଏବଂ ଜଗମୋହନରେ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯାଉନାହିଁ । ସେଠାରେ ପ୍ରବଳ ଭିଡ଼ ଯୋଗୁ ମହିଳାମାନେ ଦୁର୍ବ୍ୟବହାରର ଶିକାର ହେଉଛନ୍ତି । ଭିଭିଆଇପିମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଉଛି । କିନ୍ତୁ ସାଧାରଣ ଭକ୍ତଙ୍କ ଦୁର୍ଦ୍ଦଶା ଦେଖି ମଧ୍ୟ ବିଭାଗୀୟ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ନିରବ ରହୁଛନ୍ତି । ଭକ୍ତଙ୍କୁ ଶ୍ରୀମନ୍ଦିର ଭିତରେ ଅବାଧ ଦର୍ଶନ ସୁବିଧା ଯୋଗାଇ ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଜାତୀୟ ମାନବ ଅଧିକାର ଆୟୋଗ ଦେଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ନକରି ଚପାଇ ରଖାଯାଇଛି । ଏଥିଯୋଗୁ ରାଜ୍ୟ ସରକାରଙ୍କ ଉପରୁ ଶ୍ରୀ ଜଗନ୍ନାଥ ପ୍ରେମୀ ଭକ୍ତଙ୍କ ଭରସା ତୁଟି ଯାଉଛି । ତେଣୁ ଶ୍ରୀ ଜଗନ୍ନାଥ ମନ୍ଦିରରେ ଭକ୍ତମାନଙ୍କୁ ଶୃଙ୍ଖଳିତ ଦର୍ଶନ ସମେତ ମୌଳିକ ସୁବିଧା ଯୋଗାଇ ଦିଆଯିବାକୁ ଦାବି ହେଉଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି ଏହା ଉପରେ ଆମେ ଯତ୍ନବାନ୍ ହେବୁ ।

# ମାନସିକ ଚାପର କରୁଣ ପରିଣତି:ପାଞ୍ଚ ମହଲା କୋଠାରୁ ଡେଇଁ ଛାତ୍ରୀଙ୍କ ଜୀବନ ଗଲା

**ଜଟଣୀ, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ରାତିରେ ଅରଗୁଳ ସ୍ଥିତ ଭୁବନେଶ୍ୱର ଆଇଆଇଟି କ୍ୟାମ୍ପସ୍ ପରିସରରେ ଜଣେ ଛାତ୍ରୀ ପ୍ରଶାସନିକ ଭବନ କୋଠାର ପଞ୍ଚମ ମହଲାରୁ ଡେଇଁପଡ଼ି ଜୀବନ ହାରିଦେଇଛନ୍ତି । ମୃତକ ହେଲେ ମେଟାଲର୍ଜି ବିଭାଗ ତୃତୀୟ ବର୍ଷର ଛାତ୍ରୀ କ୍ରିତିକା ରାଜ (୨୧) । ଦିଲ୍ଲୀର ଏହି ଛାତ୍ରୀ କ୍ରିତିକା ମାନସିକ ଚାପଜନିତ ସମସ୍ୟା ପାଇଁ ଏଭଳି ଭୟଙ୍କର ନିଷ୍ପତ୍ତି ନେଇଥିବା ଜଟଣୀ ଥାନା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । କ୍ୟାପିଟାଲ୍ ହସ୍ପିଟାଲ୍‌ରେ ବ୍ୟବଚ୍ଛେଦ କରାଇ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି । ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ । ଆଇଆଇଟି କର୍ତ୍ତୃପକ୍ଷଙ୍କ ଏତଲାକୁ ଭିତ୍ତି କରି ପୋଲିସ ଛାନ୍‌ଭିନ୍ ଜାରି ରଖିଛି । ଏଭଳି ଏକ ଅଭାବନୀୟ ଘଟଣା ଲାଗି କ୍ୟାମ୍ପସ୍ ପରିସରରେ ବିଷାଦର ଛାୟା ଖେଳିଯାଇଛି । ରାତି ପ୍ରାୟ ୧୧ଟା ସମୟରେ ଆଇଆଇଟି ପ୍ରଶାସନିକ ଭବନ ନିକଟରେ ଏକ ବଡ଼ଧରଣର ଶବ୍ଦ ଶୁଣି ସିକ୍ୟୁରିଟି ଗାର୍ଡ ଘଟଣାସ୍ଥଳକୁ ଯାଇଥିଲେ । ସିକ୍ୟୁରିଟି ଗାର୍ଡ ସେଠାରେ ପହଞ୍ଚିବା ବେଳକୁ କ୍ରିତିକା ମୁହଁ ମାଡ଼ି ତଳେ ପଡ଼ିଥିବା ଦେଖିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ କ୍ରିତିକାଙ୍କ ନିଶ୍ଚଳ ଶରୀର ପଡ଼ିଥିବା ଦେଖି ସିକ୍ୟୁରିଟି ଗାର୍ଡ ତୁରନ୍ତ ତାଙ୍କ ସୁପରଭାଇଜର୍ ଓ ଛାତ୍ରାବାସ ୱାର୍ଡେନ୍‌ଙ୍କୁ ଜଣାଇଥିଲେ । ଆଇଆଇଟି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଆମ୍ବୁଲାନ୍ସରେ କ୍ୟାପିଟାଲ୍ ହସ୍ପିଟାଲ୍ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାପରେ ଜଟଣୀ ଥାନା ପୋଲିସ ହସ୍ପିଟାଲ୍‌ରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମର୍ଗରେ ସଂରକ୍ଷଣ ବ୍ୟବସ୍ଥା କରାଇଥିଲା । ରାତାରାତି ଆଇଆଇଟି କର୍ତ୍ତୃପକ୍ଷ କ୍ରିତିକାଙ୍କ ପରିବାର ଲୋକଙ୍କୁ ଫୋନ୍ କରି ଜଣାଇଥିଲେ । ପୋଲିସ କ୍ୟାମ୍ପସ୍‌ରେ ପହଞ୍ଚି କ୍ରିତିକା ରହୁଥିବା ହଷ୍ଟେଲରେ ଅନ୍ତେବାସୀ ଓ ସହପାଠିନୀମାନଙ୍କୁ ପଚରା ଉଚରା କରିଥିଲା । ଛାତ୍ରାବାସରେ ରହୁଥିବା କ୍ରିତିକା ରାତି ୧୧ଟା ପରେ କଣ ପାଇଁ ପ୍ରଶାସନିକ ଭବନ କୋଠାକୁ ଯାଇଥିଲେ, ସେନେଇ ପଚରା ଉଚରା କରିଛି । ପ୍ରଶାସନିକ ଭବନରେ ଲାଇବ୍ରେରୀ ଥିବାରୁ କ୍ରିତିକା ସେଠାକୁ ପଢ଼ିବାକୁ ଯାଇଥିବା ସନ୍ଦେହ କରାଯାଉଛି । ପୋଲିସ କହିବା କଥା କ୍ରିତିକା ମାନସିକ ରୋଗରେ ପୀଡ଼ିତ ଥିଲେ । ଚାପମୁକ୍ତ ହେବା ପାଇଁ ସେ ଔଷଧ ସେବନ କରୁଥିଲେ । ଏପରିକି କ୍ରିତିକାଙ୍କ ହାବଭାବକୁ ନେଇ ଆଇଆଇଟି କର୍ତ୍ତୃପକ୍ଷ ତାଙ୍କ ପରିବାରକୁ ଜଣାଇ ଝିଅକୁ ଘରକୁ ନେଇଯିବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ପରିବାର ଲୋକେ କ୍ରିତିକାଙ୍କୁ ଘରକୁ ନେବା ପରିବର୍ତ୍ତେ କଲେଜରେ ଏକ ଅଣ୍ଡରଟେକିଂ ଲେଖିଯାଇଥିଲେ । ଗତ ସପ୍ତାହରେ କ୍ରିତିକା ଦିଲ୍ଲୀ ଯାଇଥିଲେ ଏବଂ ୨/୩ ଦିନ ଘରେ ରହି ହଷ୍ଟେଲ୍‌କୁ ଫେରିଥିଲେ । ସେବେଠୁ ସେ ହଷ୍ଟେଲ୍‌ରେ ଗୁମ୍‌ସୁମ୍ ହୋଇ ରହୁଥିବା ଅନ୍ତେବାସୀମାନେ ପୋଲିସକୁ ସୂଚନା ଦେଇଛନ୍ତି । କ୍ରିତିକା ଜଣେ ମେଧାବୀ ଛାତ୍ରୀ ଥିଲେ ଆଉ ବର୍ଷକ ପରେ ତାଙ୍କର କୋର୍ସ ସରିଥାଆନ୍ତା ଏବଂ ସେ ପାସ୍‌ଆଉଟ୍ ହୋଇଥାଆନ୍ତେ । ଅଥଚ କେଉଁ କାରଣରୁ ସେ ମାନସିକ ଚାପରେ ଥିଲେ, ସେନେଇ ପରିବାର ଲୋକେ ପୋଲିସକୁ କିଛି କହିପାରିନଥିବା ଜଣାପଡ଼ିଛି । ପୋଲିସ କ୍ରିତିକାଙ୍କ ସେମିଷ୍ଟାର ଫଳାଫଳ ନେଇ ଆଇଆଇଟି କର୍ତ୍ତୃପକ୍ଷଙ୍କୁ ପଚରା ଉଚରା କରୁଛି ।

# ବାରିପଦା ସହରକୁ ସରସ ସୁନ୍ଦର କରିବାପାଇଁ ପଦକ୍ଷେପ ନିଆଯିବ:ନଗରଉନ୍ନୟନ ମନ୍ତ୍ରୀ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ପୌରପାଳିକା ପକ୍ଷରୁ ଆୟୋଜିତ ନିଳ ଭାରତ ସ୍ୱାୟତ ଶାସନ ଦିବସ ସମାରୋହ ଉଦ୍‌ଯାପିତ ହୋଇଯାଇଛି । ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ଼ାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡ଼ଃ ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଭିନ୍ନ ଯୋଜନାରେ ବାରିପଦା ପୌରପାଳିକା ସଫଳତାର ସହିତ କାର୍ଯ୍ୟ କରିଥିବାରୁ ସହରର ବିକାଶ ଦ୍ରୁତଗତିରେ ଆଗେଇ ଚାଲିଥିବାରୁ ବାରିପଦା ପୌରପାଳିକାକୁ ପ୍ରଶଂସା କରିଥିଲେ । ବିଭିନ୍ନ ପ୍ରକଳ୍ପର ତଦାରଖ ଦାୟୀତ୍ୱ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦିଆଯାଇ ସାରା ରାଜ୍ୟରେ ଏକ ଉଦାହରଣ ସୃଷ୍ଟି କରାଯାଇଛି । ପରିମଳକୁ ଗୁରୁତ୍ୱ ଦେଇ ମୁଖ୍ୟ ରାସ୍ତା ଗୁଡିକ ସଫା କରାଯିବା ପାଇଁ ସର୍ବ ପ୍ରଥମ ଭାବେ ମେକାନିକାଲ୍ ସୁଇପିଙ୍ଗ ଯାନର ବ୍ୟବସ୍ଥା କରାଯାଇଛି । ଜାଗା ମିଶନ ଯୋଜନାରେ ପୌରାଞ୍ଚଳ ୪୬ଟି ବସ୍ତିର ୮୪୪୫ଟି ପରିବାରକୁ ଚିହ୍ନଟ କରି ପ୍ରାୟ ୧୭୩୯ ଜଣଙ୍କୁ ଭୂମି ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ସ୍ୱାୟତ ଶାସନ ଦିବସ ଅବସରରେ ନୂତନ ଭାବେ ଆଉ ୧୦୧ ଜଣଙ୍କୁ ଭୂମି ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ।୨୪ଟି ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମିତ ହୋଇଥିବା ବେଳେ ୪ଟି ୱାର୍ଡରେ କାମ ଚାଲୁ ରହିଛି । ୧୧୦୭୩ ପୋଲରେ ଷ୍ଟ୍ରିଟ୍ ଲାଇଟ୍ ସଂଯୋଗ ୧୭୦୦ ଅତିରିକ୍ତ ଲାଇଟ୍ ଲଗାଯିବାର ବ୍ୟବସ୍ଥା ହୋଇଛି । ବାରିପଦା ସହରର କ୍ରମ ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ୨୦୫୦ ମସିହା ଜନସଂଖ୍ୟା ଏବଂ ସହର ଆୟତନ ଅନୁଯାୟୀ ଡିପିଆର ପ୍ରସ୍ତୁତ କରାଯାଇ କାର୍ଯ୍ୟ ପ୍ରକ୍ରିୟା ଜାରି ରହିଛି । ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ପୌରପାଳିକା ତରଫରୁ ବାରିପଦାରେ ଆସନ୍ତା ଡିସେମ୍ବର କିମ୍ବା ଜାନୁଆରୀ ମାସରେ ବାରିପଦା ନାଟକ ଉତ୍ସବ କରାଯିବାର ପୌରପାଳିକା ତରଫରୁ ଉଦ୍ୟମ କରାଯାଉଛି । ଏଥି ସହିତ ମୁର୍ଗାବାଡ଼ି, ରଘୁନାଥପୁର, ତକତପୁର ଓ ମଧୁବନ ଅଞ୍ଚଳରେ ନୂତନ ମାର୍କେଟ୍ କମ୍ପ୍ଲେକ୍ସ ଚଳିତ ବର୍ଷ କରାଯିବାର ଯୋଜନା କରାଯାଇଛି ବୋଲି ନଗରପାଳ କହିଥିଲେ । ବାରିପଦା ସହରକୁ ସବୁଜ ସୁନ୍ଦର କରିବା ପାଇଁ ଆଗକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଡ଼ା ମହାପାତ୍ର କହିଛନ୍ତି । ଏହି ଅବସରରେ ବାରିପଦା ପୌରପାଳିକା ତରଫରୁ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ୱାର୍ଡ ନମ୍ବର ୧୫ର ସ୍ୱଚ୍ଛସାଥି ବାସନ୍ତୀ ମୁଖୀ ଓ ବାରୁଣୀ ଶ୍ମଶାନରେ ୫ ହଜାରରୁ ଊର୍ଦ୍ଧ୍ୱ ଶବ ଦହନ କରିଥିବା ଲକ୍ଷ୍ମୀ ମୁଖୀଙ୍କୁ ଉତ୍ତରୀୟ ସମେତ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀ ଡ଼ା ମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଜିଲ୍ଲାପାଳଙ୍କ ଡିଜିଟାଲ୍ ଫସଲ ସର୍ବେକ୍ଷଣ ତଦାରଖ




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଜିଲ୍ଲାର ଦାୟିତ୍ୱ ଗ୍ରହଣ କଲାପରେ ବିଭିନ୍ନ ବିଭାଗର କାର୍ଯ୍ୟ ଗୁଡିକୁ ଦେଖିବା ସହିତ କାର୍ଯ୍ୟରେ ଅଗ୍ରଗତି ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚାଷୀ ଓ ଚାଷର ଉନ୍ନତି ପାଇଁ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା ଜାରି ରହିଛି । ମଙ୍ଗଳବାର ଡିଜିଟାଲ୍ ଫସଲ ସର୍ବେକ୍ଷଣ ଅଞ୍ଚଳ ପରିଦର୍ଶନ କରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ ଓ ଅନ୍ୟ ଅଧିକାରୀଙ୍କ ସହିତ ଏକ ସମୀକ୍ଷା କରିଥିଲେ । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତ ଓ ଡେରାବିଶ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର, ବଳଭଦ୍ରପୁର ପ୍ରଭୃତି ଅଞ୍ଚଳ ପରିଦର୍ଶନ କରି ଡିଜିଟାଲ୍ ଫସଲର ସର୍ବେକ୍ଷଣ କରିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଡିଜିଟାଲ୍ ଫସଲ ର ସର୍ବେକ୍ଷଣ ବ୍ୟବସ୍ଥା କରାଯାଇଛି । ଏହି ସର୍ବେକ୍ଷଣ ଚାଷୀ ମାନଙ୍କର ଏକ ଡାଟାବେସ୍ ସୃଷ୍ଟି କରାଯିବ । ଯାଦ୍ୱାରା ଚାଷୀମାନେ ସୁବିଧାରେ ଫସଲ ଋଣ, ବିଭିନ୍ନ ଉତ୍ପାଦନ ସାମଗ୍ରୀ ବିକ୍ରୟ କରିପାରିବେ । ଏଥିସହିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଲାଭବାନ ହୋଇପାରିବେ । ଜିଲ୍ଲାର ୯ଟି ବ୍ଲକରେ ୧୦ ଲକ୍ଷ ୭ ହଜାର ୭୪୦ଟି ପ୍ଲଟ୍ ଉପରେ ଡିଜିଟାଲ୍ ଫସଲ ସର୍ବେକ୍ଷଣ କରାଯାଉଛି । ଏହି ସର୍ବେକ୍ଷଣ ସମୟରେ ଡେରାବିଶ୍ ବ୍ଲକ କୃଷି ଅଧିକାରୀ ବନଲତା ବେହେରା, କେନ୍ଦ୍ରାପଡା ବ୍ଲକର ନିରଞ୍ଜନ ରାଉତ, ଜିଲ୍ଲା କୃଷି ଅଧିକାରୀ କମଳାନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଦୀର୍ଘ ୧ ମାସ ଧରି ଏହି ତଦାରଖ କାର୍ଯ୍ୟକ୍ରମଟି ଚାଲୁ ରହିବ ।

# ଶଶୁର ଘରେ କଳା କନା ବୁଲାଇଲା ଜୋଇଁ

## ଶଳାକୁ ରଡ଼ରେ ପିଟି ଲୁଟି ନେଲା ଜମିବିକା ଟଙ୍କା

**ବାଲିଅନ୍ତା, ନ୍ୟୁଜ୍ ବ୍ୟୁରୋ**

ରାତିଅଧରେ ଶଶୁର ଘରେ ଧସେଇ ପଶି ଜୋଇଁ ଲୁଟ୍‌ପାଟ୍ କଲା । ଶଶୁରଙ୍କ ପାଖରେ ଥିବା ଜମି ବିକା ଟଙ୍କା ଲୁଟିବାକୁ ଯାଇ ଶଳାଙ୍କୁ ରଡ୍‌ରେ ପିଟିପିଟି ହାତ ଭାଙ୍ଗିଦେଲା । ବୃଦ୍ଧ ଶଶୁରଙ୍କ ଠାରୁ ଚାବି ଛଡ଼ାଇ ନେଇ ଆଲମିରାରୁ ଟଙ୍କା ପଇସା, କାଗଜପତ୍ର ନେଇଗଲା । ଏଭଳି ଏକ ସାଂଘାତିକ ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଜୋଇଁ ଓ ତା'ର ସହଯୋଗୀକୁ ଗିରଫ କରିଛି । ସେମାନେ ହେଲେ ଅଭିଯୁକ୍ତ ଜୋଇଁ ପୁରୀ ଜିଲ୍ଲା ପିପିଲି ଜଗନ୍ନାଥପୁରର କାଶୀନାଥ ଉପାଧ୍ୟାୟ (୪୫) ଓ ତାର ସହଯୋଗୀ ବଳଙ୍ଗା ଥାନା ଗୋଡ଼ିମାଳ ଗାଁର ଲିଙ୍ଗରାଜ ବାରିକ ଓରଫ ଲିଙ୍ଗା (୨୯) । ବାଲିଅନ୍ତା ପାରିବାସୁଦେଇପୁରରେ ଘଟିଥିବା ଏଭଳି ଘଟଣା ବାଲିଅନ୍ତାରୁ ପିପିଲି ପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ହୋଇଛି । ପୋଲିସ ସୂଚନାନୁଯାୟୀ ୨୦୦୭ ମସିହାରେ ପାରିବାସୁଦେଇପୁରର ମହେନ୍ଦ୍ର ମିଶ୍ର ତାଙ୍କ ଝିଅକୁ କାଶୀନାଥ ସହ ବିବାହ ଦେଇଥିଲେ । ବିବାହ ସମୟରେ ଦାବି ମୁତାବକ ଜାନିଯୌତୁକ ଦେଇଥିଲେ । କାଶୀନାଥ ଏକ କନ୍ୟା ସନ୍ତାନର ବାପା ହେବା ପରଠୁ ବଦଳିଯାଇଥିଲା । ଝିଅର ଲାଳନ ପାଳନ ପାଇଁ ବାପଘରୁ ଅର୍ଥ ଆଣିବାକୁ କହି ସେ ପତ୍ନୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲା । ଶଶୁର ମହେନ୍ଦ୍ର ମଧ୍ୟ ନାତୁଣୀର ଯାବତୀୟ ଖର୍ଚ୍ଚ ତୁଲାଇ ଆସୁଥିଲେ । ଗତ କିଛି ଦିନ ପୂର୍ବେ ମହେନ୍ଦ୍ର ଏକ ଜମି ବିକିଥିଲେ । ଏହା ଜାଣିବା ପରେ କାଶୀନାଥ ମୁଣ୍ଡରେ ଭୂତ ପଶିଥିଲା । ଟଙ୍କା ମାଗିଲେ ନମିଳିବା ନେଇ ସନ୍ଦେହ ଥିବାରୁ ସେ ଜୋର୍‌ଜବର୍‌ଦସ୍ତ ଟଙ୍କା ଛଡ଼ାଇ ନେବାକୁ ଯୋଜନା କରିଥିଲା । ତେଣୁ ଗତମାସ ୨୩ ତାରିଖ ରାତିରେ ସେ ତା'ର ସହଯୋଗୀ ଲିଙ୍ଗାକୁ ଧରି ବାଇକ୍ ଯୋଗେ ପାରିବାସୁଦେଇପୁରରେ ପହଞ୍ଚିଥିଲା । ଶଶୁର ମହେନ୍ଦ୍ରଙ୍କ ଘରେ ପଶିବା ମାତ୍ରେ ଲିଙ୍ଗା କାଠ ଫାଳିଆରେ ସିସିଟିଭି ଓ ଟିଭି ଭାଙ୍ଗି ପକାଇଥିଲା । କାଶୀନାଥ ଧମକ ଦେଇ ଜମି ବିକା ଟଙ୍କା ଦେବାକୁ କହିଥିଲା । ଏତିକିବେଳେ ଅନ୍ୟ ଏକ ରୁମ୍‌ରେ ଶୋଇଥିବା ମହେନ୍ଦ୍ରଙ୍କ ପୁଅ ଉଠି ସେଠାକୁ ଆସିବା ପରେ ଭିଣୋଇର ଏଭଳି କାଣ୍ଡ ଦେଖି ପ୍ରତିରୋଧ କରିଥିଲେ । ଲିଙ୍ଗାକୁ ବାଡ଼େଇବାକୁ ସେ ଚିହିଁକି ଯିବା ଦେଖି କାଶୀନାଥ ତାଙ୍କୁ ଲୁହା ରଡ୍‌ରେ ପିଟି ପକାଇଥିଲା । ଫଳରେ ତାଙ୍କ ୨ ହାତ ଭାଙ୍ଗି ଯାଇଥିଲା । ଏହାପରେ ମହେନ୍ଦ୍ରଙ୍କ ହାତରୁ ଆଲମିରା ଚାବି ଛଡ଼ାଇ ୫୦ ହଜାର ଟଙ୍କା, ବ୍ୟାଙ୍କ ପାସ୍‌ବୁକ୍, ଚେକ୍ ବୁକ୍ ଆଦି ନେବାପରେ ସେମାନେ ପଳାଇଥିଲେ ।

# ମାହାଙ୍ଗା ଓ ନିଆଳି ଥାନା ଆଇଆଇସିଙ୍କ ଅଦଳ ବଦଳ

**ମାହାଙ୍ଗା, ନ୍ୟୁଜ୍**

ମାହାଙ୍ଗା ଥାନା ଆଇଆଇସିଙ୍କୁ ବଦଳି କରାଯାଇଛି । ମାହାଙ୍ଗା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କୁ ନିଆଳି ଥାନାକୁ ବଦଳି କରାଯାଇଥିବା ବେଳେ ନିଆଳି ଥାନା ଆଇଆଇସି ତପନ କୁମାର ରାଉତଙ୍କୁ ସାଲେପୁର ଥାନାକୁ ବଦଳି କରାଯାଇଛି । କଟକ ଏସପିଙ୍କ ଚିଠି ନ.୨୨୦୩/୩.୯.୨୦୨୪ ଅନୁଯାୟୀ ବଦଳି ଆଦେଶ ଆସିଛି । ଏହା ତୁରନ୍ତ କାର୍ଯ୍ୟକାରୀ କରାଯିବାକୁ କୁହାଯାଇଛି । ଉଲ୍ଲେଖନୀୟ ଯେ ମାହାଙ୍ଗା ଥାନା ସମ୍ମୁଖରେ ଜଣେ ମହିଳାଙ୍କ ଆତ୍ମାହୁତି ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶପାଇଥିଲା ।

# ବେଳାଭୂମିରେ କୁଢ଼ କୁଢ଼ ମୃତ ଜେଲି ଫିସ୍

**ଅସ୍ତରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ମୁହାଣ, ଗୁଣ୍ଡଲବା, ଜାହାନିଆଁ, ଅଣକଣା ଓ ଡାଲୁଅକଣି ବେଳାଭୂମିରେ ବୁଧବାର ଶହ ଶହ ମୃତ ବ୍ଲୁ ବଟନ୍ ପ୍ରଜାତିର ଜେଲି ଫିସ୍ ଦେଖିବାକୁ ମିଳିଥିଲା । ଅସ୍ତରଙ୍ଗ ଅଞ୍ଚଳର କାଦୁଆ ଓ ଦେବୀ ନଦୀ ମୁହାଣ ଅଞ୍ଚଳ ବେଳାଭୂମିରେ ଜେଲି ଫିସ୍ ସମୁଦ୍ରରୁ ଭାସିଆସି କୂଳରେ ଲାଗିଥିଲେ । ଏହି ଜେଲି ଫିସ୍ ବିରଳ ସାମୁଦ୍ରିକ ଜୀବ । ଅଲିଭ୍ ରିଡଲେ କଇଁଛଙ୍କ ଅନ୍ୟତମ ପ୍ରମୁଖ ଖାଦ୍ୟ କେବଳ ଅସ୍ତରଙ୍ଗ ବେଳାଭୂମି ନୁହେଁ । ବିଗତ ଦିନରେ ପୁରୀ ଓ କୋଣାର୍କ ବେଳାଭୂମିରେ ଜେଲି ଫିସ୍ ସାଙ୍ଗକୁ ଋଷିକୂଲ୍ୟା ମୁହାଣରେ ମାଛ ମଡ଼କ ଦେଖିବାକୁ ମିଳିଥିଲା । ଏଭଳି ସାମୁଦ୍ରିକ ଜୀବ ମୃତ ଅବସ୍ଥାରେ ବେଳାଭୂମିରେ ଲାଗିବା ଘଟଣା ସାମୁଦ୍ରିକ ପରିସଂସ୍ଥାନର ବିପଥଗାମୀ ଖାଦ୍ୟ ଶୃଙ୍ଖଳ ସମସ୍ତଙ୍କ ପାଇଁ ବଡ଼ ଆହ୍ୱାନ ବୋଲି ପରିବେଶବିତ୍ ଶୋଭାକର ବେହେରା କହିଛନ୍ତି ।

# ସନ ନଦୀ ବ୍ରିଜ୍ ନିକଟରୁ ହାତୀର ମୃତ ଦେହ ଠାବ



**ଗୁଣପୁର, ନ୍ୟୁଜ୍ ବ୍ୟୁରୋ**

ଗୁଣପୁର ବ୍ଲକ ଅନ୍ତର୍ଗତ ଫୁଲ ଫୁଟି ଗ୍ରାମର ସାନ ନଦୀ ନିକଟରେ ଗୋଟିଏ ହାତୀର ମୃତ ଦେହ ଠାବ ହୋଇଛି । ଖବର ପାଇ ଗୁଣପୁର ବନ ବିଭାଗର କର୍ମଚାରୀ ଓ ରେଞ୍ଜର ଘଟଣା ସ୍ଥଳକୁ ପହଞ୍ଚି ତଦନ୍ତ କରୁଛନ୍ତି । ଏହି ହତୀର ମୃତ୍ୟୁକୁ ନେଇ ପ୍ରାଥମିକ ତଦନ୍ତରୁ ଇଲେକ୍ଟ୍ରିସକ୍‌ରୁ ମୃତ୍ୟୁବରଣ କରିବାଥିବା କୁହାଯାଉଛି । ତଦନ୍ତ ଶେଷରେ ଜଣାପଡ଼ିବ କେଉଁଭଳି ପରିସ୍ଥିତିରେ ହାତୀଟିର ମୃତ୍ୟୁ ଘଟିଥିଲା ।

# ପ୍ରେମ ବ୍ୟାପାରରୁ ଯୁବକକୁ ହତ୍ୟା:ନାଳରୁ ଶବ ଉଦ୍ଧାର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ନିକଟ ରଥିଆର ଏକ କ୍ରସର ପଛପଟ ନାଳରୁ ଜଣେ ମୃତ ଯୁବକର ଶବକୁ ପୋଲିସ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ ଯୁବକ ଅଭୟପୁର ଗ୍ରାମର ନରହରି ବେହେରାଙ୍କ ପୁଅ ରୁଦ୍ରପ୍ରସାଦ ବେହେରା (୨୦) ବୋଲି ଜଣାପଡିଛି । ରୁଦ୍ର ମଙ୍ଗଳବାର ଠାରୁ ନିଖୋଜଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ । ସକାଳୁ ତାର ଶବ ନାଳରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ତାଙ୍କ ପୁଅକୁ କେହି ମାରିଦେଇ ନାଳରେ ପକାଇଥିବା ବାପା ଅଭିଯୋଗ କରିଛନ୍ତି । ପୋଲିସ ଅନୁସନ୍ଧାନ ଜାରିରଖିଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୬।୯।୨୦୨୪, ଭାଦ୍ରବ ଦି୨୨ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ-** ଘ୫।୩୨।୧୮ **ଚନ୍ଦ୍ରୋଦୟ-** ପ୍ରାଘ୭।୫୪।୫୬

**ତୃତୀୟା-** ଦିଘ ୩।୦୨ ପର୍ଯ୍ୟନ୍ତ । **ହସ୍ତା ନକ୍ଷତ୍ର-** ଦିଘ ୯।୨୫ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ରାଘ ୧୧।୦୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । ରାଘ ୧୧।୦୧ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ରାଘ ୧୧।୦୧ ମଧ୍ୟେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୩।୦୨ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୬ ଗତେ ଘ ୬।୨୫ ମଧ୍ୟେ। ଦିଘ ୧୨।୦୯ ଗତେ ଘ ୨।୩୬ ମଧ୍ୟେ । ଘ ୧୨।୦୯ ଗତେ ଘ ୨।୩୬ ମଧ୍ୟେ । **ପର୍ବୋତ୍ସବ –** ବାଳିତୃତୀୟା, ଗୌରୀବ୍ରତ, ହରିତାଳିକା ଚତୁର୍ଥୀ ।



**ମେଷ:** କର୍ମକ୍ଷେତ୍ରରେ ଆଶା ଅନୁସାରେ ଫଳ ଲାଭ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଶରୀର ସୁସ୍ଥ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମହିଳାମାନେ ସୁଖୀ ହେବେ ।



**ବୃଷ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ବ୍ୟବସାୟ କ୍ଷତିରେ ଚାଲିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।



**ମିଥୁନ:** ଆର୍ଥିକ ସ୍ଥିତି ଭଲ ରହିବ । ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ବ୍ୟୟର ମାତ୍ରା ଅଧିକ ହେବ । ଘରେ ଆନନ୍ଦ ଦେଖାଦେବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବାର ସମ୍ଭାବନା ।



**କର୍କଟ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ରୋଜଗାର ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରୋପକାରୀ ହେବାର ସୂଚନା ।



**ସିଂହ:** ପିଲାଙ୍କ ନିମନ୍ତେ ଚିନ୍ତିତ ହେବେ । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ । ବ୍ୟୟର ପରିମାଣ ବଢ଼ିବ । ଘରେ ଦ୍ୱନ୍ଦ୍ୱ ଦେଖାଦେବାର ସୂଚନା ।



**କନ୍ୟା:** ଆଜି ଆପଣଙ୍କ ଦିନଟି ଆନନ୍ଦମୟ ହେବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବଢ଼ିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ପିଲାମାନେ ପଢ଼ାପଢ଼ିରେ ଆଗେଇବାର ସୂଚନା ।



**ତୁଳା:** ଆର୍ଥିକ ସ୍ଥିତି ଭଲ ରହିବ । ଶତ୍ରୁଙ୍କ ପ୍ରତି ସତର୍କତା ଅବଲମ୍ବନୀୟ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଶ୍ରେୟସ୍କର । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ ।



**ବିଛା:** ବ୍ୟୟର ପରିମାଣ ଅଧିକ ହେବ । ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ସିଦ୍ଧି ହେବ । ଦେବ ଦର୍ଶନ ସହ ଭ୍ରମଣ ଯୋଗ ମଧ୍ୟ ରହିଛି । ଆୟ ଓ ବ୍ୟୟ ସମାନ ରହିବ । ଗୃହରେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ଧନୁ:** ଆର୍ଥିକ ସ୍ଥିତି ପୂର୍ବ ପରି ରହିବ । ସମସ୍ତ କାର୍ଯ୍ୟ ସିଦ୍ଧି ହେବ । ତରତର ଭାବରେ କୌଣସି ପଦକ୍ଷେପ ନେବା ଉଚିତ୍ ନୁହେଁ। ପାରିବାରିକ ଜୀବନ ସୁଖମୟ ହେବ । ଦେହ ଭଲ ରହିବ।



**ମକର:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମାନସିକ ଶାନ୍ତି ଅବ୍ୟାହତ ରହିବ । ସରକାରୀ ସ୍ତରରୁ ଲାଭବାନ୍ ହୋଇପାରନ୍ତି । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ । ଦେହ ଭଲ ରହିବ । ବନ୍ଧୁ ଦର୍ଶନ ସହ ସହଯୋଗ ମଧ୍ୟ ଲାଭ କରିବେ । ମହିଳାମାନେ ସୁଖୀ ହେବେ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ ।



**ମୀନ:** ଧର୍ମ କାର୍ଯ୍ୟରେ ଲିପ୍ତ ରହିବେ । ବ୍ୟବସାୟରେ ସଫଳତା ଦେଖାଦେବ । ମନରେ ପ୍ରସନ୍ନତା ରହିବ । ପିଲାମାନେ ସୁଖୀ ହେବେ । ସାଂସାରିକ ଜୀବନ ସୁଖମୟ ହେବ । ଆୟ ଭଲ ହେବ । ମହିଳାମାନେ ସୁଖୀ ହେବେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଦେଶରେ ପ୍ରାୟ ୯ ଲକ୍ଷ କୋଟି ଟଙ୍କା ହ୍ରାସ

ଭାରତୀୟମାନେ ସଞ୍ଚୟ ପ୍ରିୟ। ଯିଏ ଯେତେ ରୋଜଗାର କରନ୍ତୁ ନା କାହିଁକି ସେଥିରୁ କିଛି ସଞ୍ଚୟ କରି ଘରେ ରଖିବାକୁ ପସନ୍ଦ କରନ୍ତି। ଲୋକମାନଙ୍କ ସେହି ମାନସିକତା ଭାରତକୁ ଅନ୍ୟ ଦେଶଠାରୁ ଭିନ୍ନ କରିଥିବା ବେଳେ ପରିବାର ସଞ୍ଚୟ କ୍ଷେତ୍ରରେ ଦେଶକୁ ଅଗ୍ରଣୀ ରଖିଛି। କିନ୍ତୁ ଗତ କିଛି ବର୍ଷ ହେଲାଣି ପରିବାରରେ ହେଉଥିବା ସଞ୍ଚୟ ଉପରେ ଚାପ ସୃଷ୍ଟି ହୋଇଛି। ଲୋକମାନେ ଘରେ ପୂର୍ବ ଭଳି ସଞ୍ଚୟ କରିପାରୁନାହାନ୍ତି କିମ୍ବା ସଞ୍ଚିତ ରାଶିରୁ ଖର୍ଚ୍ଚ କରିବାକୁ ବାଧ ହୋଇଛନ୍ତି ବୋଲି ଏକ ତଥ୍ୟରୁ ଜଣାପଡ଼ିଛି। ଜାତୀୟ ଖାତା ପରିସଂଖ୍ୟାନ ୨୦୨୪ ତଥ୍ୟ ଅନୁସାରେ ଦେଶର ପରିବାର ସଞ୍ଚୟ ପରିମାଣ ଗତ ତିନି ବର୍ଷରେ ପ୍ରାୟ ୯ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୧୪.୧୬ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। ୨୦୨୦-୨୧ରେ ପରିବାର ସଞ୍ଚୟ ପରିମାଣ ୨୩.୨୯ ଲକ୍ଷ କୋଟି ଟଙ୍କା ଭଳି ଉଚ୍ଚ ସ୍ତରରେ ଥିଲା। ୨୦୨୨-୨୩ ସୁଦ୍ଧା ସେଥିରୁ ୯ ଲକ୍ଷ କୋଟି ଟଙ୍କା ବାହାରି ଯାଇଛି। ଅର୍ଥାତ ତିନି ବର୍ଷ ଭିତରେ ଲୋକମାନେ ପରିବାର ଚଳାଇବା ଲାଗି ସଞ୍ଚିତ ରାଶି ଉପରେ ନିର୍ଭରଶୀଳ ହୋଇପଡ଼ିଥିଲେ ବୋଲି ପରୋକ୍ଷରେ କୁହାଯାଇପାରିବ। ନିଯୁକ୍ତି ବଜାରରେ କଠିନ ସ୍ଥିତି, ଲୋକମାନଙ୍କ ଆୟ ଉପରେ ରହିଥିବା ଚାପ ଏବଂ ଦରଦାମ୍ ସ୍ଥିତି ବେଲଗାମ ରହିବା କାରଣରୁ ଲୋକମାନଙ୍କୁ ଆଉ ସଞ୍ଚୟ କରିବା ଲାଗି ବିଶେଷ ସୁଯୋଗ ମିଳୁନାହିଁ। ୨୦୨୧-୨୨ରେ ପରିବାର ସଞ୍ଚୟ ରାଶି ୧୭.୧୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ୨୦୨୨-୨୩ରେ ତାହା ୧୪.୧୬ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି ଯାହା ଗତ ପାଞ୍ଚ ବର୍ଷ ଭିତରେ ସବୁଠୁ କମ୍। ଶେଷ ଥର ପାଇଁ ୨୦୧୭-୧୮ରେ ପରିବାର ସଞ୍ଚୟ ପରିମାଣ ୧୩.୦୫ ଲକ୍ଷ କୋଟି ଟଙ୍କା ଭଳି ନିମ୍ନ ସ୍ତରକୁ ଖସିଆସିବା ପରେ ୨୦୧୮-୧୯ରେ ୧୪.୯୨ ଲକ୍ଷ କୋଟି ଟଙ୍କାକୁ ଏବଂ ୨୦୧୯-୨୦ରେ ୧୫.୪୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ସରକାରଙ୍କ ଏହି ତଥ୍ୟରୁ ଆଉ ଗୋଟିଏ ଚିତ୍ର ସାମ୍ନାକୁ ଆସିଛି। ତାହା ହେଉଛି ଲୋକମାନେ ମ୍ୟୁଚୁଆଲ୍ ଫଣ୍ଡରେ ଅଧିକ ନିବେଶ କରୁଛନ୍ତି। ସେଥିପାଇଁ ତିନି ବର୍ଷରେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ପରିମାଣ ତିନି ଗୁଣା ବୃଦ୍ଧି ପାଇ ୨୦୨୨-୨୩ ସୁଦ୍ଧା ୧.୭୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ରେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ପରିମାଣ ୬୪,୦୮୪ କୋଟି ଟଙ୍କା ଥିବା ବେଳେ ୨୦୨୧-୨୨ରେ ତାହା ୧.୬ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଆଲୋଚ୍ୟ ତିନି ବର୍ଷରେ ସେୟାର ଓ ଡିବେଞ୍ଚରରେ ନିବେଶ ପରିମାଣ ଦୁଇ ଗୁଣା ବୃଦ୍ଧି ପାଇ ୨୦୨୨-୨୩ ସୁଦ୍ଧା ୨.୦୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ରେ ଏହି ନିବେଶ ପରିମାଣ ୧.୦୭ ଲକ୍ଷ କୋଟି ଟଙ୍କା ଥିଲା। ପରିବାରଗୁଡ଼ିକର ଋଣ ବୋଝ ଇତି ମଧ୍ୟରେ ବୃଦ୍ଧି ପାଇଛି। ଆର୍ଥିକ ସଂସ୍ଥାଗୁଡ଼ିକରୁ ପରିବାରଗୁଡ଼ିକ ନେଇଥିବା ଋଣ ଚାରି ଗୁଣା ବୃଦ୍ଧି ପାଇ ୨୦୨୨-୨୩ ସୁଦ୍ଧା ୩.୩୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ରେ ପରିବାରଗୁଡ଼ିକ ଉପରେ ୯୩,୭୨୩ କୋଟି ଟଙ୍କାର ଋଣ ବୋଝ ଥିଲା ଯାହା ୨୦୨୧-୨୨ ସୁଦ୍ଧା ୧.୯୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ବୋଲି ଜଣାପଡ଼ିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱାହା ସ୍ୱଧା ନମୁତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ–୪୯



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

କାହିଁକିନା ସେ ତିଆରି କରିଥିବା ନିୟମ ସମସ୍ତଙ୍କ ପାଇଁ ସମାନ। ହେ ରାମ ! ତୁମେ ନିଜେ ପ୍ରଥମେ ନିଜର ଅନୁଭବକୁ ଆଣିବାକୁ ପଡିବ ଯେ ତୁମେ କିଏ ? କେଉଁଥି ପାଇଁ ଏ ମର୍ତ୍ତ୍ୟମଣ୍ଡଳରେ ତୁମେ ଅବତୀର୍ଣ୍ଣ ହୋଇଥିଲ ? ତୁମର ଏବଂ ତୁମର ଏ ଭାଇମାନଙ୍କ ଦ୍ୱାରା ସଂପାଦିତ ହେବାକୁ ଥିବା ଏପରି କିଛି କର୍ତ୍ତବ୍ୟ ବାକି ରହିଛି କି ଯେଉଁଥି ପାଇଁ ବିକଳ ହୋଇ ଆଖିରୁ ଲୁହ ଗଡାଉଛ ? ମନ ଖୋଲି କୁହ ଶ୍ରୀରାମ ? ଆଉ ସମୟ ନାହିଁ ତୁମ ନିକଟରେ । ସମୟ ତୁମମାନଙ୍କର ସମାପ୍ତ ହୋଇ ସାରିଲାଣି। ଏଠାରେ ନିଜେ ସ୍ୱୟଂ ମହାକାଳ ମନୁଷ୍ୟ ରୂପ ଧାରଣ କରି ଯଦି ଜନ୍ମ ନିଏ । ସିଏବି ମୃତ୍ୟୁ ମୁଖରେ ପଡିବ। ମଣିଷ ଯେତେବେଳେ ମୃତ୍ୟୁ ମୁଖରେ ପଡେ, ସେତେବେଳେ କୌଣସି ନା କୌଣସି ବାହାନାକୁ ଆଶ୍ରୟ କରି ପରସ୍ପର ମଧ୍ୟରେ ଦୋଷାରୂପ କରାଇ ଖୁବ୍ ବିଚଳିତ ହୋଇପଡେ, କିନ୍ତୁ ବାସ୍ତବ କଥା ହେଲା ଏଠାରେ ଯିଏବି ଜନ୍ମ ନେବ, ସେ ଜନ୍ମ ହେବା ସମୟରେ କାଳ ତା'ର ସମୀକ୍ଷା କରି ହିସାବ ଦ୍ୱାରା ମଣିଷର ଆୟୁକୁ ନିର୍ଦ୍ଧାରିତ କରି ଦେଇଥାଏ ମୃତ୍ୟୁ ସମୟ। ସେ କିପରି ଜୀବକୁ ନେବ, କେଉଁ ଉପାୟରେ ନେବ, କେଉଁ ପରିସ୍ଥିତିରେ ନେବ, ତାହା ପୁଣି କାହାଦ୍ୱାରା ଏପରି ପରିସ୍ଥିତି ସୃଷ୍ଟିକରି ଜୀବନକୁ ସମାପ୍ତ କରିବ, ତାହା ପ୍ରତ୍ୟେକ ଜୀବନକୁ ଜନ୍ମ ସମୟରୁ କାଳ ସ୍ଥିର କରିନେଇଥାଏ। କିନ୍ତୁ ବଡ ବିଚିତ୍ର ଏହି କି ଯେ ମଣିଷ ଜ୍ଞାନୀ, ଗୁଣି ବିଦ୍ୱାନ ହୋଇ ଏସବୁ ନିଶ୍ଚିତ ଘଟିବ ବୋଲି ଜାଣି ସାରିବା ପରେ ମୃତ୍ୟୁ ସମୟରେ ଉଚ୍ଚସ୍ୱରରେ କ୍ରନ୍ଦନ କରେ। ଚେତନା ହରାଏ, ଏପରିକି ବିକଳ ହେଉ ହେଉ ତା'ର ପ୍ରାଣ ଛାଡିଯାଏ। ଏ ସବୁ ପ୍ରତ୍ୟେକ ମଣିଷ ଜାଣି ସାରିବା ପରେ ବି ମଣିଷ ଭାବି ନିଏ ଯେ କାଳେ ଏପରି ଉଚ୍ଚସ୍ୱରରେ କରୁଣ ବିଳାପ କଲେ, ପୁନର୍ବାର ମୃତ୍ୟୁ ବ୍ୟକ୍ତିକୁ ଈଶ୍ୱର ଜୀବନ ଦାନ କରିଦେବେ। ଏହାବି ଅସତ୍ୟ, କାରଣ ସେ ଭଲ ଭାବରେ ଜାଣିଥାଏ ଯେ ଯେତେ କାନ୍ଦିଲେ ବି ମୃତ ବ୍ୟକ୍ତି ଆଉ ଜୀବନ୍ତ ହୋଇପାରିବନି। ହେ ଶ୍ରୀରାମ, ତୁମେ ହେଉଛ ଏ ଜଗତର ପାଳନ କର୍ତ୍ତା, ଏହାବି ମୁଁ ଜାଣେ ଯେ ଆପଣ ହେଉଛନ୍ତି ସୂର୍ଯ୍ୟବଂଶର ମଉଡମଣି। ସମସ୍ତ ଯୁକ୍ତିର ସର୍ବୋଚ୍ଚସ୍ତରରେ ଆପଣ ହେଉଛନ୍ତି ପରଂବ୍ରହ୍ମ। ଏସବୁ ସତ୍ତ୍ୱେ ଆପଣ ରକ୍ତମାଂସର ଦେହ ଧାରଣ କରିଥିବା ହେତୁ ଆପଣଙ୍କୁ ମାୟାର ଶକ୍ତିଶାଳି ତରଙ୍ଗରେ ପ୍ରବାହିତ ହେବାକୁ ପଡୁଛି। ତେଣୁ ତୁମେ ଆଉ ବିଳମ୍ବ ନକରି ଲକ୍ଷ୍ମଣଙ୍କୁ ବିଦାୟ ଦିଅ। ଲକ୍ଷ୍ମଣ ସରଯୂରେ ଆତ୍ମ ବିସର୍ଜନ କରିବା ପରେ ତୁମେ ସଙ୍ଗେ ସଙ୍ଗେ ଏହି ଧରାଧାମ ତ୍ୟାଗ କରିବା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ କରିଦିଅ। ହଁ, ଆଉ ଗୋଟିଏ କଥା ମନେରଖ ଶ୍ରୀରାମ, ଯେଉଁ ଲକ୍ଷ୍ମଣଙ୍କୁ ବିଦାୟ ଦେଉଛ ବୋଲି ସମଗ୍ର ଅଯୋଧ୍ୟା ଆଜି, ଶୋକ ସାଗରରେ ବୁଡି ଯାଇଛନ୍ତି, ସେହି ଲକ୍ଷ୍ମଣଙ୍କ ସମେତ ତୁମେ ତିନିଭାଇ ଏହି ଧରାଧାମରେ ପୁନର୍ବାର ଜନ୍ମ ନେବ, କାହିଁକିନା ଅତୀତକୁ ସ୍ମରଣ ରଖିଥିବ ଶ୍ରୀରାମ, ଯେଉଁ ଦିନ ତୁମର ପରମ ଭକ୍ତ ଅଙ୍ଗଦ ସମ୍ମୁଖରେ ତୁମେ ଶପଥ କରି କହିଥିଲ, ହେ ଅଙ୍ଗଦ, ଆଜି ମୁଁ ଏ ଋଷ୍ୟମୂକ ପର୍ବତ, ଏ ଝରଣା , ଏ ନିବିଡ ଅରଣ୍ୟର ବୃକ୍ଷଲତା, ପଶୁପକ୍ଷୀ, ବାନରମାନଙ୍କ ସମ୍ମୁଖରେ ମୁଁ ମୁକ୍ତ କଣ୍ଠରେ ଘୋଷଣା କରୁଛି, ମୁଁ ପୁନର୍ବାର ଜନ୍ମ ନେବି ଶ୍ରୀକୃଷ୍ଣ ରୂପରେ, ଏ ଧରିତ୍ରୀ ପୃଷ୍ଠରେ। ସେହି ସମୟ ପର୍ଯ୍ୟନ୍ତ ତୁମକୁ ପ୍ରତୀକ୍ଷା କରିବାକୁ ପଡିବ। ଦ୍ୱାପର ଯୁଗରେ ସମସ୍ତ କାର୍ଯ୍ୟ ସଂପାଦନ କରି ଯେତେବେଳେ ଦେହ ତ୍ୟାଗ କରିବା ପାଇଁ ନିଘଞ୍ଚ ଶିଆଳିଲତା ତଳେ ଆଶ୍ରୟ ନେଇଥିବ, ଠିକ୍ ସେହି ସମୟରେ ମୋର ପଦ ଯୁଗଳକୁ ଭ୍ରମବଶତଃ ଶରବିଦ୍ଧ କରିବ। ସେହି ଶରହିଁ ହେବ ମୋ ବିନାଶର ପ୍ରମୁଖ କାରଣ। ସେହି ଠାରେ ହିଁ ତୁମେ ତୁମ ପିତୃ ହତ୍ୟାର ପ୍ରତିଶୋଧ ନେବ ଅଙ୍ଗଦ। କିନ୍ତୁ ତୁମେ ଜନ୍ମ ନେଇଥିବ ଏକ ନିଷାଦ ବଂଶରେ। ମୋତେ ନିଧନ କରୁଥିବା ସମୟରେ ତୁମ ପିତୃ ହତ୍ୟାର ଯନ୍ତ୍ରଣା ଦାୟକ ଶୋକ ବାବଦରେ କିଛି ମନେ ରହିନଥିବ, କିନ୍ତୁ ମୋ ପାଦକୁ ଯେତେବେଳେ ମୃଗ ବୋଲି ମନେ କରି ଶର ନିକ୍ଷେପ କରିବ, ଆଉ ମୋ ପାଦରୁ ଅନବରତ ରୁଧୀର ନିର୍ଗତ ହେଉଥିବା ସମୟରେ ମୁଁ ଯେତେବେଳେ ଉତ୍କଟ ଯନ୍ତ୍ରଣାରେ ଛଟପଟ ହେଉଥିବି, ସେ ସମୟରେ ତୁମେ ଧୈର୍ଯ୍ୟ ଧରି ନପାରି ବିକଳରେ କାନ୍ଦୁଥିବ, ସେହିଠାରେ ହିଁ ମୁଁ ତୁମର ସ୍ମରଣକୁ ନେଇ ଆସିବି ତୁମ ପୂର୍ବଜନ୍ମର ଦାରୁଣ ପିତୃ ହତ୍ୟାର ପ୍ରତିଶୋଧର କାହାଣୀ। ତାହ ବି ଅଧିକ ସମୟ ଲାଗିବନି ଏ ପୃଥିବୀ ପୃଷ୍ଠରେ। ମୁଁ ଭୀଷଣ ଅନୁତପ୍ତ ଅଙ୍ଗଦ। ଆଉ ଗୋଟିଏ ନିଶ୍ଚିତ ସତ୍ୟକୁ ତୁମ ଆଗରେ ପ୍ରକାଶ କରୁଛି। ଏ ସୃଷ୍ଟିରେ ଯେତେ ଜନ୍ମ ନେଇ ମୃତ୍ୟୁ ବରଣ କରୁଛନ୍ତି ଆଉ ଯେଉଁମାନେ ଜନ୍ମ ନେଉଛନ୍ତି ଏବଂ ଯେଉଁମାନେ ଏ ଦୁନିଆକୁ ଭବିଷ୍ୟତରେ ଆସିବେ ସେମାନଙ୍କୁ ମୁଁ ଭଲଭାବରେ ଜାଣେ। ତୁମେ ସଂସାରର ମାୟାରେ ଆଚ୍ଛନ୍ନ ହୋଇଥିବାରୁ ତୁମର ସେ ଜ୍ଞାନ ନାହିଁ। ତୁମକୁ ପ୍ରତୀକ୍ଷା କରିବାକୁ ପଡିବ, କାରଣ ମୁଁ ହେଉଛି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ। ତେଣୁ ଏହି ପ୍ରତିଶୃତି କ'ଣ ଅଙ୍ଗଦକୁ ଦେଇନାହାଁନ୍ତି ଆପଣ ? କ୍ରମଶଃ ...

# ନିରାମିଷ ପାଇଁ ଛତୁ ଉତ୍ତମ ଖାଦ୍ୟ



ଇମରଟସ୍ ପ୍ରଫେସର ଡା. ଚତୁର୍ଭୁଜ ଭୂୟାଁ
ଡ଼.ଡି. ୱାଇ ପାଟିଲ ବିଶ୍ୱବିଦ୍ୟାଳୟ
ପୁନେ, ମହାରାଷ୍ଟ୍ର
ମୋ–୯୫୫୬୫୭୨୨୧୨

ଛତୁ ଏପରି ଏକ ପଦାର୍ଥ ଓ ଦ୍ରବ୍ୟ ଯାହା ଦ୍ରୁତ ଗତିରେ ବହୁ ସଂଖ୍ୟାରେ ଅଭ୍ୟୁଦୟ ହୋଇଥାଏ, ଯାହାକୁ ଆଜିକାଲି ପରିଚିତ ଇତ୍ୟାଦି ଭାଷାରେ ମୁସରୁମ୍ (Mushroom) କହନ୍ତି । ଛତୁର ଲୋକାଚାର ଭାଷା, ଉପଯୋଗ ଆଦି ବିଚାର କଲେ ଜଣାଯାଏ, ଛତୁ ଏକ ଅତ୍ୟନ୍ତ ଉପାଦେୟ ସନ୍ତୁଳିତ ଖାଦ୍ୟଦ୍ରବ୍ୟ ଯାହାକି, ଫଙ୍ଗସ ରୁ ଉତ୍ପନ୍ନ ହୁଏ ବା ଏକ ଫଙ୍ଗାଲ ଦ୍ରବ୍ୟ । ଛତୁରୁ ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତ ହୁଏ । ଛତୁ ଏକ ଫଙ୍ଗାଲ ହୋଇଥିବାରୁ ଏହି ଫଙ୍ଗାଲରୁ ଔଷଧ ତିଆରି ହୁଏ ଯେପରି ପ୍ରଥମେ ପେନସିଲିନ୍ ଆଣ୍ଟିବାଇଓଟିକ ନିର୍ମାଣ କରାଯାଇଥିଲା । ଖାଦ୍ୟ ଭାବରେ ଚୀନ, ଗ୍ରୀକ୍, ଇଜିପ୍ଟ ଆଦି ଦେଶରେ ପ୍ରାରମ୍ଭିକ ବ୍ୟବହାର ଦେଖାଗଲାବେଳେ ପରବର୍ତ୍ତୀ କାଳରେ ପୃଥିବୀର ଅନେକ ଦେଶର ଲୋକମାନେ ତାଙ୍କର ଖାଦ୍ୟ ସାରଣୀରେ ଯୋଡ଼ି ଦେଲେଣି । ଛତୁ ଏବେ ଏକ ଉତ୍ତମ ଉତ୍ପାଦକ, ବ୍ୟବସାୟିକ ଲାଭଜନକ ବସ୍ତୁ ଭାବରେ ଅନେକ ଦେଶରେ ଚାଷ କରାଯାଉଛି । ସେହିପରି ଶତାଧିକ ଦେଶରେ ମଧ୍ୟ ଏହାର ବ୍ୟବହାର କରାଯାଇ ଏହାର ଉପଯୋଗର ବିସ୍ତୃତି ବିଷୟରେ ଗବେଷଣା ମଧ୍ୟ କରାଯାଉଛି । ଘରେ, ହୋଟେଲ, ବଜାରାଦି ଖାଦ୍ୟ ଦ୍ରବ୍ୟରେ ଛତୁର ମାନ୍ୟତା ଯଥେଷ୍ଟ । ଛତୁର ମଧ୍ୟ ପ୍ରକ୍ରିୟାକରଣ ହୋଇପାରୁଛି । ତଦ୍ୱାରା ଛତୁର ଆମଦାନୀ ଓ ରପ୍ତାନୀ ଦେଶ ଦେଶ ମଧ୍ୟରେ ବଢ଼ିଚାଲିଛି । ଦେଶମାନଙ୍କ ମଧ୍ୟରେ ମୁଖ୍ୟତଃ ଆମେରିକା, ଚୀନ, ଫ୍ରାନ୍ସ, ଭାରତ, ପୋଲାଣ୍ଡ, ଇଟାଲୀ, କାନାଡା, ବ୍ରିଟେନ୍ ଆଦି ଦେଶରେ ଉତ୍ପାଦନ ସହିତ ବହୁତ ମାତ୍ରାରେ ବ୍ୟବହାର ଦେଖାଯାଏ ।

ଛତୁ ଏକ ଫଙ୍ଗସ ଜାତୀୟ ଖାଦ୍ୟ ଉପଯୋଗ ପରିବା ଶ୍ରେଣୀ ଅନ୍ତର୍ଭୁକ୍ତ ଓ ପୂର୍ଣ୍ଣ ମାଂସାଳ ଶରୀର ଏବଂ ଫିମ୍ପି ସଂଗଠନ ଥିବା ଏକ ଦ୍ରବ୍ୟ, ଯାହାକି ମୃତ ତଥା ଅବକ୍ଷୟମାନ ଉଦ୍ଭିଦଜ ଓ ପ୍ରାଣୀଜ ପଦାର୍ଥରୁ ଖାଦ୍ୟସାର ଗ୍ରହଣ କରି ଜନ୍ମ ହୋଇଥାଏ । ଏହା ଜଙ୍ଗଲ ଓ ଘର ବାଡ଼ିରେ ହୋଇପାରେ । ଜଙ୍ଗଲ ବା ଅନାବନା ସ୍ଥାନରେ ଛତୁକୁ ଜଙ୍ଗଲି ଛତୁ, ଯାହାକି ବିଷାକ୍ତ ଛତୁ ଭାବରେ ବ୍ୟବହାର ଅନୁପଯୋଗୀ ସ୍ୱାସ୍ଥ୍ୟ ପାଇଁ ଅହିତକର ହୋଇଥାଏ । କିନ୍ତୁ ଗୃହ ବା ଘର ବାଡ଼ିରେ ଚାଷରୁ ବା ମିଳୁଥିବା ନଡ଼ା, ପାଳ, ବାଲି, ମାଟିରୁ ମିଳୁଥିବା ଘରୁଆ ଛତୁ ଉପଯୋଗୀ ଖାଦ୍ୟପ୍ରାଣ ଯୁକ୍ତ ଖାଦ୍ୟ ଦ୍ରବ୍ୟରେ ବ୍ୟବହାର କରାଯାଏ । ଏହି ଖାଦ୍ୟପୋଯୋଗୀ ଛତୁରେ ଅଳ୍ପ କାଲୋରୀ ଶକ୍ତି, ବିଭିନ୍ନ ପ୍ରକାର ଜୀବସାର, ଧାତୁସାର ଖାଦ୍ୟପ୍ରାଣ ସମାହାର ଥିବାରୁ ସୁଷମ ଖାଦ୍ୟଦ୍ରବ୍ୟ ଅନ୍ତର୍ଭୁକ୍ତ ହୋଇଥାଏ ।

ଛତୁପ୍ରକାର (Types of Mushroom) : ବିଭିନ୍ନ ପ୍ରକାର ଛତୁ ମିଳିଥାଏ । ସାଧାରଣତଃ, ପାଳ ଛତୁ, ନଡ଼ା ଛତୁ, ବଟମ ଛତୁ, ବାଲି ଛତୁ ଇତ୍ୟାଦି ମିଳୁଥିଲା ବେଳେ, ଅନେକ ଉନ୍ନତ ଧରଣର ଯଥା ବଟନ ଛତୁ, ବାଷ୍ଟରଲି ଛତୁ, କ୍ରିମନି ଛତୁ, ଶିଟାକ ଛତୁ, ୟଷ୍ଟର ଛତୁ, ଏନାଳି ଛତୁ, ପୋର୍ଟୋବେଲା ଛତୁ, ପୋରସିନି ଛତୁ, ମୋରେଲ ଛତୁ ଇତ୍ୟାଦି ମିଳେ । ଏଗୁଡ଼ିକ ବିଭିନ୍ନ ଦେଶରେ ଉତ୍ପନ୍ନ କରାଯାଇ ଆମଦାନୀ ଓ ରପ୍ତାନୀ କରାଯାଇଥାଏ । ବଟନ ଛତୁକୁ ଏଗରିକସ୍ (Agaricus = edible fungus) କହନ୍ତି । ଏହାର ଅନେକ ସ୍ଥାନରେ ଅଧିକ ଆଦର ଥାଏ ।

ଛତୁର ପୋଷକ ତତ୍ତ୍ୱ (Nourishing Factors of Mushroom) : ଖାଦ୍ୟ ଦ୍ରବ୍ୟ ଭାବରେ ଛତୁରେ, ଏକାଧିକ ପ୍ରକାର ଖାଦ୍ୟ ପ୍ରାଣୀ ଥାଏ । ଯଥା – ଭିଟାମିନ୍ ବି, ରିବୋଫ୍ଲାଭିନ, ନିଆସିନ, ପାଣ୍ଟୋଥେନିକ ଅମ୍ଳ, ସେଲେନିଅମ, ଏର୍ଗୋଥିଭନେନି, କପର, ତମ୍ବା, ପୋଟାସିୟମ୍, ଫୋଲେଟ୍, ବିଟା ଗ୍ଲୁକୋନ୍ ଇତ୍ୟାଦି । ଛତୁ ଶରୀରକୁ ଶକ୍ତିଦିଏ । ମାଂସପେଶୀ ଶକ୍ତ କରେ, ସ୍ମରଣଶକ୍ତି ବଢ଼ାଏ । ଛତୁ ଚର୍ବିମୁକ୍ତ, ଅଳ୍ପ କାଲୋରି ଏବଂ ସୋଡିୟମ୍ ହୋଇଥାଏ । ଏହି ଖାଦ୍ୟ ଦ୍ରବ୍ୟ ଛତୁ ତଟକା ଗ୍ରହଣ କରିବା ଉଚିତ୍ । ବିଶ୍ଳେଷଣ କରି ଦେଖିଲେ, ଏଥିରେ ବିଭିନ୍ନ ପ୍ରକାର ଖାଦ୍ୟପ୍ରାଣ କେତେ ପରିମାଣରେ ଅଛି, ତାହା ମଧ୍ୟ ଜଣାଯାଏ । ପ୍ରତ୍ୟେକ ୧୦୦ ଗ୍ରାମ ସଦ୍ୟ ଛତୁରେ ପୁଷ୍ଟିକାରକ ବିଭିନ୍ନ ଖାଦ୍ୟ ତତ୍ତ୍ୱ ପରିମାଣରେ ଅଛି (୧) ଶକ୍ତି ୨୧.୧ କିଲୋ, (୨) ପୁଷ୍ଟିକାରକ-ପୁଷ୍ଟିସାର ୩.୦ ଗ୍ରାମ, ସ୍ନେହସାର – ୦୩୪, ଶ୍ୱେତସାର ୩.୧ ଗ୍ରାମ, (୩) ଧାତୁସାର – କ୍ୟାଲସିୟମ୍ ୨.୯ ଗ୍ରାମ, ଲୌହ ୦.୫ ଗ୍ରାମ, ମାଗ୍ନେସିୟମ୍ ୮.୬ ମିଲିଗ୍ରାମ୍, ପୋଟାସିୟମ୍ ୩.୧୮ ମିଲିଗ୍ରାମ୍, ଫସଫରସ୍ ୮୨.୬ ମିଲିଗ୍ରାମ, ସୋଡିୟମ୍ ୪.୮ ମିଲିଗ୍ରାମ, ଦସ୍ତା ୧.୫ ମିଲିଗ୍ରାମ, ଯମ୍ଭା ୦.୩ ମିଲିଗ୍ରାମ, ସେଲେନିୟମ୍ ୮.୯ ମାଇକ୍ରୋଗ୍ରାମ୍ (୪) ଜୀବସାର – ଭିଟାମିନ୍ ବି : ବି୧୦.୧୪ ମିଲିଗ୍ରାମ, ବି୨ ୦.୪୩ ମିଲିଗ୍ରାମ୍, ବି୩ ୩.୬୦ ମିଲିଗ୍ରାମ, ବି୫୧.୫୦ ମିଲିଗ୍ରାମ୍, ବି୬୦.୧୪ ମିଲିଗ୍ରାମ, ୯.୧୭ ମିଲିଗ୍ରାମ, ବି୧୨.୩୩ ମିଲିଗ୍ରାମ, ଭିଟାମିନ-ସି ୨.୧୪ ମିଲିଗ୍ରାମ, ଭିଟାମିନ୍-ଡି ୦.୪୫ ମିଲିଗ୍ରାମ, କୋଲିନ ୧୭.୩ ମିଲିଗ୍ରାମ, ନିଆସିନ ୩.୫ ମିଲିଗ୍ରାମ୍ ଥାଏ। ଏଥିରେ ହୃଦରୋଗ ଆଶଙ୍କା ହ୍ରାସ ଓ ମେଦବୃଦ୍ଧି ନାଶକ ଏନିମୋ ଅମ୍ଳ (Amino Acid) ଥାଏ । ଛତୁରେ ପ୍ରାୟତଃ ନବେ ପ୍ରତିଶତ ଜଳ ଭାଗ ରହିଥାଏ ।

ଛତୁରେ ପୁଷ୍ଟିସାର, ଧାତୁସାର, ଜୀବସାର, ଏମିନୋଅମ୍ଳ ଏବଂ ଆଣ୍ଟିଅକ୍ସିଡେଣ୍ଟ (Anti Oxidant) ରହିଥିବା ଯୋଗୁ ଏହା ବିଭିନ୍ନ ପ୍ରକାର ସଂକ୍ରମଣ ଓ ରୋଗପ୍ରତିରୋଧ ଶକ୍ତି ଯୋଗାଏ । ଖାଦ୍ୟ ଦ୍ରବ୍ୟ ଭାବରେ, ବ୍ୟବହାର ଯୋଗୁ ମୋଟା ଶରୀରକୁ କମାଇବା, ମଧୁମେହ ଓ ହୃଦରୋଗ ଶଙ୍କା କମାଏ ।

ଛତୁ ସବୁଠାରୁ ଉତ୍କୃଷ୍ଟ ଉପାଦେୟ ଖାଦ୍ୟ ଦ୍ରବ୍ୟ, ଯେ କି ଶରୀରର ରୋଗ ପ୍ରତିରୋଧ କ୍ଷମତା ବା ଇମ୍ୟୁନିଟି (Immunity) କୁ ବଢ଼ାଇଥାଏ । ଏହା ଆଣ୍ଟିଅକ୍ସିଡାଣ୍ଟର ଏକ ପ୍ରମୁଖ ଉତ୍ସ ଭାବେ ଖାଦ୍ୟ ଗୁଣ ଯୋଗାଏ । ଏହି ଛତୁରେ ଥିବା ସେଲେନିୟମ୍ ଶରୀର କୋଷକୁ ରକ୍ଷା କରେ ଏବଂ ଏଥିରେ ଥିବା ଏର୍ଗୋଥିଓନିନ, ଯେକି ପ୍ରାକୃତିକ ଆଣ୍ଟି ଅକ୍ସିଡାଣ୍ଟ ଶରୀର କୋଷଗୁଡ଼ିକ ପୁରାତନ ରୋଗ ଏବଂ କୋଷ ନଷ୍ଟରୁ ରକ୍ଷା କରିଥାଏ । ଛତୁର ପ୍ରାପ୍ତ ପଲିସାକାରାଇଡ ଓ ବିଟା ଗ୍ଲୁକୋନ ଏବଂ ଭିଟାମିନ୍ – ଏ, ଏବଂ ସି (ଏବିସି)ର ସମାହାର ଯୋଗୁ ପ୍ରତିରୋଧ ଶକ୍ତି ବଢ଼େ । ରିବୋଫ୍ଲାବିନ (ଭିଟାମିନ୍ – ବି) ପ୍ରଧାନତଃ ଲାଲରକ୍ତ କଣିକାର ସୁଚାରୁ ରୂପେ କାର୍ଯ୍ୟ କରିବାରେ ସାହାଯ୍ୟ କରେ । ଏହା ବ୍ୟତୀତ କ୍ୟାନସର ପ୍ରତିରୋଧ କରିବାରେ ଛତୁରେ ଥିବା ବିଟା ଗ୍ଲୁକୋନ ସମୂହ ଏବଂ ଲିନୋଲି ଅମ୍ଳର ଶକ୍ତି ରହିଛି । ଏଥିରେ ଥିବା ଭିଟାମିନ୍-ଡି କ୍ୟାନସର କୋଷବୃଦ୍ଧିକୁ ପ୍ରତିହତ କରିବା ଗବେଷଣାରୁ ଜଣାଯାଏ । ଛତୁରେ ସ୍ୱଳ୍ପ ମେଦାମ୍ଳ ଯଥା ତନ୍ତୁଯୁକ୍ତ, ପୋଟାସିୟମ୍ ଓ ଭିଟାମିନ୍ ସି ଖାଦ୍ୟଗୁଣ ଗୁଡ଼ିକ ହୃତପିଣ୍ଡର ସ୍ୱାସ୍ଥ୍ୟ ରକ୍ଷାକରେ । ମସ୍ତିଷ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଛତୁରେ ଥିବା ନିଆସିନ ବା ଭିଟାମିନ୍ – ବି୩ ସ୍ନାୟୁ ଶକ୍ତି ବଢ଼ାଏ । ଅସ୍ଥିର ସ୍ୱାସ୍ଥ୍ୟଶକ୍ତି ବଢ଼ାଏ । ଏଥିରେ ଥିବା ଫସଫରସ୍, କ୍ୟାଲେସିୟମ୍, ଭିଟାମିନ୍ ବି–୧୨, ସି, ଇ, ଓ କେ ଏବଂ ପୋଟାସିୟମ, ସୋଡିୟମ୍ ଆଦି ଅସ୍ଥିକୁ ଶକ୍ତ କରେ । ବାର୍ଦ୍ଧକ୍ୟରେ ଛତୁର ଆବଶ୍ୟକତା ଯଥେଷ୍ଟ ଅଛି । ମଧୁମେହ ରୋଗୀ ପାଇଁ (ଡାଇବେଟିସ୍) ଏହା ଅଳ୍ପ କାଲୋରି ଯୁକ୍ତ ଖାଦ୍ୟ ହେତୁ ଉପାଦେୟ ଅଟେ । ଏଥିରେ ଥିବା କେତେକ ଏନ୍‌ଜାଇମ୍ ଇନ୍‌ସୁଲିନ୍ ପରି କାମ କରନ୍ତି । ତଦ୍ୱାରା ଶର୍କରା ନିୟନ୍ତ୍ରଣକୁ ସାହାଯ୍ୟ କରେ । ଛତୁରେ ଏପରି ଅନେକ ଉପାଦେୟ ଖାଦ୍ୟ ପ୍ରାଣ ରହିଥିବା ହେତୁ, ସ୍ୱାସ୍ଥ୍ୟ ପାଇଁ ଏକ ହିତକର ଖାଦ୍ୟ ପଦାର୍ଥ ଅଟେ। ସମୟ ବଦଳିବା ସହିତ ଅନୁସନ୍ଧାନ, ଗବେଷଣା ଓ ବିଜ୍ଞାନର ଅଗ୍ରଗତି ଯୋଗୁଁ ନୂଆ ନୂଆ ଖାଦ୍ୟ ଦ୍ରବ୍ୟ ଏବଂ ତାହାର ଉପଯୋଗିତା ଲୋକଙ୍କ ପାଖରେ ପହଞ୍ଚି ପାରୁଛି । ଖାଦ୍ୟ ଦ୍ରବ୍ୟ ପ୍ରଭାବରେ ଏକାଧିକ ରୋଗ ଆରୋଗ୍ୟ ହୋଇପାରେ, ଯାହାକୁ ଖାଦ୍ୟ ଦ୍ରବ୍ୟ ଔଷଧ ବୋଲି ବିବେଚନା କରାଯାଏ। (diet is the drug) ତନ୍ମଧ୍ୟରେ ଛତୁ ଏକ ଉତ୍ତମ ଖାଦ୍ୟ ଦ୍ରବ୍ୟ, ଯେଉଁଥିରେ ଏକାଧିକ ଔଷଧି ତତ୍ତ୍ୱ ରହିଛି। ଛତୁକୁ ଯଥା ସମ୍ଭବ ଖାଦ୍ୟରେ ବ୍ୟବହାର କରିବା ଆବଶ୍ୟକ ।

# ଇତିହାସରେ ଆମ ଶାସନ ଓ ସ୍ୱାଧୀନତା (୨)



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତସିଂହପୁର, ଓଡ଼ିଶା
ମୋ: ୯୯୩୭୬୯୧୪୭୫

ସିପାହୀ ବିଦ୍ରୋହ ପରେ ଇଂରେଜ ସରକାର କମ୍ପାନୀ ହାତରୁ ଭାରତର ଶାସନ ଭାର ଗ୍ରହଣ କରି ଭାରତକୁ ଶାସନ କଲେ । ଅସ୍ତ୍ରଆଇନ୍ ଜାରି କରି ଭାରତୀୟ ମାନଙ୍କ ଠାରୁ ସବୁ ଅସ୍ତ୍ର ଶସ୍ତ୍ର ଇଂରେଜ ସରକାର ନେଇ ଗଲେ । ସେମାନେ ଭାରତକୁ ଅର୍ଥନୈତିକ କ୍ଷେତ୍ରରେ ଶୋଷଣ କରିବାକୁ ଲାଗିଲେ । ସେମାନଙ୍କ ଅତ୍ୟାଚାର ଦିନକୁ ଦିନ ବଢ଼ିଲା । ଆମ ସମାଜରେ ଥିବା କୁସଂସ୍କାରେ ଆମକୁ ଆହୁରୀ ତଳକୁ ନେଇଗଲା । ଏହି ସମୟରେ ଜନ୍ମ ହୋଇଥିବା ଜ୍ଞାନୀ ଓ ଗୁଣୀ ମାନେ କୁସଂସ୍କାର ବିରୁଦ୍ଧରେ ଆନ୍ଦୋଳନ କରିଲେ । ସେମାନେ ହେଲେ ରାଜା ରାମମୋହନ ରାୟ ,ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର , ସ୍ୱାମୀ ଦୟାନନ୍ଦ ସରସ୍ୱତୀ , ରାମକୃଷ୍ଣ ପରମହଂସ , ସ୍ୱାମୀ ବିବେକାନନ୍ଦ , ସାଧୁ ସୁନ୍ଦର ଦାସ ଯେଉଁ ମାନଙ୍କ ଉଦ୍ୟମ ଫଳରେ ଇଂରେଜ ସରକାର ନରବଳି , ସତୀଦାହ ପ୍ରଥା , ବାଲ୍ୟ ବିବାହ ଭଳି ଘୃଣ୍ୟପ୍ରଥା ଉଚ୍ଛେଦ କରି ଥିଲେ । ବିଧବା ବିବାହ ପ୍ରଚଳନ କରିଥିଲେ । ସର୍ବ ଶକ୍ତିମାନ ଇଂରେଜ ସରକାରଙ୍କ ଅତ୍ୟାଚାର ଓ ଶୋଷଣ କୁ ବାଧା ଦେବା ପାଇଁ ଭାରତର କୌଣସି ରାଜନୈତିକ ଦଳ ବା ନେତା ମୁଣ୍ଡ ଟେକି ନ ଥିଲେ । ଭାରତୀୟ ମାନଙ୍କର ଦୁଃଖ , ଦୁର୍ଦ୍ଦଶା , ଆପତି ଓ ଅଭିଯୋଗ ଇଂରେଜ ସରକାର ଙ୍କୁ ଜଣାଇବା ପାଇଁ ଏ.ଓ.ହିଉମ୍ ଙ୍କ ଉଦ୍ୟମରେ ୧୮୮୫ ମସିହାରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସ । ବମ୍ବେ ଠାରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନରେ ସଭାପତି ହୋଇଥିଲେ ବାରିଷ୍ଟର ଉମେଶ ଚନ୍ଦ୍ର ବାନାର୍ଜୀ । କଂଗ୍ରେସ ର ଉଦ୍ୟମ ଫଳରେ ଇଂରେଜ ସରକାର ୧୮୯୨ ମସିହାରେ ଭାରତୀୟ ବ୍ୟବସ୍ଥା ସଭା ଆଇନ୍ ତିଆରୀ କଲେ । ଏହା ଦ୍ୱାରା ଲୋକ ପ୍ରତିନିଧି ଶାସନ ର ମୂଳଦୁଆ ଭାରତରେ ପଡ଼ିଲା ।

ବଙ୍ଗ, ବିହାର ଓ ଓଡ଼ିଶା ମିଶି ଗୋଟିଏ ପ୍ରଦେଶ ଥିଲା । ୧୯୦୫ ମସିହାରେ ଲର୍ଡ଼ କର୍ଜନ ପଶ୍ଚିମ ବଙ୍ଗ, ବିହାର, ଓଡ଼ିଶା କୁ ଗୋଟିଏ ପ୍ରଦେଶ ଓ ପୂର୍ବ ବଙ୍ଗ, ଆସାମ କୁ ମିଶାଇ ଗୋଟିଏ ପ୍ରଦେଶ କରି ଦେଲେ । ଏହା ଫଳରେ ବଙ୍ଗ ଦୁଇଭାଗରେ ବିଭକ୍ତ ହୋଇଗଲା ।ବଙ୍ଗାଳୀ ମାନେ ଇଂରେଜ ସରକାର ବିପକ୍ଷରେ ବିଦ୍ରୋହ ଆରମ୍ଭ କରି ଦେଲେ । ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଙ୍କ ଆନନ୍ଦ ମଠ ଉପନ୍ୟାସ ରେ ଥିବା 'ବନ୍ଦେ ମାତରମ'' ସଂଗୀତ ଟିକୁ ଜାତୀୟ ସଙ୍ଗିତ ରୂପେ ଗାନ କରିବାକୁ ଲାଗିଲେ । ଚାରିଆଡ଼େ 'ବନ୍ଦେ ମାତରମ'' ନାରାବାଜି ଆରମ୍ଭ ହୋଇଗଲା । 'ବନ୍ଦେ ମାତରମ'' ଆନ୍ଦୋଳନ ର ନେତା ଥିଲେ ସୁରେନ୍ଦ୍ର ନାଥ ବାନାର୍ଜି , ବିପିନ ଚନ୍ଦ୍ର ପାଲ ଓ ଅରବିନ୍ଦ ଘୋଷ । ବିଦେଶୀ ଜିନିଷ ବର୍ଜନ ଓ ସ୍ୱଦେଶୀ ଜିନିଷ ବ୍ୟବହାର 'ସ୍ୱଦେଶୀ ଆନ୍ଦୋଳନ ବା 'ବନ୍ଦେ ମାତରମ'' ଆନ୍ଦୋଳନ ପ୍ରବଳ ଭାବରେ ଚାଲିଲା । ବହୁ ଉଗ୍ରପନ୍ଥି ନେତା ମୁଣ୍ଡଟେକି ଗୋରା ଅଫିସର ମାନଙ୍କୁ ମାରି ପକାଇଲେ । ବାଳକ ଖୁଦିରାମ ବସୁ ଧରା ପଡ଼ିବାରୁ ୧୯୦୮ ମସିହାରେ ବଙ୍କଳ ଖୁଦିରାମ ଙ୍କୁ ଇଂରେଜ ସରକାର ଫାଶୀ ଦେଲେ । ୧୯୦୬ ମସିହାରେ ଢ଼ାକା ନବାବ୍ ସଲିମ୍ ଖାଁ ଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମୁସଲିମ୍ ଲିଗ୍''ର ପ୍ରଭାବ 'ବନ୍ଦେ ମାତରମ'' ଉପରେ ପଡ଼ି ପାରି ନ ଥିଲା । ୧୯୦୯ ମସିହାରେ ଭାରତରେ ମର୍ଲେମିଣ୍ଟେ ଶାସନ ସଂସ୍କାର ପ୍ରଚଳନ କରାଗଲା । ୧୯୧୨ ମସିହାରେ ବଙ୍ଗ ବିଭାଗ ଆଇନ୍ କୁ ରଦ୍ଦ କରାଗଲା । ବିହାର ଓ ଓଡ଼ିଶା କୁ ଗୋଟିଏ ପ୍ରଦେଶ। ଆସାମ କୁ ଗୋଟିଏ ପ୍ରଦେଶ ଓ ବଙ୍ଗଳା କୁ ଗୋଟିଏ ପ୍ରଦେଶ କରାଗଲା। କଂଗ୍ରେସ ଭିତରେ ଚରମପନ୍ଥୀ ଓ ନରମପନ୍ଥି ଭାବରେ ଦୁଇଟି ଦଳ ମୁଣ୍ଡ ଟେକିଲା । ଚରମପନ୍ଥି ନେତା ଥିଲେ ବାଳ ଗଙ୍ଗାଧର ତିଲକ ଓ ଲାଲା ଲଜପତ ରାୟ । ନରମପନ୍ଥୀଙ୍କ ନେତା ଗୋପାଳ କୃଷ୍ଣ ଗୋଖଲେ ଓ ଦାଦା ଭାଇ ନୌରୋଜୀ । ଦକ୍ଷିଣ ଆଫ୍ରିକାରେ ମୋହନ ଦାସ କରମଚାନ୍ଦ ଗାନ୍ଧି ଅହିଂସା ଓ ସତ୍ୟାଗ୍ରହ ବଳରେ ଭାରତୀୟ ମାନଙ୍କୁ ଜିତାଇଥିଲେ । ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ୧୯୧୫ ମସିହାରେ ଗାନ୍ଧି ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପହଂଚିଲେ । ଏହି ସମୟରେ ଆୟର ଲ୍ୟାଣ୍ଡ ରମଣି ଆନି ବେସାଂ 'ହୋମ୍ ରୁଲ'' ଆନ୍ଦୋଳନ ଚଳାଇ ଇଂରେଜ ସରକାର ଦ୍ୱାରା ଗୃହ ବନ୍ଦିନୀ ହେଲେ । ବିଲାତରେ ଆନ୍ଦୋଳନ ହେବାରୁ ସରକାର ଆନି ବେସାଂଙ୍କୁ ମୁକ୍ତ କରି ଦେଲେ । ବିହାରର ଚମ୍ପାରଣ ଠାରେ ଇଂରେଜ ଓ ଜମିଦାର ମାନେ ନୀଳଚାଷୀ ମାନଙ୍କ ଉପରେ କରୁଥବା ଅତ୍ୟାଚାର ବିରୋଧରେ ଗାନ୍ଧିଜୀ ଆନ୍ଦୋଳନ କରି ସେମାନଙ୍କୁ ଗୋରା ସରକାର ଙ୍କ ଅତ୍ୟାଚାର ରୁ ରକ୍ଷା କରିଥିଲେ।

ପ୍ରଥମ ବିଶ୍ୱଯୁଦ୍ଧରେ ବହୁ ଭାରତୀୟ ଜୀବନ ହରାଇଲେ । କୋଟି କୋଟି ଟଙ୍କା ଭାରତୀୟ ମାନେ ଇଂରେଜ ସରକାରଙ୍କୁ ସାହାର୍ଯ୍ୟ ଦେଇଥିଲେ । ହେଲେ 'ମଣ୍ଟେଗୁ ଚେମସ୍ ଫୋର୍ଡ଼ ଶାସନ ସଂସ୍କାର'' ଆଇନ ପ୍ରଣୟଣ କରି ଭାରତୀୟ ମାନଙ୍କ ଆଶା କୁ ଚୁରୁମାର କରି ଦେଲେ ଇଂରେଜ ସରକାର । ତାପରେ 'ରାଓଲାଟ ଆଇନ୍' କୁ ଭାରତରେ ବିରୋଧ କରାଗଲା । ପାବ ର ଜାଲିଆନାୱାଲା ବାଗ ଠାରେ ୧୯୧୯ ମସିହା ଅପ୍ରେଲ ମାସରେ ଏକ ସଭା କଲା। ଏହି ବାଗରେ ଗୋଟିଏ ମାତ୍ର ଦ୍ୱାର ଥିଲା । ଗୋରା ସେନାପତି ଡ଼ାୟାର ସୈନ୍ୟ ନେଇ ଦ୍ୱାର ଦେଶରେ କାହାକୁ ଛାଡ଼ିବାକୁ ନ ଦେଇ ଗୁଳି ଚଳାଇଲେ ଫଳରେ ସ୍ତ୍ରୀ, ପୁରୁଷ ଓ ଶିଶୁ ମିଶି ଦୁଇ ହଜାର ରୁ ଅଧିକ ଲୋକ ମରିଗଲେ । ସାରା ଭାରତରେ ଶୋକ ର ଛାୟା ଖେଳିଗଲା । ବିଶ୍ୱ କବି ରବିନ୍ଦ୍ର ନାଥ ଠାକୁର ଇଂରେଜ ସରକାର ଙ୍କୁ ତାଙ୍କର 'ନାଇଟ୍' ଉପାଧି ଫେରାଇ ଦେଲେ । ଭାରତୀୟ ଗାନ୍ଧିଜୀ ଙ୍କର ଅହିଂସା ନୀତି ଓ ସତ୍ୟାଗ୍ରହ ନିୟମରେ ଆନ୍ଦୋଳନ ଚାଲିଲା । ଉଗ୍ରପନ୍ଥୀ ମାନେ ପୋଡ଼ାଜଳା ଆରମ୍ଭ କରି ଦେଲେ । ଗୁଜୁରାଟ ର ଚୌରି ଚୌରା ଠାରେ ଘେରାଉ କରି ବାଇଶ ଜଣ ପୋଲିସ୍ ଙ୍କୁ ପୋଡ଼ି ଦେଲେ । ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ବନ୍ଦ ହୋଇଗଲା । 'ସ୍ୱରାଜଦଳ' ର ନେତା ମୋତିଲାଲ ନେହେରୁ ,ଦେଶବନ୍ଧୁ ଚିତରନ ଦାସ , ଜାତୀୟ କଂଗ୍ରେସ ର ଜହାରଲାଲ ନେହେରୁ , ସୁବାଷ ଚନ୍ଦ୍ର ବୋଷ , ବଲ୍ଲଭଭାଇ ପଟେଲ , ଗୋବିନ୍ଦ ବଲ୍ଲଭ ପନ୍ଥ , ରାଜେନ୍ଦ୍ର ପ୍ରସାଦ , ରାଜ ଗୋପାଳ ଚାରୀ , ମୌଲାନା ଆବୁଲ୍‌କାଲମ , ଅବଦୁଲ ଗଫୁର ଖାଁ , ଲାଲା ଲାଜପତ ରାୟ , ଗୋପବନ୍ଧୁ ଦାସ , ନୀଳକଣ୍ଠ ଦାସ , ମହାତ୍ମା ଗାନ୍ଧି ଓ ବହୁ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସହିତ ୩୦ ହଜାର ଆନ୍ଦୋଳନ କାରୀ ଜେଲ ବରଣ କଲେ । ସଭରକର ଓ ଅରବିନ୍ଦ ହିଂସାନୀତିରେ ଆନ୍ଦୋଳନ କରୁଥିଲେ । ହିଂସା ନିତିରେ ହିଂସାକାଣ୍ଡ ଖଟାଇ ଭଗତ ସିଂ ଓ ଉଦ୍ଧାମ ସିଂହ ଫାଶୀ ପାଇଗଲେ । ୧୯୨୮ ମସିହାରେ ବ୍ରିଟିଶ ସରକାର ଏକ ସମିତି ଗଠନ କରି ଭାରତ କୁ ପଠାଇଲେ । ସାଇମନ୍ ସାହେବ ଏହାର ସଭାପତି ଥିଲେ । ସାତଜଣ ସଭ୍ୟ ମଧ୍ୟରେ କେହି ଭାରତୀୟ ନ ଥିଲେ । ତେଣୁ ଜାତୀୟ କଂଗ୍ରେସ ଏହାକୁ ବିରୋଧ କଲା । 'ସାଇମନ୍ ଫେରିଯାଅ'' । କିଂନ୍ତୁ ସାଇମନ୍ ବ୍ରିଟିଶ ସରକାର ଙ୍କୁ ରିପୋର୍ଟ ଦେଲେ । ତେଣୁ କଂଗ୍ରେସ ୧୯୨୯ ମସିହାରେ ଲାହୋର ଅଧିବେସନରେ ଭାରତୀୟ ପୂର୍ଣ୍ଣ ସ୍ୱାଧିନତା ପାଇଁ ଘୋଷଣା କରି ମହାତ୍ମା ଗାନ୍ଧିଙ୍କୁ ସଂଗ୍ରାମ କରିବାର ଦାୟିତ୍ୱ ଦେଲେ। ଗାନ୍ଧିଜୀ ଅଣାଅଶୀ ଜଣ ସତ୍ୟାଗ୍ରହୀଙ୍କୁ ଧରି ଦାଣ୍ଡି ଯାତ୍ରା କଲେ । ସେଠାରେ ସେ ୧୯୩୦ ମସିହା ଅପ୍ରେଲ ନଅ ତାରିଖରେ ଲବଣ ଆଇନ୍ ଭଙ୍ଗ କଲେ । ସାରା ଭାରତରେ ଲବଣ ସତ୍ୟାଗ୍ରହ ଚାଲିଲା । ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଗାନ୍ଧି ଯୋଗ ଦେଲେ କିନ୍ତୁ କିଛି ଫଳ ହେଲା ନାହିଁ ।

୧୯୩୫ ମସିହାରେ ଭାରତ ଶାସନ ଆଇନ୍ ରେ ଭାରତୀୟ ମାନଙ୍କୁ ଅଧିକ ଶାସନ କ୍ଷମତା ଦିଆ ଗଲା । ଏହି ଆଇନ୍ ଅନୁସାରେ ୧୯୩୭ ମସିହାରେ ଭାରତରେ ନିର୍ବାଚନ ଆରମ୍ଭ ହେଲା । ଭାରତର ଏଗାରଟି ପ୍ରଦେଶ ରୁ କଂଗ୍ରେସ ସାତଟି ପ୍ରଦେଶରେ ସଂଖ୍ୟା ଗରିଷ୍ଠତା ହାସଲ କରି ମନ୍ତ୍ରୀ ମଣ୍ଡଳ ଗଠନ କଲା । ସୁବାଷ ବୋଷ କଂଗ୍ରେସ ଛାଡ଼ି 'ଫରୱର୍ଡ଼ ବ୍ଲକ୍'' ନାମରେ ଏକ ଅଲଗା ଦଳ ଗଠନ କଲେ।

୧୯୩୯ ମସିହାରେ ଜାତିୟ କଂଗ୍ରେସ କୁ ନ ପଚାରି ବଡ଼ଲାଟ୍ ଭାରତ କୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ସାମିଲ କରି ଦେଲେ । କଂଗ୍ରେସ ନେତା ମାନେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ଜେଲ୍ ଗଲେ ।୧୯୪୧ ମସିହାରେ ସୁବାଷ ବୋଷ ଭାରତରୁ ଜର୍ମାନୀ କୁ ପଳାଇ ଯାଇଁ 'ଆଜଦ୍ ହୀନ୍ଦ ଫଉଜ'' ଗଠନ କଲେ ।୧୯୪୨ ମସିହାରେ କଂଗ୍ରେସ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କରି ଦେଲା । ସୁବାଷ ବୋଷ ଜାପାନ୍ ସାହାର୍ଯ୍ୟରେ ପୂର୍ବପଟୁ ଭାରତ କୁ ଅଭିଯାନ ଆରମ୍ଭ କଲେ । 'ଆଜଦ୍ ହୀନ୍ଦ ଫଉଜ'' କୋହିମା ଅଧିକାର କରି ମଣିପୁର ଘେରାଉ କରି ଦେଲେ, ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଇଂଲଣ୍ଡ ଜୟ ଲାଭ କଲେ ମଧ୍ୟ ବହୁତ ଦୂର୍ବଳ ହୋଇ ପଡ଼ିଥିଲା । ସେମାନଙ୍କ ପକ୍ଷେ ଭାରତକୁ ଶାସନ କରିବା ଆଉ ସମ୍ଭବ ହୋଇ ନ ଥିଲା । ତେଣୁ ଇଂରେଜ ସରକାର ଭାରତକୁ ସ୍ୱାଧିନତା ଦେବା ପାଇଁ ରାଜି ହୋଇ କଂଗ୍ରେସ ନେତା ମାନଙ୍କୁ ଜେଲରୁ ଖଲାସ କରି ଦେଲେ । ମୁସଲିମ୍ ଲିଗ୍ ନେତା ମହମ୍ମଦ ଅଲ୍ଲୀ ଜିନା ମୁସଲମାନ ଙ୍କ ପାଇଁ ପାକିସ୍ତାନ ଦାବି କଲେ । ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ମାରପିଟି ଆରମ୍ଭ ହେଲା । ବହୁ ହିନ୍ଦୁ ଓ ମୁସଲମାନ ବଳି ପଡ଼ିଗଲେ । ଏହି ସମୟରେ ଭାରତୀୟ ନୌ ବାହିନୀରେ ବିଦ୍ରୋହ ହେଲା । ବ୍ରିଟିଶ ସରକାର ଆଉ କାଳ ବିଳମ୍ବ ନ କରି ଲର୍ଡ଼ ମାଉଣ୍ଟ ବ୍ୟାଟେନ୍ କୁ ଭାରତର ବଡ଼ ଲାଟ କରି ପଠାଇଲେ । ଭାରତ ଓ ପାକିସ୍ଥାନ ଦୁଇ ଭାଗ କରି ଦୁଇଟି ଦେଶ କୁ ସ୍ୱାଧିନତା ଦେଇ ଦେଲେ । ପରିଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧିନତା ଲାଭ କଲା।

ଗୋପବନ୍ଧୁ ଙ୍କ ଭାଷାରେ–

' ସ୍ୱାଧିନତା ମାନବର ଜନ୍ମ ଅଧିକାର
ସ୍ୱାଧିନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

## ଈଶ୍ୱରୀ ସଂକଟରେ ...

ବିମଳଚାନ୍ଦ ପଟ୍ଟନାୟକ



ଆଖି ଆଗରେ ପାଞ୍ଚାଳୀର ଦଶା ଭୋଗିଥିବା ମନ,
ରଥୀମାନଙ୍କ ମୃତ୍ୟୁ ପରେ-
ତୁମ ଧର୍ମଯୁଦ୍ଧ ଉପରେ ପ୍ରଶ୍ନବାଚୀ ସୃଷ୍ଟିକରେ,
ତୁମେ ଚକ୍ର ଧରି ପାପନାଶାର୍ଥେ ଚଳାଇଲେ କିହେବ
କୋଟିକୋଟି ଆଭାସୀ ସଂସ୍କାରକଙ୍କ ଶବ୍ଦମାନେ
ତୁମକୁ ଗୋଡାଇ ଗୋଡାଇ ହାଣୁଥିବେ,
ନଚେତ
କଳେ-ବଳେ-କୌଶଳେ କରିନେବେ ତୁମର କଣ୍ଠରୋଧ।

ଭବିଷ୍ୟତର ତୁମ ପ୍ରତିକ୍ଷିତ କଳ୍କୀ ଅବତାର
କୁଆଡେ ଗୋଟିଏ ଅଣଅବତାରୀ କଳନା ମାତର
କୁହାଯାଏ ସିଏ ବ୍ୟାସଙ୍କ ଗୋଟେ ଉଭଟ କଳ୍ପନା
କେମିତି ଆଶ ରଖିବି, ସେଥିପାଇଁ ଆନମନା,
ଶରସବୁ ବିନ୍ଧି ହୋଇଯିବାପରେ
ଫମ୍ପା ତୁଣୀରକୁ ନେଇ ଗର୍ବ କରିବା
ନୁହେଁ କି ଅପାରଗତାର ଅବତାରଣା ?

ଆଷାଢର ଆକାଶ ତଳେ ବିରାଜିତ
ନିଦାଘର ଅମର ମରୁଭୂମି,
ଶରତର ଶିଶିର ସବୁ ବରଫିଯିବା ପରେ
ବସନ୍ତର ଉଦ୍ୟାନରେ ଫୁଟିଉଠେ ପଥୁରିଆ ଆଖିର ଫୁଲ,
ତାକୁ କେଉଁ ଭଅଁର ବା ଆଗେଇବ କରିବାକୁ ଗେଲ ?

ଦ୍ରୌପଦୀରୁ କୃଷ୍ଣା ବନିବାକୁ ଏବେ ନାହିଁ ଅବସର
ତୁମ ବଂଶୀ ସହ ତାଳଦେବାକୁ ଶିଖୁଥିବା ସଂଗୀତ
କେବଳ କରୁଣ, ବିଭତ୍ସ ରସରେ ସୀମିତ
ଉପଶମେଇବାକୁ ବଢାଉଛନ୍ତି ଯେଉଁମାନେ ହାତ
ସେଇ ସ୍ପର୍ଶରେ ମ୍ରିୟମାଣ ମନ କଣ ହୋଇଯିବ ସୁସ୍ଥ ?

ଦୁଃଖସବୁ ପୁନଃପୁନଃ ହୁଅନ୍ତି ଦୁର୍ଘଟଣାର ଶୀକାର
ଇଏ ନୁହଁ କି ଫଟାକାଚର ଲଢେଇ ପଥର ସହ
ଅଶ୍ୱତ୍ଥାମାର ଆଖି ତାଡିଦେବା ପରେ
ଉତ୍ତରାର ମାତୃତ୍ୱ ଫେରିବ କି କୁହତ
କାହାର ମୁକୁଳା କେଶ ବାନ୍ଧିବାରେ ତୁମେ ଥିଲ ସହାୟକ
ଏବେ ଖିନଭିନ ଆତ୍ମାକୁ ଟିକେ ସାଉଁଳିବାରେ
କିଆଁ ଅସହାୟ, ଅସମର୍ଥ ?

ବିକୃତ ମନର ବିହନ ଏବେ ଶସ୍ତା ବଜାରରେ
ପୁଣି ସାର କୀଟନାଶକ ବି ମିଳେ ମାଗଣାରେ
ସହୃଦୟତାର ଅମଳ ଆଶାରେ ମୁଁ ଘୁରେ,
ହେଲେ, ଉତ୍କଟ ମରୁଡି ତୁମର ଦୁନିଆ କ୍ଷେତରେ,
ପୁନେଇଁରେ ବି ଚନ୍ଦ୍ରକଳା ଯବନିକା ଆଢୁଆଳରେ !

ଈଶ୍ୱରଙ୍କ ମହଲରେ ଈଶ୍ୱରୀ ସଂକଟରେ
କୋଉ ତନ୍ତରେ ବି ବୁଣା ହେଉନି କୋଟିବସ୍ତ୍ର ସହରରେ
ନିଝୁମ ରାତିର ମତ୍ତ ଝିଙ୍କାରୀ ଶବଦରେ
ଜୀବନ୍ୟାସଦାତ୍ରୀ ଜୀବ ହାରେ ବିକଳରେ।

ଦୁର୍ଗୀ
ରାୟଗଡ

## ଆସଆସ ଗଜାନନ

ସିଦ୍ଧେଶ୍ୱର ତ୍ରିପାଠୀ



ଶରତ ଋତୁରେ ଭୋଦୁଅ ସାଥିରେ
ଆସ ଆସ ଗଜାନନ
ଆହେ ଅଗ୍ରପୂଜ୍ୟ ପ୍ରଭୁ ବିଘ୍ନରାଜ
ଦିଅଦିଅ ଦିବ୍ୟ ଜ୍ଞାନ ।

ହରପାର୍ବତୀଙ୍କ କନିଷ୍ଠ ନନ୍ଦନ
ରିଦ୍ଧି ସିଦ୍ଧି ପ୍ରାଣପ୍ରିୟ
ତୁମ କରୁଣାରେ ଦୂର ହୋଇଯାଏ
ଅଜ୍ଞାନ ଅନ୍ଧାର ଭୟ ।

ଦୋଷ ଅବସୋସ ସବୁ ଦୂରେ ଯାଉ
ପାଇ ତୁମରି ଦର୍ଶନ
ଶରତ ଋତୁରେ ଭୋଦୁଅ ସାଥିରେ
ଆସ ଆସ ଗଜାନନ ।

ହେ ଗଣନାୟକ ବୁଦ୍ଧି ପ୍ରଦାୟକ
ପ୍ରଭୁତୁମ କରୁଣାରେ
ଜ୍ଞାନର ଆଲୋକେ ଆଲୋକିତ ହୁଏ
ଅଜ୍ଞାନତା ଯାଏ ଦୂରେ ।

ତୁମରି ଚରଣେ ସମର୍ପି ଦେଇଛି
ଏଇ ମନ ଏ ଜୀବନ
ଶରତ ଋତୁରେ ଭୋଦୁଅ ସାଥିରେ
ଆସଆସ ଗଜାନନ ।

## ଦୁର୍ଭାଗ୍ୟ ବି ଗୁରୁଟିଏ

ଡ. ଦୀପକ କୁମାର ମିଶ୍ର



ଯନ୍ତ୍ରଣାର ଜରାୟୁର ଜନ୍ମନେଇଥିବା
ହେ ଦୁର୍ଭାଗ୍ୟମାନେ
ତମେମାନେ ତ ମତେ ଶିଖେଇଚ
କେମିତି ନତମସ୍ତକ ହୋଇ
ସହିବାକୁ ହୁଏ ସମୟର ନାତ
କେମିତି ତାଳ ଦେଇ ଭୋଗିବାକୁ ପଡ଼େ
ସମୟର ନାଚ ।

ଏଠି ତ ସମସ୍ତେ ଶିକ୍ଷକ
ସମୟ, ସ୍ନେହ, ସମ୍ପର୍କ, ବିଶ୍ୱାସ
ଯେଉଁମାନଙ୍କର ଗୋଟିଏ ହିଁ ଅନୁରୋଧ
ସମର୍ପଣ ଓ ଜଳାଞ୍ଜଳିରୁ
ମିଳୁଥିବା ବେଇମାନି ସୁଧମୂଳଗୁଡ଼ିକୁ
ଗଣିନେବ ଆହତ ଆଙ୍ଗୁଳିର ଆଞ୍ଜୁଳାରେ ।

ଏଠି ଚକ୍ରବୃଦ୍ଧି ହୋଇ ବଢ଼େ
ଦୁର୍ଭାଗ୍ୟର ହାତ
ହାତପତେଇ ନେଇଯିବ ଅନୁଗ୍ରହରେ
ସହିସହି କରୁଣାହୀନ କରୁଣ ଆଘାତ ।

ସେହିମାନେ ତ ବାସ୍ତବ ଗୁରୁ
ଯେଉଁମାନେ ଘୋଡ଼େଇ ଦିଅନ୍ତି
ସରଳତାର ଉହାଡ଼ରେ
ଉତ୍ପୀଡ଼ନର ରେଶମୀ ଚାଦର ।

ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

## ତମ ନଥିବା ସନ୍ଧ୍ୟାରେ

ନୀଳମାଧବ କର



ଦୀପ ଜଳିଲେ, ତମ ମୁହଁ ଦିଶେନା ଏବେ,... ସନ୍ଧ୍ୟାରେ
ଅନ୍ଧାରକୁ ଠେଲି ପେଲି ଦୂରେଇ ଦେଇ ହୁଏନା
ଭୁଲି ହୁଏନା ତମ ଓଦା ଓଦା ଆଖି ପତା

ତମେ ବନ୍ଧା ପଡ଼ିଛ ବୋଲି
ମୋ ଆତ୍ମାର ହାତ ପାଦ ବାନ୍ଧି ହେଇ ଯାଇଛି

କବନ୍ଧ ପାଲଟିଛି ମୁଁ

ଦୀପ ଜଳିଲେ, ତମ ମୁହଁ ଦିଶେନା ଏବେ,
ମୋ ମନରୁ ତମ ହୃଦୟ ଲୁଚେନା,

ଏ କିଟିକିଟି ଅନ୍ଧାରରେ ବି ତମ ଦୁଃଖ ହଜେନା
ବାରିହୁଏ, ପବନରେ ନେସି ହେଇ ଯାଇଥାଏ
ତମ ଦୁଃଖର ନିଃଶ୍ୱାସ
ଲୁହରେ ଅସ୍ପଷ୍ଟ ଦିଗବଳୟରେ
ପାଣିର ଚାଦର ଢାଙ୍କି
ବରଫର ପାହାଡ଼କୁ ଘୋଡ଼େଇ ହୁଏନା

ଦୀପର ଆଲୋକ ଏବେ
ମୋ ମନରେ ପଶେନା
ମୋ ମନକଥା, ତା ଆଲୋକରେ ପ୍ରଘଟ ହୁଏନା

ନିଜ ଭିତରେ କିଳି ହେଇ
ଏ ଅନ୍ଧାରରେ ମୁଁ ନିଜକୁ ପାଏନା

ବରଂ ଏ ଦୀପକୁ ମୁଁ ଲିଭେଇ ଦେଉଛି
ଯିଏ ଖୋଜି ପାଉନି ତମକୁ
ତମ ମୁହଁ ଭାସୁଥାଉ ସମୁଦ୍ରରେ,
ବରଷା ଧୋଇ ଦେଇଥାଉ
ତମ କପୋଳରେ ଲୁହର ଚିହ୍ନକୁ
ମୋ ମନରେ ବନ୍ଧା ପଡ଼ିଥାଉ
ତମ ସାରା ଜନମର ଦୁଃଖ

ତମ ନଥିବା ସନ୍ଧ୍ୟାରେ,
ସଳିତାଟେ ଖୋଜିବାର ଅର୍ଥ କଣ
ତମକୁ ଖୋଜି ପାଉ ନଥିବା,
ଦୀପର ଆଲୋକ
ଆଉ ଏବେ ଲୋଡ଼ା ନାହିଁ,
ତମ ଦୁଃଖର କବଳରୁ,
ମୋର ଆଉ ମୁକ୍ତି ପାଇଁ ଇଚ୍ଛା ନାହିଁ।।

ନୀଳମାଧବ କର,
ଓଲଭରହାମ୍ପଟନ, ୟୁକେ

## ପ୍ରତିଧ୍ୱନି କହେ ତୁମେ ...

କବିରତ୍ନ ନୂତନ କୁମାର ବେହେରା



ପ୍ରତିଧ୍ୱନି କହେ ତୁମେ ...
ବାସ୍ତବରେ କିଏ... କ'ଣ ତୁମର ପରିଚୟ
ସଂପର୍କ ଭିତରେ କିଏ କେତେ ଜାଣେ ତୁମକୁ
ତୁମେ ହିଁ ଠିକ୍ ଜାଣ ନିଜେ ନିଜକୁ
ଥରେ ପଚାରି ବୁଝ କହିବ ତୁମ ହୃଦୟ
ଦେଇଛ ଯାହା ପାଇଛ ତାହା
ସମାଜର ଦର୍ପଣେ ତା' ହୁଏ ପ୍ରତିବିମ୍ବିତ
ଅନୁଭବ କର ତୁମକୁ ହୋଇଛି କି ତା' ପ୍ରାପ୍ତ
ନା ସମୟର ମୋଡ଼ କରିଛି ଉପେକ୍ଷିତ
ପ୍ରତିଟି କ୍ରିୟାର ସମାନ ଓ ବିପରୀତ
ପ୍ରତିକ୍ରିୟା ପରି ହୁଏ ସବୁ ତ ପୁନରାବୃତ୍ତି
ସେମିତି ଧ୍ୱନିର ବି ହୁଏ ପ୍ରତିଧ୍ୱନି
ସୂଚାଇ ଦିଏ କ'ଣ ସେ କ'ଣ ତାହାର ପ୍ରବୃତ୍ତି
ହୃଦବୋଧ କରାଏ ମରମେ ମରମେ
ପ୍ରତିଧ୍ୱନି କହେ ତୁମେ...
ଭାବ ବିନିମୟର ଏ ଦୃଷ୍ଟି ଗୋଚର ଦୁନିଆଁରେ
ତୁମେ ପୂର୍ଣ୍ଣ ସମର୍ପଣରେ କ'ଣ କରିଛ ଦାନ
ପ୍ରତି ବଦଳରେ ପାଇଛ କେତେ ପ୍ରତିଦାନ
ଭାବ ଭାବନାର ସାତ୍ତ୍ୱିକ ଉପାସନା ସତ୍କର୍ମ
ଜୀବନର ମୂଳମନ୍ତ୍ର ତା' ହୋଇଥାଏ ଧର୍ମ
ଶୂନ୍ୟରୁ ପୂର୍ଣ୍ଣ ହେବାର ସଂକଳ୍ପ ଆଣେ ଆସ୍ଥା
ଶ୍ରମ ସାଧନା ଅଧ୍ୟବସାୟ ବିନା ହୁଅଇ ଅଯଥା
ବଦଳାଇ ପାରିନି କେହି ପାରିବେ ନାହିଁ ମଧ
ସୃଷ୍ଟିର ସିଦ୍ଧାନ୍ତ ଚିର ଅକାଟ୍ୟ ଅଖଣ୍ଡ
ପ୍ରକୃତିର ନିୟମରେ ଚାଲିଛି ବିଶ୍ୱ ବ୍ରହ୍ମାଣ୍ଡ

ତୁମ ଧ୍ୱନି ଫେରି ଆସେ ତୁମ ପାଖକୁ
ହୋଇ ତାର ଅନୁରୂପ ପ୍ରତିଧ୍ୱନି
ହୃଦୟ ସାଗର ବି ସ୍ଥୁଳ ସାଗର ପରି ରତ୍ନାକର
ନିଏ ଯା ଫେରାଇ ଦିଏ ରଖେନା କିଛି
ନିଜେ ନିଜର ପସନ୍ଦରେ ନେବାକୁ ହୁଏ ବାଛି
ପରିବେଶ ପରିସ୍ଥିତିର ଅନୁକ୍ରମେ
ପ୍ରତିଧ୍ୱନି କହେ ତୁମେ...
ନିଜକୁ ଅନୁଭବ କରେ ଯିଏ ସଠିକ
ସଫଳତା ଅର୍ଜନ କରି ହୋଇଥାଏ ସାର୍ଥକ
ସେ ଅନୁଭବ କରି ପାରେ ଜଗତକୁ ପରଂବ୍ରହ୍ମଙ୍କୁ
ସମୀକ୍ଷାରେ କରି ପୁଣି ଅଧିକ ସୁଧାରେ ନିଜକୁ
ଉତ୍ସର୍ଗୀକୃତ ବପନ ବୀଜ ହୁଏ ଦିନେ ମହାଦ୍ରୁମ
ତାର ସେବା ଯତ୍ନ କଲେ ହୁଏନା ବ୍ୟତିକ୍ରମ
ଜୀବନର ଆବଶ୍ୟକତା ପୂରଣ ହିଁ କର୍ମଯୋଗ
ଯା' ଲାଗି ମଣିଷର ଜନ୍ମ ଏକ ସୁଯୋଗ
ସିଦ୍ଧାନ୍ତର ଅପପ୍ରୟୋଗ ଆଣିଥାଏ ଦୁର୍ଭାଗ୍ୟ
ଦକ୍ଷତା କ୍ରମେ ଆହରଣ କରି ହୁଏ ସେ ଯୋଗ୍ୟ
ତାର ପ୍ରତି ଉତ୍ତର ମିଳେ ଧରାଧାମେ
ପ୍ରତିଧ୍ୱନି କହେ ତୁମେ.......।

କୋହି,ବାରିପଦା,ମୟୂରଭଞ୍ଜ,
ଦୂରଭାଷା -- ୮୦୧୮୩୫୩୩୨୨

## ଜୀବନ ଯାତ୍ରା

ଅନସୂୟା ପଣ୍ଡା



ଚାଲୁଚାଲୁ କେବେ ଋତୁ ବଦଳେ
ଜୀବନ ଯାତ୍ରାରେ ବର୍ଷାର ଅନୁରାଗରେ
ପ୍ରେମିଳ ଭାବନାରେ ଜୀବନ ସଞ୍ଚରେ।

ଖଣ୍ଡଖଣ୍ଡ ବାଦଲରେ
ବିନ୍ଦୁବିନ୍ଦୁ ନୀଳ ଆଶା ଉଜ୍ୱଳେ
ମହକେ ଶ୍ୟାମଳ ଖେତ ମାଟିର ଶେଯରେ
ଭାବନା ସବୁ କଅଁଳେ ଦୁଇପତ୍ର ମେଲି
ଅଜାଣତେ ମନର ଗହିର ବିଲରେ।

ଜୀବନ ଯାତ୍ରାରେ
ଜମାଟ ବାନ୍ଧିଥିବା ସମୟ ସବୁ
ତରଳେ ବର୍ଷାର ନିଃଶବ୍ଦ ରାତିରେ
ତୋଳେ ନିକ୍ୱଣ ଧ୍ୱନି ସବୁ
ଟୁପୁରୁ ଟୁପୁରୁ ଶବ୍ଦରେ।

ଦେହ ସାରା ଖେଳିଯାଏ
ଆକାଶେ କମ୍ପନ
କାନରେ ଗୁଞ୍ଜରେ ସୁଲୁ ସୁଲୁ ଶୀତଳ ପବନ
ସେ ଅର୍ଦ୍ଧଭଗ୍ନ ସ୍ୱପ୍ନ ବାହ୍ୟ ଜଗତରେ।

ଜୀବନ ଯାତ୍ରାରେ ଏମିତି ବି ହୁଏ
ପାଣି ଫୋଟକାଟେ ପରି
ଆଶା କେତେ ଅବେଳରେ ଫାଟିଯାଏ
ପୁଣି ବତୁରେ ଅସ୍ଥିର ଚିତ୍ତରେ
ଶୁଷ୍କ ଦେହରେ ଅପ୍ରାପ୍ତି ନୈରାଶ୍ୟ।

ଜଳୁଥାଏ ଆଭ୍ୟନ୍ତର ବିଲକ୍ଷଣରେ
ଯାତନାର ଅଝଟ ନିଆଁରେ
ଋତୁ କଡ ଲେଉଟାଉ ଥାଏ
ଅନ୍ଧାରରେ ଅପୂର୍ଣ୍ଣତା ଅନୁଭବରେ
ଆଗୋଉଥାଏ ଜୀବନ ଲମ୍ବା ରାସ୍ତାରେ
ବାଧବାଧକତାରେ ବଞ୍ଚିବାର ପ୍ରୟାସରେ।

ବୁର୍ଲା, ସମ୍ବଲପୁର,
ମୋ-୯୪୩୯୨୧୧୯୭୧

## କାଶତଣ୍ଡୀ ବଣେ ପ୍ରେମ

ପ୍ରତାପ ମଲ୍ଲିକ



ଶରତ ସମୀର ତଣ୍ଡୀ ଫରଫର
ଧୋବଲା ଦିଶଇ ମହୀ,
କାଇଁଚ ବାଇରେ କିଶୋରୀ ଛାଇରେ
ପାଉଁଜିକୁ ଖୋଜୁ ଥାଇ ।।
ଚୁବୁ ଚୁବୁ ନୀର ରସିକିଆ ବୀର
ଲୁଚି ଲୁଚି ପଶେ ଧସି,
ମାନ ଅଭିମାନ ପ୍ରେମ ସମାଧାନ
କାଶତଣ୍ଡୀ ଦିଏ ହସି ॥
ନଖରା ଛଳରେ ପ୍ରେମିକା ବଳରେ
କହୁଣୀରେ ଦିଏ ଠେସି,
ପ୍ରେମିକ ବିଜାର ନକର ପ୍ରଚାର
ଥରୁଟିଏ ଦିଅ ହସି ।।
ମଙ୍ଗିଲା ରତନୀ ଭିଡିକି ସଜନୀ
ଛାଡିବନି ଆଉ କୁହ,
ରସାଳ ଅଧରେ ଦିନ ଦିପହରେ
ବରଷିଲା ମଧୁମେହ ।।
ଧୋବ ଫରଫର ଗାଲିଚାର ଘର
ଦୁଇ ମନ ଦୁଇ ପ୍ରାଣ,
ନୀଳ ଆକାଶର ନିର୍ମଳ ଗଭାରେ
କାଶତଣ୍ଡୀ ବଣେ ପ୍ରେମ ॥

ମୋ-୯୪୩୭୩୬୯୪୦୨

## ନିଖିଳ ପ୍ରାଣର ନିରବ ବ୍ୟଥାକୁ

ହରିଶ୍ଚନ୍ଦ୍ର ବେହେରା

ନିଖିଳ ପ୍ରାଣର ନିରବ ବ୍ୟଥାକୁ
ଆଙ୍କୁ ଅଛି ମୁହିଁ କବି
ଝରା ଶେଫାଳିର ଓଦା ମହକରେ
ଶବ୍ଦ ମହକେଇ ଦେବି ।

ନିବେଦିତ ପ୍ରାଣେ ଗୋପନେ
ଗୋପନେ
ଶୁଭେ କାହା ବଂଶୀ ସ୍ୱର
ହୃଦୟ ଦୁଆର ଖୋଲା ମୁଁ ରଖିଛି
ଆସ ପ୍ରିୟତମ ମୋର
କେତେ ଉଜାଗରେ ରାତି ବିତେଇଛି
ପାରୁଥିବ ଅନୁଭବି ।

ସଂଜର ସଳିତା ପରି ମୁଁ ଜଳିଛି
ତୁମରି ଲାଗି ହେ ପ୍ରିୟ
ମଉଳିବା ଆଗୁ ଜୀବନ ଫୁଲ ମୋ
ତମ ପାଶେ ନେଇ ଯାଅ
ହୃଦୟ ବୀଣାର ଶେଷ ଗୀତ ଟିକୁ
ତୁମକୁ ମୁଁ ଶୁଣେଇବି ।

କେତେ ସ୍ୱପ୍ନ ସଖା ଦେଖିବାର ଥିଲା
ରାତି ତ ଅଣ୍ଟିଲା ନାହିଁ
ପରାଣ ପିତୁଳା କାନ୍ଦୁଛି କୁହୁରି
କୁହ ପ୍ରିୟ କାହା ପାଇଁ
ତୁମରି ଚରଣ ବନ୍ଦନା ଗୀତି
ଶେଷ ଥର ଗାଇଦେବି ।

କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

## ବର୍ଷା

ପ୍ରମୋଦ କୁମାର ମହାପାତ୍ର



ବର୍ଷା ଗୋ ତୁମ ଛଟକ ଚାହାଣି
କିମିଆ କରିଛି ଆଜି,
ମେଘ-ମେଦୁରର ପ୍ରଣୟ ଫାଶରେ
ଧରଣୀ ଯାଇଛି ମଜି।

ଭିଜା ଭିଜା ଗନ୍ଧେ ମଦନର ଛନ୍ଦେ
ଜଳାଇ ପ୍ରୀତିର ନିଆଁ,
ଆଖି ଝଲସାଇ ଆକାଶ ଥରାଇ
ଚମକି ଯାଉଛ କିଆଁ।

ଅଭିମାନୀ ଧାର ବହେ ନିରନ୍ତର
ରୂପସୀ ନୟନ କୋଣ,
ଶରୀର ଭିଜାଇ ଅଙ୍ଗ ଯାଅ ଛୁଇଁ
ଅନ୍ତର କଥା କି ଜାଣ।

ସରସୀର ସଂଗ ଦହଇ ଅନଙ୍ଗ
ମଉଳି ଯାଇଛି ଛାତି,
ତୁମ ପରଶରେ ପୁରି ହରଷରେ
ଭୁଲି ଯାଇଛି ସେ ତାତି।

ବିରହିଣୀ ନଈ କ୍ଷୀଣକାୟ ହୋଇ
ଚାହିଁଛି ଚାତକ ପରି,
ବର୍ଷା ! ତୁମ ଧାରେ ଅମୃତ ଝରେ
ଯୌବନ ଯାଏ ସଂଚରି।

କଳାପାଣି, ଜି - ବରଗଡ଼
ମୋ ୯୪୩୭୫୬୮୩୧୧

30 YEARS
ସମ୍ବାଦ କଳିଙ୍ଗ
ଖେଳ
ଭୁବନେଶ୍ୱର,୬ ସେପ୍ଟେମ୍ବର, ଶୁକ୍ରବାର,୨୦୨୪
ପୃଷ୍ଠା – ୬

# ପ୍ୟାରିସ୍ ପାରାଅଲିମ୍ପିକ୍ସ : ତୀରନ୍ଦାଜରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଆଣିଲେ ହରବିନ୍ଦର ସିଂହ

**ପ୍ୟାରିସ୍**



ପ୍ୟାରିସ୍ ପାରାଅଲିମ୍ପିକ୍ସରେ ତୀରନ୍ଦାଜୀରେ ଭାରତକୁ ମିଳିଲା ପ୍ରଥମ ସ୍ୱର୍ଣ୍ଣ। ଦେଶ ପାଇଁ ଗୌରବ ଆଣିବା ସହ ଇତିହାସ ରଚିଲେ ତୀରନ୍ଦାଜ ହରବିନ୍ଦର ସିଂହ। ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବାରେ ପ୍ରଥମ ଭାରତୀୟ ଭାବେ ନିଜ ନାଁରେ ରେକର୍ଡ କରିଛନ୍ତି ହରବିନ୍ଦର। ପୁରୁଷ ବିଭାଗ ବ୍ୟକ୍ତିଗତ ରିକର୍ଭ ଓପନ ଫାଇନାଲ ମ୍ୟାଚ୍‌ରେ ସେ ପୋଲାଣ୍ଡ ପ୍ରତିଯୋଗୀଙ୍କୁ ୬–୦ରେ ହରାଇଥିଲେ। ହରବିନ୍ଦରଙ୍କ ଏହି ସଫଳତା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ୍ ମାଣ୍ଡଭିୟ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସେପଟେ ପୁରୁଷ ସଟପୁଟ୍‌ରେ ରୌପ୍ୟ ଜିତିଛନ୍ତି ସଚିନ ସର୍ଜେରାଓ ଖିଲାରୀ। ସେହିଭଳି କ୍ଲବ୍ ଥ୍ରୋରେ ମଧ୍ୟ ଭାରତକୁ ଧରମବୀର ଓ ସୁରମା ପ୍ରଣବ ଯୋଡ଼ି ସ୍ୱର୍ଣ୍ଣ ଓ ରୌପ୍ୟ ପ୍ରଦାନ କରିଥିବାରୁ ପ୍ୟାରିସ୍ ପାରା ଅଲିମ୍ପିକସରେ ଭାରତ ପଦକ ତାଲିକା ୨୪ରେ ପହଞ୍ଚିଛି। ଏଥିରେ ୫ଟି ଗୋଲ୍ଡ ମେଡାଲ ରହିଛି।

# ବିଜେପିରେ ମିଶିଲେ କ୍ରିକେଟର ରବୀନ୍ଦ୍ର ଜାଡେଜା

**ନୂଆଦିଲ୍ଲୀ**



ଟି–୨୦ କ୍ରିକେଟରୁ ଅବସର ନେଇ ସାରିଥିବା ଟିମ୍ ଇଣ୍ଡିଆର ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ତାଙ୍କର ନୂଆ ଇନିଂସ ଆରମ୍ଭ କରିଛନ୍ତି। ସେ ଏବେ ରାଜନୀତିରେ ପାଦ ଦେଇଛନ୍ତି। ଜାଡ଼େଜା କେନ୍ଦ୍ରରେ କ୍ଷମତାସୀନ ବିଜେପିରେ ମିଶିଛନ୍ତି। ଜାଡ଼େଜା ବିଜେପିର ସଦସ୍ୟତା ଗ୍ରହଣ କରିଥିବା ତାଙ୍କ ପତ୍ନୀ ସମସ୍ତଙ୍କୁ ଅବଗତ କରାଇଛନ୍ତି। ରବୀନ୍ଦ୍ର ଜାଡ଼େଜାଙ୍କ ପତ୍ନୀ ରିଭାବା ହେଉଛନ୍ତି ବିଜେପିର ଗୁଜରାଟ ବିଧାୟିକା। ତାଙ୍କ ପରେ ଏବେ ଜାଡ଼େଜା ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି। ରିଭାବା ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ରବୀନ୍ଦ୍ର ଜାଡ଼େଜା ବିଜେପିର ନୂଆ ସଦସ୍ୟ ହୋଇଥିବା ଫଟୋକୁ ସେୟାର କରିଛନ୍ତି।

ରିଭାବା ମଧ୍ୟ ବିଜେପିର ସଦସ୍ୟତା ପୁଣି ଗ୍ରହଣ କରିଥିବା କହିଛନ୍ତି। ସଦସ୍ୟତା ଗ୍ରହଣ କରିବା ପରେ ବିଜେପି ପକ୍ଷରୁ ମିଳୁଥିବା କାର୍ଡକୁ ମଧ୍ୟ ସେ ସାର୍ବଜନୀନ କରିଛନ୍ତି। ସେପ୍ଟେମ୍ବର ୨ରୁ ବିଜେପିର ସଦସ୍ୟତା ସଂଗ୍ରହ ଅଭିଯାନ ଦେଶବ୍ୟାପୀ ଆରମ୍ଭ ହୋଇଛି। ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଏହାକୁ ଶୁଭାରମ୍ଭ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ଦଳରେ ଥିବା ତାଙ୍କ ସଦସ୍ୟତାକୁ ନବୀକରଣ କରିଥିଲେ। ଏନେଇ ମୋଦିଙ୍କୁ ମଧ୍ୟ ଗୋଟିଏ ପ୍ରମାଣପତ୍ର ମିଳିଥିଲା। ଏହାପରେ ପୂରା ଦେଶରେ ସଦସ୍ୟତା ସଂଗ୍ରହ ଅଭିଯାନ ଚାଲିଛି। ଏହିକ୍ରମରେ ଜାଡ଼େଜା ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି। ଜାଡେଜାଙ୍କ ପତ୍ନୀ ୨୦୧୯ରେ ବିଜେପିରେ ମିଶିଥିଲେ। ତାଙ୍କୁ ୨୦୨୨ ଗୁଜରାଟ ନିର୍ବାଚନ ବେଳେ ଜାମନଗରରୁ ଦଳ ପ୍ରାର୍ଥୀ କରିଥିଲା। ସେ ଏଠାରେ ଆପ୍ ପ୍ରାର୍ଥୀଙ୍କୁ ହରାଇଥିଲେ।

ଅନ୍ୟପକ୍ଷରେ ଜାଡ଼େଜା କ୍ରିକେଟରୁ ସଂପୂର୍ଣ୍ଣ ଅବସର ନେଇ ନାହାନ୍ତି। ସେ କେବଳ ଟି–୨୦ରୁ ଅବସର ନେଇଥିବା ବେଳେ ଦିନିକିଆ ଓ ଟେଷ୍ଟରେ ଭାରତ ପାଇଁ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି। ଏପରି ସ୍ଥିତିରେ ସେ କୌଣସି ରାଜନୀତିକ ଦଳର ସଦସ୍ୟତା ଗ୍ରହଣ କରିବା ସମସ୍ତଙ୍କୁ ଚକିତ କରିଛି।

# ଦ୍ରାବିଡ୍ ହେବେ ରାଜସ୍ଥାନର ମୁଖ୍ୟ କୋଚ୍!

**ନୂଆଦିଲ୍ଲୀ**



ଭାରତର ଟି–୨୦ ବିଶ୍ୱକପ୍ ୨୦୨୪ ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ରେ ରାଜସ୍ଥାନ ରୟାଲ୍ସ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ଜୁନ୍‌ରେ ବାର୍ବାଡୋସରେ ଭାରତର ବିଜୟ ପରେ ଦ୍ରାବିଡ୍ ତାଙ୍କ କ୍ୟାରିୟରରେ କିଛି ସମୟ ପାଇଁ ଛୁଟିରେ ଅଛନ୍ତି। ଖୁବ୍ ଶୀଘ୍ର ସେ ଫ୍ରାଞ୍ଚାଇଜ ସହ କାର୍ଯ୍ୟ କରିବାକୁ ଯାଉଛନ୍ତି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ନିଲାମି ପୂର୍ବରୁ ମୁଖ୍ୟ କୋଚ୍ ଭାବେ ସେ ପ୍ଲେୟର ରିଟେନଶନ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତାଙ୍କୁ ମିଳିପାରେ। ଏନେଇ କଥାବାର୍ତ୍ତା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଫ୍ରାଞ୍ଚାଇଜ ସୂତ୍ରରୁ ଜଣାପଡ଼ିଛି। ୨୦୨୧ରୁ ରୟାଲ୍ସର କ୍ରିକେଟ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଆସୁଥିବା କୁମାର ସଙ୍ଗକାରା ତାଙ୍କ ପଦବୀ ବଜାୟ ରଖିବେ। ଶ୍ରୀଲଙ୍କାର ପୂର୍ବତନ ଷ୍ଟାର ଖେଳାଳି କ୍ୟାରିବିନ ପ୍ରିମିୟର ଲିଗ୍‌ରେ ବାର୍ବାଡୋସ ରୟାଲ୍ସ ଏବଂ ସାଉଥ ଆଫ୍ରିକା ଟି–୨୦ରେ ପାର୍ଲ ରୟାଲ୍ସ ସହିତ ୨ବର୍ଷ ହେଲା ମେଣ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ବେଙ୍ଗାଲୁରୁରେ ଥିବା ନ୍ୟାସ୍‌ନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏଡ)ରେ ଯୋଗଦାନ ପରେ ୨୦୧୬ରେ ଦିଲ୍ଲୀ କ୍ୟାପିଟାଲରେ ଦ୍ରାବିଡ୍ ସମାନ ଭୂମିକାରେ ରହିଥିଲେ। ରୟାଲ୍ସରେ ଦ୍ରାବିଡ୍ ଓ ସଞ୍ଜୁ ସାମସନ ପୁଣି ଏକାଠି ହେବେ। ସାମସନ ଆଉ ଏକ ସିଜନ ପାଇଁ ଦଳର ଅଧିନାୟକ ରହିବା ଯଥେଷ୍ଟ ସମ୍ଭାବନା ରହିଛି। ସାମସନ ପୂର୍ବରୁ ଦ୍ରାବିଡ୍‌ଙ୍କ ଅଧୀନରେ ତାଲିମ ନେଇଛନ୍ତି। ଖବର ଅନୁସାରେ ଦ୍ରାବିଡ୍‌ଙ୍କ କାର୍ଯ୍ୟକାଳ ସମୟରେ ଭାରତୀୟ ଦଳର ବ୍ୟାଟିଂ କୋଚ୍ ରହିଥିବା ବିକ୍ରମ ରାଠୋରଙ୍କୁ ରୟାଲ୍ସ ଫ୍ରାଞ୍ଚାଇଜ୍ ସହକାରୀ କୋଚ୍ ପଦବୀରେ ନିଯୁକ୍ତି ଦେଇପାରେ।

# ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି ଭାରତରେ ଜନ୍ମିତ ଆୟର୍ଲାଣ୍ଡ ଖେଳାଳି

**ନୂଆଦିଲ୍ଲୀ**

ହସ୍ପିଟାଲ ବେଡ୍‌ରେ ଷ୍ଟାର ଅଲରାଉଣ୍ଡର ସିମି ସିଂହ। ୩୫ଟି ଦିନିକିଆ ଓ ୫୩ଟି ଟି–୨୦ ମ୍ୟାଚ୍‌ରେ ନିଜର ଜଲୱା ଦେଖାଇ ଥିବା ସିମି ଏବେ ଜୀବନ ସହ ସଂଘର୍ଷ କରୁଛନ୍ତି। ଲିଭର ଜନିତ ସାଂଘାତିକ ସମସ୍ୟାରେ ପଡ଼ିଥିବା ସିମିଙ୍କ ଚିକିତ୍ସା ଗୁରୁଗ୍ରାମ ସ୍ଥିତ ମେଦାନ୍ତ ହସ୍ପିଟାଲରେ ହେଉଛି।

ଭାରତୀୟ ବଂଶୋଦ୍ଭବ ସିମି ଦୀର୍ଘ ବର୍ଷ ଧରି ଆୟର୍ଲ୍ୟାଣ୍ଡ ପାଇଁ ଖେଳି ଆସୁଥିଲେ। ହେଲେ ଏବେ ସେ ଲିଭର ପ୍ରତିରୋପଣ ପାଇଁ ହସ୍ପିଟାଲ ବେଡ୍‌ରେ ରହିଛନ୍ତି। ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବା ରିପୋର୍ଟ ପ୍ରକାଶ ପାଇଛି। ମୋହାଲିରେ ଜନ୍ମିତ ସିମି ପଞ୍ଜାବ ପାଇଁ ଅଣ୍ଡର ୧୪ ଓ ଅଣ୍ଡର–୧୭ ସ୍ତରରେ କ୍ରିକେଟ ଖେଳିଥିଲେ। ତେବେ ଅଣ୍ଡର ୧୯ରେ ଖେଳିବା ପାଇଁ ସେ ଯୋଗ୍ୟତା ଅର୍ଜନ କରିପାରି ନଥିଲେ। ଭାରତରେ ଫେଲ୍ ମାରିବା ପରେ ସେ ହୋଟେଲ ମ୍ୟାନେଜ୍‌ମେଣ୍ଟ ପାଠ ପଢ଼ିବା ପାଇଁ ଆୟର୍ଲ୍ୟାଣ୍ଡ ଚାଲି ଯାଇଥିଲେ।

ପାଠପଢ଼ିବା ସମୟରେ ଅର୍ଥାତ ୨୦୦୬ରେ ସେ ଡବ୍‌ଲିନ୍‌ରେ ଥିବା ମାଲାହାଇଡ୍ କ୍ରିକେଟ କ୍ଲବ୍‌ରେ ନିଜକୁ ସାମିଲ କରିଥିଲେ। ସେଠାରେ ଖେଳିବା ବେଳେ ଆୟର୍ଲ୍ୟାଣ୍ଡର ଜାତୀୟ ଟିମ୍‌ରେ ତାଙ୍କର ଚୟନ ହୋଇଥିଲା। ସେ ଦିନିକିଆରେ ଆୟର୍ଲ୍ୟାଣ୍ଡ ପାଇଁ ୩୯ଟି ଓ ଟି–୨୦ରେ ୪୪ଟି ୱିକେଟ ନେଇଛନ୍ତି। ୨୦୨୧ରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆରେ ଆୟର୍ଲ୍ୟାଣ୍ଡ ପାଇଁ ଶତକ ମଧ୍ୟ ମାରିଥିଲେ।

ସିମିଙ୍କ ଶ୍ୱଶୁର ପରବୀନ୍ଦର ସିଂହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ୫ରୁ ୬ ମାସ ତଳର କଥା। ସିମି ଡବଲିନାରେ ଥିବା ବେଳେ ଅଜବ ଧରଣର ଜ୍ୱର ତାଙ୍କୁ ହୋଇଥିଲା। ଜ୍ୱର କିଛି ସମୟ ଆସେ ପୁଣି ଛାଡ଼ିଯାଏ। ସେଠାରେ ସେ ନିଜର ସ୍ୱାସ୍ଥ୍ୟ ଯାଞ୍ଚ କରାଇଥିଲେ। କିନ୍ତୁ କିଛି ବି ଲାଭ ମିଳି ନଥିଲା। ଏପରି ଜ୍ୱର ଆସିବା ଓ ଛାଡ଼ିବାର କାରଣ ଡାକ୍ତରମାନେ ଜାଣି ନ ପାରିବାରୁ ତାଙ୍କର ଚିକିତ୍ସା ମଧ୍ୟ କରି ନଥିଲେ। ସମୟ ଗଡ଼ିବା ସହ ସିମିଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ବିଗିଡ଼ିବାରେ ଲାଗିଥିଲା। ତେଣୁ ଆମେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭାରତ ଆଣିଥିଲୁ।



ଜୁନ୍ ଶେଷ ବେଳକୁ ସେ ମୋହାଲି ଆସିଥିଲେ। ଡାକ୍ତରଙ୍କ ପରାମର୍ଶ ପରେ ଜୁଲାଇ ଆରମ୍ଭରୁ ଚଣ୍ଡିଗଡ଼ର ପିଜିଆଇରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ଟିବି ପାଇଁ ଚିକିତ୍ସା ଆରମ୍ଭ ହୋଇଥିଲା ଓ ତାଙ୍କୁ ଆଣ୍ଟିବାୟୋଟିକ୍ସ ଦିଆଯାଇ ଥିଲା। ହେଲେ ଯାଞ୍ଚରୁ ଜଣାପଡ଼ିଥିଲା ଯେ ସେ ଟିବିରେ ଆକ୍ରାନ୍ତ ନୁହନ୍ତି।

ଜ୍ୱର ନ ଛାଡ଼ିବାରୁ ଆମେ ତାଙ୍କୁ ମୋହାଲିର ଗୋଟିଏ ଘରୋଇ ହସ୍ପିଟାଲକୁ ନେଇ ଆସିଥିଲୁ। ସେଠାରେ ଆମକୁ କୁହାଗଲା ଯେ ସିମି ଟିବିରେ ଆକ୍ରାନ୍ତ ନୁହନ୍ତି। ତଥାପି ୬ ସପ୍ତାହ ଧରି ଔଷଧ ଖାଇବାକୁ ପଡ଼ିବ। ଟିବି ମେଡିସନ ସହ ତାଙ୍କୁ ଷ୍ଟେରୋଏଡ୍ସ ମଧ୍ୟ ଦିଆଯାଇଥିଲା। ଏଥିଯୋଗୁ ଜ୍ୱର ବଢ଼ିଥିଲା ଓ ସେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିଲେ।

ଅଗଷ୍ଟ ଶେଷ ସପ୍ତାହରେ ଆମେ ତାଙ୍କୁ ପୁଣି ପିଜିଆଇକୁ ଆଣିଥିଲୁ ଓ ସେ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଥିଲା। ଶେଷରେ ସେଠାରେ ହିଁ ସିମି ଭୟଙ୍କର ଲିଭର ସମସ୍ୟାରେ ପଡ଼ିଥିବା ଜଣାପଡ଼ିଥିଲା। ସେଠାକାର ଡାକ୍ତରମାନେ ତାଙ୍କୁ ଗୁରୁଗ୍ରାମ ସ୍ଥିତ ମେଦାନ୍ତକୁ ନେଇ ଯିବାକୁ ପରାମର୍ଶ ଦେଇଥିଲେ। କାରଣ ସିମି କୋମାକୁ ଚାଲିଯିବାର ଆଶଙ୍କା ଥିଲା। ସେପ୍ଟେମ୍ବର ୩ରେ ଆମେ ମେଦାନ୍ତକୁ ଆସିଛୁ। ବର୍ତ୍ତମାନ ମେଦାନ୍ତରେ ସିମିଙ୍କ ଲିଭର ପ୍ରତିରୋପଣ ହେବ। ଏଥିପାଇଁ ତାଙ୍କ ପତ୍ନୀ ଅଗମଦୀପ କୌର ନିଜ ଲିଭର କିଛି ଅଂଶ ଦେବାକୁ ରାଜି ହୋଇଛନ୍ତି।

# ପାରା ଅଲିମ୍ପିକ୍ସ: ଜୁଡୋରେ ଭାରତକୁ ଦେଲେ ପ୍ରଥମ ପଦକ



**ନୂଆଦିଲ୍ଲୀ**

ଇତିହାସ ରଚିଛନ୍ତି ଭାରତର କପିଲ ପାରମର। ସେ ପ୍ରଥମଥର ପାଇଁ ପାରା ଅଲିମ୍ପିକ୍ସରେ ଦେଶକୁ ଜୁଡୋରେ ପଦକ ଭେଟି ଦେଇଛନ୍ତି। ଆଜି ଯାଏ ଭାରତ କେବେ ବି ପାରା ଅଲିମ୍ପିକ୍ସର ଜୁଡୋରେ ପଦକ ଜିତିବାକୁ ସକ୍ଷମ ହୋଇ ନଥିଲା। ହେଲେ କପିଲ ଏହି ଧାରାକୁ ବଦଳାଇଛନ୍ତି। ସେ ୬୦ କେଜିର ଜେ–୧ ବର୍ଗରେ ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିଛନ୍ତି। ବ୍ରୋଞ୍ଜ ଲଢ଼େଇରେ ସେ ବ୍ରାଜିଲର ଇଲିଲଟନ ଓଲିଭେଇରାଙ୍କୁ ମାତ୍ର ୩୩ ସେକେଣ୍ଡ ମଧ୍ୟରେ ହରାଇ ଦେଇଛନ୍ତି। ସେ ଇପନ ଟେକ୍‌ନିକ୍‌ରେ ପ୍ରତିପକ୍ଷ ଖେଳାଳିଙ୍କୁ ହରାଇ ଏପରି ଐତିହାସିକ ସଫଳତା ପାଇଛନ୍ତି।

କପିଲଙ୍କ ସଫଳତା ପରେ ପାରା ଅଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି। ଭାରତ ଏଯାଏ ୫ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ ଜିତିଛି।

# ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ : ସେମି ଫାଇନାଲରେ ଟିଆଫୋ, ଫ୍ରିଟ୍ଜ



**ନ୍ୟୁୟର୍କ**

ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଫ୍ରାନ୍ସିସ ଟିଆଫୋ, ଟେଲର ଫ୍ରିଟ୍ଜ ଓ ଆରିନା ସାବାଲେଙ୍କା। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଟେଲର ଫ୍ରିଟ୍ଜ ୭–୬(୭/୨), ୩–୬, ୬–୪ ଓ ୭–୬(୭/୩) ସେଟ୍‌ରେ ଜର୍ମାନୀର ଆଲେକଜାଣ୍ଡାର ଜେଭରେଭଙ୍କୁ ପରାସ୍ତ କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଫ୍ରାନ୍ସିସ୍ ଟିଆଫୋ ୱାକଓଭର ପାଇ ସେମିରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ ବର୍ଗରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଆରିନା ସାବାଲେଙ୍କା ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା କ୍ୱିନଓ୍ୱେନ ଝାଙ୍ଗଙ୍କୁ ପରାସ୍ତ କରିଥିଲେ।

ଦୀର୍ଘ ୧୮ ବର୍ଷ ପରେ ୟୁଏସ୍ ଓପନ ଫାଇନାଲରେ ଜଣେ ଆମେରିକୀୟ ନଜର ଆସିବେ। ଫ୍ରାନ୍ସିସ୍ ଟିଆଫୋ ଓ ଟେଲର ଫ୍ରିଟ୍ଜ ସେମି ଫାଇନାଲରେ ପରସ୍ପର ବିପକ୍ଷରେ ଖେଳିବାକୁ ଯାଉଥିବା ବେଳେ ଯିଏ ବି ବିଜୟୀ ହେଲେ ଜଣେ ଆମେରିକୀୟ ଫାଇନାଲରେ ପ୍ରବେଶ କରିବେ। ୨୦ ନମ୍ବର ସିଡ ଟିଆଫୋ ୬–୩, ୬–୭(୫/୮), ୬–୩ ଓ ୪–୧ରେ ଗ୍ରିଗୋର ଦିମିତ୍ରୋଭଙ୍କ ବିପକ୍ଷରେ ଆଗୁଆ ରହିଥିଲେ। ଦିମିତ୍ରୋଭ ଆହତ ହେବା କାରଣରୁ ଓହରି ଯିବା କାରଣରୁ ଟିଆଫୋଙ୍କୁ ୱାକଓଭର ମିଳିଥିଲା।

ପୂର୍ବରୁ ପ୍ରଥମ ମ୍ୟାଚରେ ଟେଲର ଫ୍ରିଟ୍ଜ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ଆଲେକଜାଣ୍ଡାର ଜେଭରେଭ୍‌ଙ୍କୁ ପରାସ୍ତ କରିଥିଲେ। ୭–୬(୭/୨), ୩–୬, ୬–୪ ଓ ୭–୬(୭/୩) ସେଟରେ ଫ୍ରିଟ୍ଜ ବିଜୟୀ ହୋଇଥିଲେ। ପ୍ରଥମ ସେଟ୍ ଓ ଅନ୍ତିମ ସେଟ୍ ଟାଇବ୍ରେକରକୁ ଯାଇଥିବା ବେଳେ ଫ୍ରିଟ୍ଜ ବିଜୟୀ ହୋଇଥିଲେ। ଅନ୍ୟ ପକ୍ଷରେ ସେମି ଫାଇନାଲରେ ଉଭୟ ଫ୍ରାନ୍ସିସ ଟିଆଫୋ ଓ ଟେଲର ଫ୍ରିଟ୍ଜ ପରସ୍ପର ମୁକାବିଲା କରିବେ। ଟେଲର କୌଣସି ଗ୍ରାଣ୍ଡସ୍ଲାମର ସେମି ଫାଇନାଲ ଖେଳି ନ ଥିଲେ ମଧ୍ୟ ଟିଆଫୋଙ୍କ ବିପକ୍ଷରେ ତାଙ୍କର ୬–୧ର ବିଜୟ ରେକର୍ଡ ରହିଛି।

ମହିଳା ସିଙ୍ଗଲ୍ସରେ ଖେଳାଯାଇ ଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଚାଇନାର କ୍ୱିନଓ୍ୱେନ ଝାଙ୍ଗଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ ଆରିନା ସାବାଲେଙ୍କା। ୬–୪, ୬–୨ରେ ସାବାଲେଙ୍କା ବିଜୟୀ ହୋଇଥିବା ବେଳେ ଏମ୍ମା ନାଭାରୋଙ୍କ ସହ ଖେଳିବେ।

# ପଞ୍ଚମ ଭବାନୀପାଟଣା ଟାଉନ ଫୁଟ୍‌ବଲ୍ ଲିଗ୍ ମ୍ୟାଚ୍ : ଇଭନିଂ କ୍ଲବ୍ ଚାମ୍ପିଅନ



**ଭବାନୀପାଟଣା**

ସ୍ଥାନୀୟ ଲାଲ ବାହାଦୁର ଷ୍ଟାଡ଼ିୟମରେ ଚାଲିଥିବା ପଞ୍ଚମ ଭବାନୀପାଟଣା ଟାଉନ ଫୁଟ୍‌ବଲ ଲିଗ୍ ମ୍ୟାଚରେ ଇଭିନିଙ୍ଗ କ୍ଲବ୍ ଚାମ୍ପିଅନ ହୋଇଛି। ଇଭନିଂ କ୍ଲବ୍ ଏବଂ କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କୌଣସି ଦଳ ଗୋଲ୍ ଦେଇ ପାରିନଥିଲେ। ତେବେ ସମୁଦାୟ ମ୍ୟାଚ୍‌ରେ ଇଭନିଂ କ୍ଲବ୍ ୪ ପଏଣ୍ଟ ଏବଂ କ୍ରୀଡ଼ା ଛାତ୍ରାବାସ ୨ ପଏଣ୍ଟ ପାଇଁ ଚାମ୍ପିଅନ ଏବଂ ରନର୍ସ ଅପ୍ ହେଇଥିଲେ। ଇଭିନିଙ୍ଗ କ୍ଲବ୍‌ର ପପୁ ମାଝୀ ଶ୍ରେଷ୍ଠ ଖେଳାଳି ବିବେଚିତ ହେଇଥିଲେ। ଫାଇନାଲ ମ୍ୟାଚ୍‌ରେ ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଦଳ ଏବଂ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶା ଅଲିମ୍ପିକ୍ ସଭାପତି ଜଗମୋହନ ପଟ୍ଟନାୟକ, ଜିଲ୍ଲା କ୍ରୀଡ଼ା ସଂସ୍ଥା କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ବେହେରା, ଅର୍ଜୁନ ପଟ୍ଟନାୟକ, ଭିକାରୀ ଚରଣ ମିଶ୍ର, ରାମକୁମାର ଜୈନ, ବିପିନ ମିଶ୍ର, ସନ୍ତୁ ସିଂ, ଶମ୍ଭୁ ରାଉତ ପ୍ରମୁଖ ବହୁ କର୍ମକର୍ତ୍ତା ଯୋଗଦେଇ ଖେଳାଳି ମାନଂକୁ ଉତ୍ସାହିତ କରିଥିଲେ।

GOVERNMENT OF ODISHA
PANCHAYAT SAMITI OFFICE: GUDVELLA
i-128
Phone – 286036(06652) Email:ori-gudvella@nic.in
Identification No.01/2024-25/ GUDVELLA BLOCK

1. The BDO, Gudvella Block, Gudvella on behalf of Governor of Odisha invites percentage rate bid in Single cover system in ONLINE MODE for construction of building work detailed in the table below from eligible contractor.
2. Nature of work : Building work
3. No.of Tender : 04 Nos.Building work
4. Tender Cost : Rs.6000/-(Tender paper cost)
5. Class of Contractor : "C" & "D" (Registered with CDMS)
6. Date & time of Sale & Receipt of Bids : From dt.10.09.2024 to 30.09.2024 Up to 5.30 PM
7. Date of opening bid : dt. 01.10.2024 at 11.30 AM
8. The bidders have to participate in ONLINE bidding only. Further details can be seen from the website: hppt://tendersodisha.gov.in

Sd/- Block Development Officer
Gudvella
OIPR-19350/11/0001/2425

# ଆଦିତ୍ୟ ଆଲୁମିନିୟମ ଦ୍ୱାରା ଜାତୀୟ ପୋଷଣ ସପ୍ତାହ ପାଳିତ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ରେଙ୍ଗାଲି ଓ ଆଦିତ୍ୟ ଆଲୁମିନିୟମର ମିଳିତ ସହଯୋଗରେ ଜାତୀୟ ପୋଷଣ ସପ୍ତାହ ଢୋରୋପାଣି ଗ୍ରାମ ଅଙ୍ଗନୱାଡ଼ି ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ସମାରୋହରେ ମୁଖ୍ୟ ଅତିଥି ଭାବରେ ଶିବ ମହାପାତ୍ର (ସାଂଗଠାନିକ ମୁଖ୍ୟ, ଆଦିତ୍ୟ ବିର୍ଲା), ଅନିତା ସାହାଣୀ ( ସୁପରଭାଇଜର ସମନ୍ୱିତ ଶିଶୁ ବିକାଶ ବିଭାଗ), ମନୋରଞ୍ଜନ ବେହେରା (ଉପ ପ୍ରବନ୍ଧକ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ, ଆଦିତ୍ୟ ବିର୍ଲା) ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ କୁପୋଷଣକୁ ଆମ ଅଞ୍ଚଳରୁ ସମ୍ପୂର୍ଣ୍ଣ ରୂପେ ଦୂରୀଭୂତ କରିବା ଏବଂ ଏକ ସୁସ୍ଥ ପରିବେଶ ଗଠନ ଉପରେ ଆଧାରିତ ଥିଲା। ସୁସ୍ଥ ଜୀବନ ଶୈଳୀକୁ ବଜାୟ ରଖିବା ପାଇଁ ଉତ୍ତମ ଓ ପୃଷ୍ଟିଯୁକ୍ତ ଖାଦ୍ୟ ପ୍ରଣାଳୀ ଗ୍ରହଣ କରିବା ପାଇଁ ଏହି ସଭାରେ ଆଲୋଚନା ହୋଇଥିଲା। ନିଉଟ୍ରି ଗାର୍ଡେନର ସଦୁପଯୋଗ ଓ କମ୍ ଜାଗା ଥିବା ଗ୍ରାମବାସୀ ମାନେ ମଧ୍ୟ ଏହି ପ୍ରଣାଳୀ ଦ୍ୱାରା ନିଜ ପ୍ରାଙ୍ଗଣରେ ପୁଷ୍ଟିଯୁକ୍ତ ପନିପରିବା କିପରି ଚାଷ କରି ଉପକୃତ ହୋଇପାରିବେ ସେହି ବିଷୟ ଉପରେ ଧ୍ୟାନ ଆକର୍ଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କିଶୋରୀ ବାଳିକା, ଗର୍ଭବତୀ ଓ ପ୍ରସୂତି ମହିଳା ଓ ଗ୍ରାମର ମାନ୍ୟଗଣ ବ୍ୟକ୍ତିତ୍ୱ ମାନେ ଉପସ୍ଥିତ ଥିଲେ। ଏହି ଅଞ୍ଚଳର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ଆଶା ଦିଦିଙ୍କ ଦ୍ୱାରା ହୋଇଥିବା ପୃଷ୍ଟିଯୁକ୍ତ ଖାଦ୍ୟ ପ୍ରଦର୍ଶନୀକୁ ବୁଝାଇଥିଲେ। ଦୃଷ୍ଟିବାଧିତ ଗାୟତ୍ରୀ ସାହୁ ଏକ ସୁନ୍ଦର କବିତା ପାଠ କରି ଉପସ୍ଥିତ ମହିଳାମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ହେଲ୍ପ ସଂଗଠନର ସମ୍ପୂର୍ଣ୍ଣ ସହଯୋଗକ୍ରମେ ସୁପୋଷଣ ଶପଥ ଗ୍ରହଣ କରାଯାଇଥିଲା। ଶିବ ମହାନ୍ତି (ମୁଖ୍ୟ, ହେଲ୍ପ ସଂଗଠନ) ଆକର୍ଷକ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ୨ ଜନ ଶିଶୁ ପରିବା ଓ ଖାଦ୍ୟ ଶସ୍ୟ ଅଳଙ୍କାର ପରିଧାନ କରି ପୋଷଣ ଦିଗରେ ଜାଗୃତ ହେବା ପାଇଁ ଆହ୍ୱାନ କରିଥିଲେ।

ସର୍ବଶେଷରେ ଉପସ୍ଥିତ ମହିଳାମାନଙ୍କୁ ଆଦିତ୍ୟ ବିର୍ଲା ତରଫରୁ ହୋର୍ଲିକ୍ସ ପ୍ରଦାନ କରାଯାଇ ସଭା ସାଙ୍ଗ କରାଯାଇଥିଲା।

ଆଗାମୀ ଭବିଷ୍ୟତରେ ଆଦିତ୍ୟ ଆଲୁମିନିୟମର 'ପ୍ରକଳ୍ପ ପୋଷଣ' ଅଧୀନରେ ଅଧିକରୁ ଅଧିକ କାର୍ଯ୍ୟକ୍ରମର ଆୟୋଜନ କରାଯିବା ପାଇଁ ଧାର୍ଯ୍ୟହୋଇ ସଭାକୁ ସଫଳ୍ୟ ମଣ୍ଡିତ କରାଯାଇଥିଲା।

# ଟି–୨୦ରେ ନୂଆ ଇତିହାସ ରଚିଲେ ଶିମ୍ରନ ହେଟମିୟର

**ନୂଆଦିଲ୍ଲୀ**

ସିପିଏଲ୍ ୨୦୨୪ର ସପ୍ତମ ମ୍ୟାଚ୍‌ରେ ସେଣ୍ଟ କିଟ୍ସ ଆଣ୍ଡ୍ ନେଭିସ ପ୍ୟାଟ୍ରିୟଟ୍‌ସ ବନାମ ଗୁଇନା ଆମାଜନ ୱାରିୟର୍ସ ମଧ୍ୟରେ ମ୍ୟାଚ ଖେଳାଯାଇ ଥିଲା। ଏହି ମ୍ୟାଚରେ ଶିମ୍ରନ ହେଟମିୟରଙ୍କ ବିସ୍ଫୋରକ ଇନିଂସ ଯୋଗୁ ଗୁଇନ୍ଦା ଆମାଜନ ୱାରିୟର୍ସ ସେଣ୍ଟ କିଟ୍ସ ଆଣ୍ଡ୍ ନେଭିସ ପ୍ୟାଟ୍ରିୟଟ୍‌ସଙ୍କୁ ୪୦ ରନ୍‌ରେ ପରାସ୍ତ କରିଛନ୍ତି। ହେଟମିୟର ୨୩୩.୩୩ର ଷ୍ଟ୍ରାଇକ ହାରରେ ୯୧ ରନ ଇନିଂସ ଖେଳିଥିଲେ। ଏଥିରେ ସେ ୧୧ ଛକା ମାରିଥିଲେ ମଧ୍ୟ ଗୋଟିଏ ଚୌକା ମାରି ନ ଥିଲେ। ଏହିପରି ସେ ଟି–୨୦ ଇତିହାସରେ ବିନା ଚୌକାରେ ୧୦ କିମ୍ବା ଅଧିକ ଛକା ମାରିବାରେ ଦୁନିଆର ପ୍ରଥମ ବ୍ୟାଟ୍ସମ୍ୟାନ ହୋଇଛନ୍ତି।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
CAD-1043
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର–୭୫୧୦୦୧
ପତ୍ର ସଂଖ୍ୟା ୨୬୯୩୬ / ଭୁ.ଉ.କ., ଭୁବନେଶ୍ୱର
EB.B-48/78
ଡା ୦୨.୦୯.୨୦୨୪ରିଖ
**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ଼ ହାଉସିଂ ସ୍କିମ୍, ମୌଜା- ବରଗଡ଼, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ–EB-147 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୩୩୩୮୬ ତା–୧୭.୦୯.୨୦୨୨ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ **(୧) ମାଳତୀ ଜେନା (ବିବାହିତା କନ୍ୟା), (୨) ରବି ଜେନା (ପୁତ୍ର), (୩) ସୁବାଶିନି ଜେନା (ବିବାହିତା କନ୍ୟା), (୪) ତନୁଜା ଜେନା (ବିବାହିତା କନ୍ୟା), ଓ (୫) ରାଜେଶ ଜେନା (ପୁତ୍ର), ଗ୍ରାମ-ରତିନ, ପୋଷ୍ଟ/ଥାନା- ପାରଳାଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ, ଓଡ଼ିଶାଙ୍କ** ନାମରେ ଆବଣ୍ଟନ କରାଯାଇଥିଲା।

ଉତ୍ତରାଧିକାରୀମାନଙ୍କ ମଧ୍ୟରୁ **ରାଜେଶ ଜେନା** ଗତ ତା–୧୫.୧୧.୨୦୨୨ ରିଖରେ ମୃତ୍ୟୁବରଣ କରିଅଛନ୍ତି। **(Death certificate No.**................ dated 19.12.2022). Legal heir certificate No. AP20 34489717 dated 23.04.2024 ଅନୁଯାୟୀ ରାକେଶ ଜେନାଙ୍କର ଉତ୍ତରାଧିକାରୀ (୧) ସଙ୍ଘମିତ୍ରା ଜେନା (ସ୍ତ୍ରୀ), (୨) ଭିରାଜ ଜେନା (ପୁତ୍ର) ଓ (୩) ଭିଦିଶା ଜେନା (ବିବାହିତା କନ୍ୟା) ଅଟନ୍ତି।

ସୁତରାଂ ଉତ୍ତରାଧିକାରୀ ସୁତ୍ରେ (୧) ମାଳତୀ ଜେନା, (୨) ରବି ଜେନା, (୩) ସୁବାଶିନି ଜେନା, (୪) ତନୁଜା ଜେନା, (୫) ସଙ୍ଘମିତ୍ରା ଜେନା, (୬) ଭିରାଜ ଜେନା ଓ (୭) ଭିଦିଶା ଜେନାଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି। ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0137/2425

OFFICE OF THE PANCHAYAT SAMITI,CHATRAPUR
i-120
Letter No-4938 Date 03.09.2024
DETAIL TENDER CALL NOTICE OI/BDO- CHATRAPUR OF 2024-25

The Block Development Officer, Chatrapur invites sealed percentage rate tenders in single cover system on behalf of Governor of Odisha from registered and eligible class of civil contractor of the state PWD (R &B)/water Resources/ rural works/M. I/CPWD for the following work eventually to be drawn up in the PWD F-2 forms in conformity with the detailed Tender Call Notice.

| Sl No | Name of the work | Value of work | Bld security @ % (in Rs) | Cost of Bid document (in Rs.) | Class of Bidder | Period of completion |
|---|---|---|---|---|---|---|
| 1 | Construction of Addl.Class room at Raghunathpur UPS | 850984/- | 8510/- | 6000/- | 'D & C' class | 6(Six) Calendar month |
| 2 | Construction of Additional Class room building at Govt. Primary School, Kamapalli | 1279270/- | 12793/- | 6000/- | 'D & C' class | 6(Six) Calendar month |
| 3 | Construction of Additional Class room building at Govt. Primary School, T. Nuagaon | 1279270/- | 12793/- | 6000/- | 'D & C' class | 6(Six) Calendar month |
| 4 | Construction of Additional Class room building at Radha Krushna High School, Karapalli. | 1308858/- | 13089/- | 6000/- | 'D & C' class | 6(Six) Calendar month |

The Details terms and condition of the tender can be seen w.w.w.ganjam.nic.in and also in the office at the Block Development Officer, Chatrapur.

Sd/- Block Development Officer
Chatrapur
OIPR-19102/11/0003/2425

GOVT. OF ODISHA, e- PROCUREMENT NOTICE
A-269
DEPARTMENT OF WATER RESOURCES
E-PROCUREMENT NOTICE
E-mail: eessdivision@gmail.com, Phone : 0674-2395390
BID IDENTIFICATION NO- 02/2024-25

1. The Executive Engineer, Support Services Division, Bhubaneswar on behalf of Govt. of Odisha invites bid in Single Cover system in ONLINE MODE from eligible manpower service provider as detailed below :
2. Number of Works : Engagement of Office Assistant (Skilled) & Service Personnels (Skilled & Semi-Skilled) through service provider on outsourcing basis for O/o the Executive Engineer, Support Services Division, Bhubaneswar for the year 2024-25 (01.10.2024-29.03.2025).
3 Estimated Cost (excluding Service Charges & GST) : Rs. 9.70 Lakh (Aprox.)
4 Paper Cost : Rs. 4,000.00
5 E.M.D. : Rs.10,000.00
6 Class of Contractor : Human Resources Supply
7 Date & Time of availability of Bid Documents in the Portal : 07.09.2024 to 16.09.2024 up to 05.30 PM
8. Last Date & Time of Online Bidding : 16.09.2024 up to 05.30 PM
9. Date & Time of Opening of Online Bid : 17.09.2024 at 04.00 PM
10. The Bidders have to participate in ONLINE bidding only and required to send uploaded hard copy to this office after opening of bid. Further details can be seen from the website: https://tenderodisha.gov.in. Any addendum/ corrigendum/ cancellation of tender can also be seen in the said site.

Sd/-
Executive Engineer,
Support Services Division
Bhubaneswar.
OIPR-32447/11/0004/2425

Government of Odisha "e" Procurement Notice
O-251
Bid Identification No.: Online-AGL-03of 2024-2025

1. Name of the Work : Building Works
2. Estimated Cost. : Rs. 36.16 to 39.02 lakhs
3. Period of Completion : 06 (Six) Calendar Months
4. Date & time of availability of bid document in the portal : From 11.09.2024 to 17.09.2024 upto 5.00 P.M
5. Last Date/time for receipt of bids In the portal : 17.09.2024 upto 5.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website www.tendersorissa.gov.in

Sd/- Executive Engineer
R.W.Division, Angul
OIPR-25096/11/0004/2425

ଭୁବନେଶ୍ୱର
୬ ସେପ୍ଟେମ୍ବର
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ନିକୁଞ୍ଜ ଲୀଳା

**ପୁରୀ, ୫/୯ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଚାଲିଥିବା ମହାପ୍ରଭୁଙ୍କ ଶ୍ରୀକୃଷ୍ଣ ଲୀଳା ଅବସରରେ ଗୁରୁବାର ନିକୁଞ୍ଜ ଲୀଳା ପାଳିତ ହୋଇଯାଇଛି । ସନ୍ଧ୍ୟାଧୂପ ସରିଲା ପରେ ଶ୍ରୀରାମକୃଷ୍ଣ ଆଜ୍ଞାମାଳ ପାଇ ଜଗମୋହନ ଖଟ ଉପରେ ବିଜେ ହୋଇଥିଲେ। ସେଠାରେ ଭୋଗ ଓ ବନ୍ଦାପନା କରାଯାଇଥିଲା। ଏହି ନୀତିରେ ହରଚଣ୍ଡୀ ସାହିର ବାସିନ୍ଦାମାନେ ଠାକୁରଙ୍କୁ ସାମିଲ କରାଇଥିଲେ। ଏନେଇ ଏକ କଥାବସ୍ତୁ ରହିଥିବା କୁହାଯାଏ । କିଶୋର ଅବସ୍ଥାରେ ଗୋପଲୀଳା କରୁଥିଲେ ଶ୍ରୀକୃଷ୍ଣ । ଗୋପୀଙ୍କ ଭିତରେ ଜଣେ ରାକ୍ଷସୀ ଥିଲେ । କଂସର ଏସବୁ ମାୟା ଥିଲା ବୋଲି କୁହାଯାଏ। ଶ୍ରୀକୃଷ୍ଣଙ୍କୁ ମୋହିତ କରି ହରଣ କରିବା ଥିଲା ଉଦ୍ଦେଶ୍ୟ । ହେଲେ ଶ୍ରୀକୃଷ୍ଣ ଏହା ଜାଣି ପାରି ଗୋପୀ ରୂପୀ ରାକ୍ଷସୀଙ୍କୁ ବଶୀଭୂତ କରି ବିଦା କରିଦେଇଥିଲେ। ଯାହାକୁ ଶ୍ରୀକୃଷ୍ଣଙ୍କ ନିକୁଞ୍ଜ ଲୀଳା ରୂପେ ବିବେଚନା କରାଯାଏ।

ପ୍ରାୟ ଶହେ ବର୍ଷ ପରେ ଶ୍ରୀଜଗନ୍ନାଥଙ୍କ ଶ୍ରୀକୃଷ୍ଣ ଲୀଳାର ବସ୍ତ୍ରହରଣ ନୀତିରେ ଯୋଗ ଦେଇଛନ୍ତି କାଳିକାଦେବୀ ସାହି ବାସିନ୍ଦା । ମହାପ୍ରଭୁଙ୍କ ଶ୍ରୀକୃଷ୍ଣ ଲୀଳା ପାଳନରେ ଚଳିତ ବର୍ଷ ବେଶ୍ ଆଗ୍ରହ ଦେଖାଇଛନ୍ତି ପୁରୀ ବାସିନ୍ଦା । ବହୁ ବର୍ଷ ପରେ କାଳିକାଦେବୀ ସାହି ପକ୍ଷରୁ ଦ୍ୱାପର ଯୁଗୀୟ ବସ୍ତ୍ରହରଣ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା । ଆଗେ ଶ୍ରୀମନ୍ଦିରରେ କେବଳ ଠାକୁରଙ୍କ ନୀତି ହେଉଥିଲା। ଅଧିକାଂଶ ଭକ୍ତ ଜାଣି ପାରୁ ନଥିଲେ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳାର ଏହି ଅଭିନୟ। ଚଳିତ ବର୍ଷ କାଳିକାଦେବୀ ସାହି ଆଖଡ଼ା ପକ୍ଷରୁ ଶ୍ରୀକୃଷ୍ଣଙ୍କ ସହ ଗୋପୀମାନେ ବାହାରି ଠାକୁରଙ୍କ ନୀତି କରିଛନ୍ତି ।



ଭୁବନେଶ୍ୱର : ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ। (ଫଟୋ : ସମ୍ବାଦ କଳିକା)

# ବିଗତ ୫ ବର୍ଷରେ ଓଡ଼ିଶାରେ ବଜ୍ରପାତରେ ୧୧୦୩ ଜଣଙ୍କ ମୃତ୍ୟୁ

**ଭୁବନେଶ୍ୱର, ୫/୯ ନ୍ୟୁଜ ବ୍ୟୁରୋ**

ବଜ୍ରପାତଜନିତ ମୃତ୍ୟୁ ଘଟଣାରେ ଓଡ଼ିଶା ସମଗ୍ର ଦେଶରେ ଆଗରେ ରହିଛି। ବିଗତ ୫ ବର୍ଷରେ ରାଜ୍ୟରେ ୧୧୦୩ ଜଣଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି। ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ବିଧାନସଭାରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି। ତେବେ ଶ୍ରୀପୂଜାରୀ କହିଛନ୍ତି ଯେ, ସୁନ୍ଦରଗଡ଼, କେନ୍ଦୁଝର ଓ ବାଲେଶ୍ୱରରେ ବଜ୍ରପାତ ମୃତ୍ୟୁ ଅନ୍ୟ ଜିଲ୍ଲା ଠାରୁ ଅଧିକ ରହିଛି। ଗତ ୫ ବର୍ଷରେ ଝାରସୁଗୁଡ଼ାରେ ୭୨ ଓ ବଲାଙ୍ଗୀରରେ ୫୫ ଜଣଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି। ବଜ୍ରପାତ ଜନିତ ମୃତ୍ୟୁ ପାଇଁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ସହାୟତା ଦିଆଯାଇଛି। ରାଜସ୍ୱ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ପାଇଁ ଯଥେଷ୍ଟ ପାଣ୍ଠି ରହିଛି। ବିପର୍ଯ୍ୟୟ ପରିଚାଳନା ବିଭାଗ ପାଖରେ ୨୩୦୦ କୋଟି ଟଙ୍କା ଅଛି। ସେଥିରୁ ବିପର୍ଯ୍ୟୟ କ୍ଷତିପୂରଣ ପାଇଁ ୨୦୦ କୋଟି ଟଙ୍କା ରଖାଯାଇଛି। ଗବେଷଣା ଅନୁଯାୟୀ ଓଡ଼ିଶାରେ ଖଣିଜ ପଦାର୍ଥ ଭରପୂର ଥିବାରୁ ବଜ୍ରପାତ ଅଧିକ ହେଉଛି। କାରଣ ଖଣିଜ ପଦାର୍ଥ ହେଲା ବିଦ୍ୟୁତ ସୁପରିବାହୀ। ତେବେ ବଜ୍ରପାତର ପ୍ରଭାବ ରୋକିବା ପାଇଁ ତାଳଗଛ ରୋପଣ ପାଇଁ ବନ ବିଭାଗକୁ ୭ କୋଟି ଟଙ୍କା ଦିଆଯାଇଥିବା ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ମୂଳ ପ୍ରଶ୍ନ ଉପରେ ଆଲୋଚନା ବେଳେ ମୂଳ ପ୍ରଶ୍ନକର୍ତ୍ତାଙ୍କ ସମେତ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର ମଧ୍ୟ ବଜ୍ରପାତ ଜନିତ ମୃତ୍ୟୁରେ ଅନୁକମ୍ପା ମୂଳକ ସହାୟତା ରାଶି ବଢ଼ାଇବାକୁ ଦାବି କରିଥିଲେ ।

# ଭାରତର ଗୌରବ ବୃଦ୍ଧି ପାଇଁ କାମ କରିବାକୁ ସଂଖ୍ୟାଲଘୁମାନଙ୍କୁ ନବୀନଙ୍କ ଆହ୍ୱାନ



**ଭୁବନେଶ୍ୱର, ୫/୯ ନ୍ୟୁଜ ବ୍ୟୁରୋ**

ଏ ଦେଶ ଆମର ଏ ମାଟି ଆମର। ଏ ଭାବନା ନେଇ ଆମର ପ୍ରିୟ ଭାରତ ତଥା ପ୍ରିୟ ଓଡ଼ିଶାର ଗୌରବ ବୃଦ୍ଧି ପାଇଁ କାମ କରିବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସଂଖ୍ୟାଲଘୁ ଭାଇ ଭଉଣୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ଗୁରୁବାର ଶଙ୍ଖ ଭବନ ଠାରେ ବିଜେଡି ସଂଖ୍ୟଲଘୁ ଭାଇଭଉଣୀମାନଙ୍କୁ ସମ୍ବୋଧନ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଶାନ୍ତି ଓ ସଦଭାବନା ହିଁ ପ୍ରଗତିର ଭିତ୍ତି। ଏଥି ଯୋଗୁଁ ହିଁ ଓଡ଼ିଶା ବିଭିନ୍ନ କ୍ଷେତ୍ରର ପ୍ରଗତି ହାସଲ କରିପାରିଛି। ତେଣୁ ସାମ୍ପ୍ରଦାୟିକ ସଦ୍‌ଭାବନା ବଜାୟ ରଖିବା ପାଇଁ କାମ କରିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ସେ କହିଥିଲେ ରାଜ୍ୟର ବିଭିନ୍ନ ଅଞ୍ଚଳର ସଂଖ୍ୟାଲଘୁ ଭାଇ ଭଉଣୀମାନେ ତାଙ୍କୁ ପ୍ରତିଦିନ ଭେଟୁଛନ୍ତି । ସେମାନଙ୍କ ମନରେ ଅସୁରକ୍ଷା ଭାବନା ରହୁଥିବା ବିଷୟରେ ସେମାନେ ଜଣାଉଛନ୍ତି। ବିଜେଡି ୱାକଫ ବିଲ୍‌କୁ ବିରୋଧ କରିବ ବୋଲି ଶ୍ରୀ ପଟ୍ଟନାୟକ ସ୍ପଷ୍ଟ କରିଥିଲେ। ଓଡ଼ିଶା ସଦ୍‌ଭାବନା ଓ ଭାଇଚାରା ପାଇଁ ପ୍ରସିଦ୍ଧ। ଓଡ଼ିଶାର ସାଂସ୍କୃତିକ ବିବିଧତା ଆମର ଗୌରବ। ଦେଶର ପ୍ରଗତିରେ ସଂଖ୍ୟାଲଘୁମାନଙ୍କ ଅବଦାନକୁ ସ୍ମରଣ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସମସ୍ତଙ୍କ ସହଯୋଗ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ଜରୁରୀ। ସାମ୍ପ୍ରଦାୟିକ ସଦ୍‌ଭାବନାକୁ ଭାରତୀୟ ସଂସ୍କୃତିର ମୂଳାଧାର ବୋଲି ବର୍ଣ୍ଣନା କରି ସମାଜର ଦୁର୍ବଳ ବର୍ଗଙ୍କ କଲ୍ୟାଣ ପାଇଁ ବିଜେଡି ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବୌଦ୍ଧ, ଶିଖ, ମୁସଲିମ ଓ ଖ୍ରୀଷ୍ଟିଆନ ଧର୍ମର ପ୍ରତିନିଧିମାନେ ଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସାଂସଦ ମୁନା ଖାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧାମିଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା : ମୁଖ୍ୟମନ୍ତ୍ରୀ ରାଜା ପରି ଆଚରଣ କରିବା ଉଚିତ ନୁହେଁ

**ନୂଆଦିଲ୍ଲୀ, ୫/୯**

'ଏବେ ଆଉ ରାଜା ଶାସନ ଚାଲିନି। ମୁଖ୍ୟମନ୍ତ୍ରୀ ବି ରାଜା ନୁହନ୍ତି। ଆମେ ପୁରୁଣା ସାମନ୍ତବାଦୀ ବ୍ୟବସ୍ଥା ମଧ୍ୟରେ ନାହୁଁ । ମୁଖ୍ୟମନ୍ତ୍ରୀ ହେଉଛନ୍ତି ଲୋକଙ୍କ ସେବକ । ସେ ରାଜା ପରି ଆଚରଣ କରିବା ଉଚିତ ନୁହେଁ।' ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କୁ ଭର୍ତ୍ସନା କରି ଏପରି କହିଛନ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ରାଜ୍ୟର ରାଜାଜୀ ବ୍ୟାଘ୍ର ଅଭୟାରଣ୍ୟର ନିର୍ଦ୍ଦେଶକ ପଦରେ ବିବାଦୀୟ ଆଇଏଫଏସ ଅଫିସର ରାହୁଲଙ୍କୁ ବସାଇଥିଲେ। ରାହୁଲଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଚାଲିଥିବା ବେଳେ ତାଙ୍କୁ ଏହି ପଦରେ ବସାଇଥିଲେ ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ଧାମିଙ୍କ ଏହି ନିଷ୍ପତ୍ତିକୁ ରାଜ୍ୟର ଜଙ୍ଗଲ ମନ୍ତ୍ରୀ ତଥା ମୁଖ୍ୟ ଶାସନ ସଚିବ ବି ବିରୋଧ କରିଥିଲେ। ଏପରିକି ବରିଷ୍ଠ ଅଧିକାରୀଙ୍କ ବୈଠକରେ ବି ଏହି ନିଯୁକ୍ତିକୁ ବିରୋଧ କରାଯାଇଥିଲା। ମାତ୍ର ମୁଖ୍ୟମନ୍ତ୍ରୀ ଧାମି ସମସ୍ତଙ୍କ ଉପଦେଶକୁ ଆଡ଼େଇ ଦେଇ ରାହୁଲଙ୍କୁ ଉକ୍ତ ପଦରେ ବସାଇଥିଲେ। ଏହାକୁ ନେଇ ତୀବ୍ର ବିରୋଧ ହେବାରୁ ଗତ ୩ ତାରିଖରେ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନେଇଛନ୍ତି ରାଜ୍ୟ ସରକାର । ଏହି ମାମଲାର ଶୁଣାଣି ଏବେ ସୁପ୍ରିମକୋର୍ଟରେ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ଧାମିଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି ବିଚାରପତି। ଏନେଇ ଶୁଣାଣି କରି ଜଷ୍ଟିସ ବି.ଆର. ଗଭାଇ, ପି.କେ. ମିଶ୍ର ଓ କେ. ଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ମୁଖ୍ୟମନ୍ତ୍ରୀ ଉକ୍ତ ଅଧିକାରୀଙ୍କ ପ୍ରତି ଖୁବ୍ ଅନୁଗ୍ରହ ପ୍ରକାଶ କରିଛନ୍ତି। ନଚେତ ଜଣେ ଅନୁଶାସନହୀନ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ତାଙ୍କୁ ଏପରି





ଉଚ୍ଚ ପଦରେ ବସାଇବା କୌଣସି ପ୍ରକାରେ ଯୁକ୍ତିଯୁକ୍ତ ନୁହେଁ। ବେଞ୍ଚ କହିଛନ୍ତି, ଯଦି ଆପଣ ଏକ ପ୍ରସ୍ତାବ ନେଇ ବରିଷ୍ଠ ଅଧିକାରୀ, ଉପସଚିବ, ପ୍ରମୁଖ ସଚିବ, ମନ୍ତ୍ରୀଙ୍କ ସହ ଆପଣଙ୍କ ମତାମତ ମେଳ ଖାଉନି ତେବେ ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ଉଚିତ ଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଏଏନଏସ ଅଧିକାରୀ ନାଦକର୍ଣ୍ଣି ନିଜ ଯୁକ୍ତି ରଖି କହିଥିଲେ, ରାହୁଲ ଜଣେ ଦକ୍ଷ ଅଧିକାରୀ । ମାତ୍ର ତାଙ୍କୁ କିଛି କୁଚକ୍ରୀ ଟାର୍ଗେଟ କରୁଛନ୍ତି। କିନ୍ତୁ ଆମେ ତାଙ୍କୁ ବଳି ଚଢ଼ାଇ ପାରିବୁନି। ଏହାର ପ୍ରତ୍ୟୁତ୍ତରରେ ବିଚାରପତି ପଚାରିଥିଲେ, ଯଦି ସମ୍ପୃକ୍ତ ଅଧିକାରୀଙ୍କୁ ରାଜ୍ୟ ସରକାର କ୍ଲିନ୍ ଚିଟ୍ ଦେଇଛନ୍ତି ତେବେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କ'ଣ ପାଇଁ ଚାଲୁଛି ?

## ତ୍ରିଶୁଳିଆ ପୋଲ ଉପରେ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ଗଲା

**କଟକ, ୫/୯ ନ୍ୟୁଜ ବ୍ୟୁରୋ**

ତ୍ରିଶୁଳିଆ ସୁବାଷଚନ୍ଦ୍ର ବୋଷ ସେତୁ ଉପରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଗୋଟିଏ ସ୍କୁଟିକୁ ଏକ ଟାଟା ମ୍ୟାଜିକ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ଏବଂ ଦୁର୍ଘଟଣା ଘଟାଇଥିବା ଟାଟା ମ୍ୟାଜିକ ଓ ସ୍କୁଟିକୁ ଜବତ କରିଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବା ଲକ୍ଷ୍ୟ କରାଯାଇଛି। ତେବେ ପୋଲିସ ଉତ୍ୟକ୍ତ ଜନତାଙ୍କୁ ବୁଝାସୁଝା କରିବା ଫଳରେ ପରିସ୍ଥିତି ଶାନ୍ତ ପଡିଥିବା ଜଣାପଡିଛି।

# କୁକୁଡା ନୁହେଁ, ଅନ୍ୟ ଉତ୍ସରୁ ବାର୍ଡ ଫ୍ଲୁ ହୋଇଥାଇପାରେ: କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର, ୫/୯ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବ୍ୟାପୁଥିବା ବାର୍ଡ ଫ୍ଲୁର କାରଣ କୁକୁଡ଼ା ନୁହେଁ । ଅନ୍ୟ କୌଣସି ଉତ୍ସରୁ ବାର୍ଡ ଫ୍ଲୁ ହୋଇଥାଇପାରେ ବୋଲି ଆଶଙ୍କା କରିଛନ୍ତି କେନ୍ଦ୍ରୀୟ ଟିମ୍। ଜଙ୍ଗଲି ପଶୁପକ୍ଷୀ କିମ୍ବା ବାହାରୁ ଆସୁଥିବା ପକ୍ଷୀ ବାର୍ଡ ଫ୍ଲୁର କାରଣ ହୋଇପାରେ ବୋଲି ସନ୍ଦେହ କରାଯାଉଛି । କେନ୍ଦ୍ରୀୟ ଟିମ୍ ସଂକ୍ରମିତ ଅଞ୍ଚଳ ବୁଲି ସ୍ଥିତି ସମୀକ୍ଷା କରିବା ପରେ ଗୁରୁବାର ମୁଖ୍ୟ ସଚିବଙ୍କୁ ରିପୋର୍ଟ ଦେଇଛନ୍ତି । ରାଜ୍ୟର କୌଣସି ବ୍ୟକ୍ତି ବାର୍ଡ ଫ୍ଲୁ ଦ୍ୱାରା ସଂକ୍ରମିତ ହୋଇ ନାହାନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ତିନିଜଣଙ୍କୁ ଆଇସୋଲେସନରେ ରଖାଯାଇଛି । ସେମାନଙ୍କ ରିପୋର୍ଟ ନେଗେଟିଭ ଆସିଛି। ଏହା ସହ ଅଧିକ ଟେଷ୍ଟିଂ ଓ ସାମ୍ପୁଲ ସଂଗ୍ରହ ବଢ଼ାଇବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।



ସେହିପରି ପୁରୀ ଅଞ୍ଚଳରେ ସ୍ଥିତି ନିୟନ୍ତ୍ରଣରେ ଥିବା କେନ୍ଦ୍ରୀୟ ଟିମ ସୂଚନା ଦେଇଛନ୍ତି । ପୁରୀ ଜିଲ୍ଲାରେ ବାର୍ଡ ଫ୍ଲୁ ସଂକ୍ରମଣ ସ୍ଥିତି ଉଦ୍‌ବେଗଜନକ ରହିଛି। ଏହା ମଧ୍ୟରେ ଜିଲ୍ଲାରେ ସ୍ଥିତି ସମୀକ୍ଷା କରିଛି କେନ୍ଦ୍ରୀୟ ଟିମ୍। ପୁରୀ ସର୍କିଟ ହାଉସ୍ ଠାରେ ବସିଥିବା ବୈଠକରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ପ୍ରାଣୀ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଟିମ୍ ସଦସ୍ୟ। ବୈଠକ ପରେ ଟିମ୍ ସଦସ୍ୟ କହିଛନ୍ତି, ପୁରୀ ଜିଲ୍ଲାରେ ବାର୍ଡ ଫ୍ଲୁ ସ୍ଥିତି ନିୟନ୍ତ୍ରଣାଧୀନ ଅଛି। ସଂକ୍ରମିତ ଅଞ୍ଚଳର ଏକ କିଲୋମିଟର ପରିଧି ଭିତରେ ଥିବା ବ୍ୟକ୍ତି ବିଶେଷମାନଙ୍କୁ ଚିକେନ ନ ଖାଇବାକୁ ପରାମର୍ଶ ଦେଇଛନ୍ତି ଟିମ୍ ସଦସ୍ୟ । ୧୦ କିଲୋମିଟର ବ୍ୟବଧାନ ମଧ୍ୟରେ କୁକୁଡ଼ା ରପ୍ତାନୀ ଓ ଆମଦାନୀ ଉପରେ କଟକଣା ଜାରି ହୋଇଛି। ଏଥିସହ ଲୋକଙ୍କୁ ଏ ସମ୍ପର୍କରେ ସଚେତନ ବି କରାଯାଉଛି। ପ୍ରାଣୀ ଚିକିତ୍ସା ବିଭାଗ, ବନ ବିଭାଗ, ଜିଲ୍ଲା ପ୍ରଶାସନର ଅଧିକାରୀ, ପୁଲିସ ଅଧିକାରୀ, ମେଡିକାଲ୍ ଟିମ୍ ସଦସ୍ୟ ଜନସାଧାରଣଙ୍କୁ ସଚେତନ କରାଉଛନ୍ତି। ଏଥିସହ ବାର୍ଡ ଫ୍ଲୁ ସଂକ୍ରମିତ ଅଞ୍ଚଳକୁ ସାନିଟାଇଜ୍ କରାଯାଉଛି। ଏନେଇ କେନ୍ଦ୍ରୀୟ ଟିମ୍ ସଦସ୍ୟ ରାମସିସ୍ ହାଜିରା କହିଛନ୍ତି, କୁକୁଡ଼ା ଫାର୍ମମାନଙ୍କୁ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ବାର୍ଡ ଫ୍ଲୁ ଚିହ୍ନଟ ସ୍ଥାନର ୧୦ କିମି ପରିଧୀ ମଧ୍ୟକୁ ବାହାରୁ କୌଣସି ପକ୍ଷୀଙ୍କ ପ୍ରବେଶକୁ ବାରଣ କରାଯାଇଛି। ଏପରି କରିବା ଦ୍ୱାରା କିଛି ଦିନ ମଧ୍ୟରେ ସ୍ଥିତି ନିୟନ୍ତ୍ରଣକୁ ଚାଲି ଆସିବ । ଏନେଇ ଦିଲ୍ଲୀରୁ ଆସିଥିବା କେନ୍ଦ୍ରୀୟ ଟିମ୍ ସଦସ୍ୟ ଅଭିଜିତ ମିତ୍ର କହିଛନ୍ତି, ଭୟଭୀତ ହେବାର କୌଣସି କାରଣ ନାହିଁ। ସତର୍କତା ଅବଲମ୍ବନ କଲେ ଆମେ ଏହି ସମସ୍ୟାରୁ ମୁକୁଳି ପାରିବା।

## ବୈଜୟନ୍ତଙ୍କ ଉଦ୍ୟମରେ ଦୁବାଇରୁ ସୁରକ୍ଷିତ ଫେରିଲେ ଶ୍ରମିକ

**ଭୁବନେଶ୍ୱର, ୫/୯ ନ୍ୟୁଜ ବ୍ୟୁରୋ**

ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ଦୁବାଇରୁ ସୁରକ୍ଷିତ ଫେରିଲେ ଶ୍ରମିକ । ୨୦୦୮ରେ ଚାକିରୀ ସନ୍ଧାନରେ ଦୁବାଇ ଯାଇଥିଲେ କେନ୍ଦ୍ରାପଡା ଆଳିର ରାଜୀବ ପରିଡା । ତେବେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ସ୍ୱଦେଶ ଫେରିବା ସହ ରାଜୀବ ଓଡ଼ିଶାରେ ପହଞ୍ଚିଛନ୍ତି । ସୂଚନା ଅନୁସାରେ ଡାର୍କ ଆଣ୍ଡ ସ୍କଲଡ୍ କମ୍ପାନୀରେ ଷ୍ଟୋର୍ କିପର୍ ଭାବେ ରାଜୀବ ଦୁବାଇରେ କାମ କରୁଥିଲେ । ତେବେ ୨୦୨୧ ମସିହାରେ ରାଜୀବଙ୍କୁ କମ୍ପାନୀ ଟର୍ମିନେଟ୍ କରିଥିଲା । ତା'ପରେ ନା ଥିଲା ଦରମା ନା ରହିବାର ସୁବିଧା । ଏମିତିକି ବେଳେବେଳେ ତାଙ୍କୁ ଉପବାସରେ ରହିବାକୁ ପଡୁଥିଲା । ଶେଷରେ ରାଜୀବଙ୍କ ଭାଇ ରଜତ ପରିଡା ପୂରା ଘଟଣା ସମ୍ପର୍କରେ କେନ୍ଦ୍ରାପଡା ସାଂସଦଙ୍କୁ ଜଣାଇଥିଲେ । ଆଉ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରୟାସରେ ରାଜୀବ ଜନ୍ମମାଟିକୁ ଫେରିଛନ୍ତି ।

# ଡେଣ୍ଟାଲ୍ ସର୍ଜନ୍ ନିଯୁକ୍ତି ମାମଲା: ୧୧ ଡାକ୍ତରଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ଓପିଏସ୍‌ସି

**କଟକ, ୦୫/୦୯ ନ୍ୟୁଜ ବ୍ୟୁରୋ**

ବିଶେଷଜ୍ଞ କମିଟି ପରାମର୍ଶକ୍ରମେ ସଂଶୋଧିତ ମାର୍କ ଆଧାରରେ ଡେଣ୍ଟାଲ ସର୍ଜନଙ୍କ ପାଇଁ ଯେଉଁ କଟ୍‌ଅଫ୍ ମାର୍କ ସ୍ଥିର ହୋଇଛି ସେହି ଆଧାରରେ ଦେଖିବାକୁ ଗଲେ ପୂର୍ବରୁ ନିଯୁକ୍ତି ପାଇଥିବା ୧୧ ଜଣ ଡାକ୍ତର ଏବେ ବାଦ୍ ପଡ଼ିବେ । ଅର୍ଥାତ ୬ବର୍ଷ କାର୍ଯ୍ୟ କରିବା ସତ୍ତ୍ୱେ ଏହି ୧୧ ଜଣ ଡାକ୍ତର ସଂଶୋଧିତ କଟ୍‌ଅଫ୍ ମାର୍କଠାରୁ କମ୍ ମାର୍କ ରଖିଥିବା କାରଣରୁ ସେମାନଙ୍କ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଛି । ଏହି ୧୧ ଜଣଙ୍କ ନିଯୁକ୍ତି ସଂକ୍ରାନ୍ତରେ ନିଷ୍ପତ୍ତି ନେବାକୁ ହାଇକୋର୍ଟ ଗୁରୁବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ନିର୍ଦ୍ଦେଶ ଦେଇଛନ୍ତି । ଓପିଏସ୍‌ସି ଏହାର ସଦସ୍ୟମାନଙ୍କୁ ନେଇ ଏକ କମିଟି ବସାଇ ଏହି ଡାକ୍ତରମାନଙ୍କ ନିଯୁକ୍ତିର ଭବିଷ୍ୟତ ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣିରେ ଅଦାଲତଙ୍କୁ ଅବଗତ କରିବେ । ଅନୀଲ ସାହୁ ଏବଂ ସଞ୍ଜୟ ପଣ୍ଡାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଓପିଏସ୍‌ସି ପକ୍ଷରୁ ରାଜ୍ୟ ସରକାରଙ୍କୁ ୧୭୧ଜଣ ଡେଣ୍ଟାଲ ସର୍ଜନଙ୍କୁ ନିଯୁକ୍ତି ପାଇଁ ଅନୁମୋଦନ ପଠାଯାଇଥିଲା । ଏହି ୧୭୧ଜଣଙ୍କ ମଧ୍ୟରୁ ୫ଜଣ ଚାକିରିରେ ଯୋଗ ନଦେବାରୁ ରାଜ୍ୟ ସରକାର ଆଉ ୫ଜଣଙ୍କ ନାମ ପଠାଇବାକୁ ଓପିଏସ୍‌ସିକୁ ଚିଠି ଲେଖିଥିଲେ । ସେହି ଆଧାରରେ ଓପିଏସ୍‌ସି ପୁନର୍ବାର ଆଉ ୫ଜଣଙ୍କ ନାମ ପଠାଇଥିଲା ।



ତେବେ ୨୦୨୨ରେ ବିଶେଷଜ୍ଞ କମିଟି ପରାମର୍ଶକ୍ରମେ ମାର୍କ ସଂଶୋଧନ ହେବାପରେ ପ୍ରଥମେ ନିଯୁକ୍ତି ପାଇଥିବା ୧୭୧ ଜଣଙ୍କ ମଧ୍ୟରୁ ୮ଜଣଙ୍କ ନାମ କଟି ଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ନିଯୁକ୍ତି ପାଇଥିବା ୫ଜଣଙ୍କ ମଧ୍ୟରୁ ୩ଜଣଙ୍କ ନାମ କଟି ଯାଇଥିଲା । ମୋଟ୍ ଉପରେ ୧୧ଜଣଙ୍କ ନାମ କଟ୍‌ଅଫ୍ ମାର୍କ ଆଧାରରେ କଟିଯାଇଛି । ଯଦିଓ କଟ୍‌ଅଫ୍ ମାର୍କ ଆଧାରରେ ସେମାନଙ୍କ ନାମ କଟୁଛି କିନ୍ତୁ ସେମାନେ ପ୍ରଥମ ମାର୍କ ଆଧାରରେ ୨୦୧୭-୧୮ ମସିହାରୁ ବିଭିନ୍ନ ହସ୍ପିଟାଲରେ ଡେଣ୍ଟାଲ ସର୍ଜନ ପଦରେ କାର୍ଯ୍ୟ କରି ଆସୁଛନ୍ତି। ଏହା ଉପରେ ଗୁରୁବାର ରାଜ୍ୟ ସରକାର ଜବାବ ରଖିଥିଲେ । ଓପିଏସ୍‌ସି ପକ୍ଷରୁ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

# ପୁରୀ ସମୁଦ୍ରରେ ଭାସୁଛି କଣ୍ଟେନର

**ପୁରୀ, ୫/୯ ନ୍ୟୁଜ ବ୍ୟୁରୋ**

ପୁରୀ ସମୁଦ୍ରରେ ଭାସୁଛି କଣ୍ଟେନର । ସମୁଦ୍ର ଠାରୁ ଦୁଇ କିଲୋମିଟରର ଦୂରରେ ଏହି କଣ୍ଟେନର ଭାସୁଛି। ଏହି କଣ୍ଟେନରକୁ ମତ୍ସ୍ୟଜୀବୀମାନେ ଦେଖିଥିଲେ। ଅଜଣା କଣ୍ଟେନରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଚାଲିଥିବା ବେଳେ ପୋଲିସ ସେଠାରେ ପହଞ୍ଚି ଅନୁସନ୍ଧାନ କରୁଛି। କଣ୍ଟେନରଟି ଓଜନିଆ ଥିବାରୁ ତା'କୁ କୂଳକୁ ଆଣିବା ପାଇଁ ଅଗ୍ନିଶମ ବାହିନୀ ଓ ମତ୍ସ୍ୟଜୀବୀମାନେ ଆପ୍ରାଣ ଉଦ୍ୟମ କରିଥିଲେ। ତେବେ ଏହି କଣ୍ଟେନର ଭିତରେ କ'ଣ ରହିଛି ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୁରୀ ଏସ୍‌ପି କହିଛନ୍ତି। ଗୁରୁବାର ସକାଳୁ ପେଣ୍ଟକଟା ମତ୍ସଜୀବୀ ମାଛ ମାରିବା ପାଇଁ ସମୁଦ୍ର ଭିତରକୁ ଯାଇଥିବା ବେଳେ ଏହି କଣ୍ଟେନର ଭାସୁଥିବାର ଦେଖିବାକୁ ପାଇଥିଲେ। ଏନେଇ ମେରାଇନ୍ ଓ ସମୁଦ୍ର କୂଳ ଥାନାକୁ ଖବର ଦେଇଥିଲେ। ଗତ କିଛିଦିନ ତଳେ ଏଭଳି ଏକ କଣ୍ଟେନର କେନ୍ଦ୍ରାପଡା ସମୁଦ୍ର କୂଳରେ ମଧ୍ୟ ଦେଖିବାକୁ ମିଳିଥିଲା। କଣ୍ଟେନର ଟି ନୀଳ ରଙ୍ଗର ହୋଇଥିବା ବେଳେ ଏହା ଭିତରେ କ'ଣ ରହିଛି ଏବଂ କେଉଁଠୁ ଭାସି ଆସିଛି ତା'କୁ ନେଇ ଏବେ ସମସ୍ତଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି।

## ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଗାଇଡ୍‌ଲାଇନ୍

# ନଦୀରେ ମୂର୍ତ୍ତି ପକାଇଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ : ବିଏମ୍‌ସି

**ଭୁବନେଶ୍ୱର,୦୫/୦୯ ନ୍ୟୁଜ ବ୍ୟୁରୋ**

ନଦୀରେ ମୂର୍ତ୍ତି ବିସର୍ଜନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନେବ ବିଏମ୍‌ସି । ଆବଶ୍ୟକ ପଡିଲେ ଅନୁଷ୍ଠାନଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ । ଏ ନେଇ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଅସ୍ଥାୟୀ ପୋଖରୀ କରାଯାଇଛି । ପ୍ରତିବର୍ଷ କୁଆଖାଇ ଏବଂ ଦୟା ନଦୀରେ ବହୁ ମୂର୍ତ୍ତି ବିସର୍ଜନ ହେଉଛି । ମୂର୍ତ୍ତିରେ ବ୍ୟବହୃତ ନଡା ଓ କେମିକାଲ ପାଣିରେ ମିଶିବା ଦ୍ୱାରା ଜଳ ପ୍ରଦୂଷଣ ହେଉଛି । ଏହାକୁ ରୋକିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ପୋଖରୀ ଖୋଳାଯାଇଛି । ପୋଖରୀର ଚର୍ତୁପାର୍ଶ୍ୱରେ ଜରି ଦିଆଯାଇଛି । ବଡ ବଡ ମୂର୍ତ୍ତିଗୁଡିକୁ କ୍ରେନ୍ ସହାୟତାରେ ଗାଡିରୁ ଉଠାଇ ପୋଖରୀରେ ବିସର୍ଜନ କରାଯିବାର ବ୍ୟବସ୍ଥା କରାଯାଇଛି । ଅଧିକାଂଶ ମୂର୍ତ୍ତି ରାତିରେ ବିସର୍ଜନ ହେଉଥିବାରୁ ଦୁର୍ଘଟଣାକୁ ଏଡାଇବା ପାଇଁ ପୋଖରୀ ଚାରିପାଖକୁ ଆଲୋକୀକରଣ କରାଯାଇଛି । ଟଙ୍କପାଣି ବ୍ରିଜ୍ ନିକଟରେ ଗୋଟିଏ ଅସ୍ଥାୟୀ ପୋଖରୀ ଖୋଳାଯାଇଛି । ଏହି ପୋଖରୀର ଦୈର୍ଘ୍ୟ ୨୬ ମିଟର, ପ୍ରସ୍ଥ ୧୬ ମିଟର ହୋଇଥିବା ବେଳେ ଏହାର ଗଭୀରତା ୩ ମିଟର ରହିଛି । ସେହିପରି ଦୟାନଦୀ କୂଳରେ ହୋଇଥିବା ପୋଖରୀର ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୨୫ ଏବଂ ୧୨ ମିଟର ହୋଇଥିବା ବେଳେ କୁଆଖାଇ ନଦୀକୂଳରେ ୧୬ ମିଟର ଦୈର୍ଘ୍ୟ ଓ ୧୦ ମିଟର ଓସାରର ପୋଖରୀ ଖନନ କରାଯାଇଛି। ସବୁ ଗୁଡିକର ଗଭୀରତା ପ୍ରାୟ ସମାନ ରହିଛି । ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ, ଗଣେଶ ପୂଜା ମଣ୍ଡପ, ବିଭିନ୍ନ ଅନୁଷ୍ଠାନ ଓ କ୍ଲବର କର୍ମକର୍ତ୍ତାଙ୍କ ସହ ଜନସାଧାରଣ ଏହି ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ପାଇଁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି ।

# ୧୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ : ୨ ଗିରଫ

**ସମ୍ବଲପୁର, ୫/୯ ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ଅବକାରୀ ବିଭାଗ ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲି ଅଞ୍ଚଳରେ ଚଢ଼ଉ କରି ୧୨୦ ଗ୍ରାମ୍ ବ୍ରାଉନସୁଗାର ଏବଂ ଗୋଟିଏ ଗାଡି ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ଅବକାରୀ ବିଭାଗର ସୂଚନା ଅନୁଯାୟୀ, ସମ୍ବଲପୁର ସହରକୁ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର କଲକାତାରୁ ସମଲେଶ୍ୱରୀ ଏକ୍ସପ୍ରେସ ଯୋଗେ ବ୍ରାଉନସୁଗାର ଚୋରା ଚାଲାଣ କରାଯାଉଥିବା ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା। ଏଣୁ ଅବକାରୀ ବିଭାଗ ଚାଲାଣକାରୀମାନଙ୍କୁ ଷ୍ଟେସନ ଅଞ୍ଚଳରେ ଧରିବା ଲାଗି ଜଗି ରହିଥିବା ବେଳେ ଚାଲାଣକାରୀମାନେ ଖସି ଯିବାକୁ ଉଦ୍ୟମ କରି ସମ୍ବଲପୁର ପୂର୍ବରୁ ରେଙ୍ଗାଲି ଷ୍ଟେସନରେ ଓହ୍ଲାଇ ଯାଇଥିଲେ । ଏହା ପରେ ଚାଲାଣକାରୀମାନେ ଏକ ସ୍କୁଟି ଜରିଆରେ ସୁନାପାଲି ଅଞ୍ଚଳସ୍ଥିତ ନିଜ ଘରକୁ ଆସୁଥିବା ବେଳେ ପୂର୍ବରୁ ଛକି ରହିଥିବା ଅନ୍ୟ ଏକ ଅବକାରୀ ଟିମ୍ ସେମାନଙ୍କୁ ଧରିଥିଲେ । ସେମାନଙ୍କୁ ଯାଞ୍ଚ କରାଯିବାରୁ ଚାଲାଣକାରୀମାନଙ୍କ ନିକଟରୁ



ସମୁଦାୟ ୧୨୦ ଗ୍ରାମ୍‌ର ବ୍ରାଉନସୁଗାର ମିଳିଥିଲା। ଏ ନେଇ ଏକ ମାମଲା ରୁଜୁ କରି ଚାଲାଣକାରୀ ସୁନାପାଲି ନିବାସୀ ମହମ୍ମଦ ନସିମ ଓରଫ ଗୁଡୁ(୩୯) ଏବଂ ଧନକଉଡା ଗେଙ୍ଗୁଟିପାଲି ନିବାସୀ ବିନୋଦ ସାମଲ(୩୧)ଙ୍କୁ ଗିରଫ କରାଯାଇ ଅଦାଲତକୁ ଚାଲାଣ କରାଯାଇଛି। ବ୍ରାଉନସୁଗାର ଚାଲାଣକାରୀ ମହମ୍ମଦ ନସିମ ନାମରେ ପୂର୍ବରୁ ମଧ୍ୟ କିଛି ମାମଲା ରହିଥିବା ବେଳେ ଏକ ସଙ୍ଗରେ ଏତେ ପରିମାଣରେ ବ୍ରାଉନସୁଗାର ଧରାଯିବା ସମ୍ବଲପୁର ଜିଲ୍ଲା ଅବକାରୀ ଇତିହାସରେ ପ୍ରଥମ ଘଟଣା ବୋଲି ଅବକାରୀ ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅସିତ ମଲ୍ଲିକ କହିଛନ୍ତି। ସୂଚନାଯୋଗ୍ୟ, ୫ ମେ ୨୦୨୩ରେ ୧୯ ଗ୍ରାମ୍, ମେ ୨୦ରେ ୧୨ ଗ୍ରାମ୍, ୧୫ ଜୁଲାଇରେ ୧୩ ଗ୍ରାମ୍, ୨୯ ଅଗଷ୍ଟରେ ୧୬ ଗ୍ରାମ୍, ୪ ସେପ୍ଟେମ୍ବରରେ ୧୨ ଗ୍ରାମ୍, ୮ ସେପ୍ଟେମ୍ବରରେ ୧୭ ଗ୍ରାମ୍, ୧୨ ସେପ୍ଟେମ୍ବରରେ ୧୪ ଗ୍ରାମ୍, ୧୦ ଅକ୍ଟୋବରରେ ୧୫ ଗ୍ରାମ୍ ଓ ୩୧ ଜୁଲାଇ ୨୦୨୪ ମସିହାରେ ୨୫ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଥିବା ବେଳେ ଏବେ ଏକକାଳୀନ ୧୨୦ ଗ୍ରାମ୍ ଜବତ କରାଯାଇଛି। ମେ ୨୦୨୩ ମସିହାରୁ ଏପର୍ଯ୍ୟନ୍ତ ଜିଲ୍ଲା ଅବକାରୀ ଦଳ ଦ୍ୱାରା ସୁନାପାଲି ଅଞ୍ଚଳରେ ୧୦ ଥର ଚଢ଼ଉ କରାଯାଇ ସମୁଦାୟ ୨୬୩ ଗ୍ରାମ୍ ବ୍ରାଉନ ସୁଗାର ଜବତ କରାଯାଇଥିବା ବେଳେ ଏହି ବେଆଇନ କାରବାରରେ ସାମିଲ ସମୁଦାୟ ୧୩ ପୁରୁଷ ଓ ମହିଳାଙ୍କୁ ଗିରଫ କରାଯାଇଛି। ଏହା ସତ୍ତ୍ୱେ ଏହି ଅଞ୍ଚଳରେ ବ୍ରାଉନସୁଗାର କାରବାର ବନ୍ଦ ହୋଇନାହିଁ ଏବଂ ଏହା ସମ୍ବଲପୁରର ବ୍ରାଉନସୁଗାର ହବ୍ ରୂପେ କୁଖ୍ୟାତି ଅର୍ଜନ କରିଥିବା ସାଧାରଣରେ ମତପ୍ରକାଶ ପାଉଛି।

# ତେଲେଙ୍ଗାନାରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟର : ଟଳିଲେ ୬ ମାଓବାଦୀ

**ତେଲେଙ୍ଗାନା, ୫/୯**

ଏନକାଉଣ୍ଟରରେ ଟଳିଲେ ୬ ମାଓବାଦୀ । ତେଲେଙ୍ଗାନାରେ ସୁରକ୍ଷାକର୍ମୀ-ମାଓବାଦୀ ଗୁଳି ବିନିମୟ ଘଟିଛି। କୋଥଗୁଡେମ୍ ଜିଲ୍ଲା ନୀଳାଦ୍ରିପେଟ୍ ଜଙ୍ଗଲରେ ଏନକାଉଣ୍ଟର ହୋଇଛି । ସୁରକ୍ଷାକର୍ମୀଙ୍କ ଗୁଳିରେ ୬ ଜଣ ନକ୍ସଲ ନିହତ ହୋଇଛନ୍ତି । ସେହିପରି ମାଓବାଦୀଙ୍କ ପାଲଟା ଗୁଳିରେ ଗୁରୁତର ହୋଇଛନ୍ତି ୨ ସୁରକ୍ଷାକର୍ମୀ । ଜଙ୍ଗଲରେ ମାଓବାଦୀ ଲୁଚିଥିବା ସନ୍ଦେହରେ ସର୍ଚ୍ଚ ଅପରେସନ ଜାରି ରହିଛି । ସୂଚନା ଅନୁସାରେ ମାଓବାଦୀ ସଂଗଠନର ଲଚ୍ଛନାଙ୍କ ନେତୃତ୍ୱରେ କ୍ୟାମ୍ପ କରି ଜଙ୍ଗଲରେ ମାଓବାଦୀ ଥିବା ଖବର ସୁରକ୍ଷାବାହିନୀ ପାଇଥିଲେ । ଏହାପରେ ଆରମ୍ଭ ହୋଇଥିଲା ନକ୍ସଲ ବିରୋଧୀ ଅପରେସନ୍। ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ ନକ୍ସଲ । ଯାହାର ଜବାବ ଦେଇଥିଲେ ସୁରକ୍ଷାକର୍ମୀ । ତେବେ ସୁରକ୍ଷାକର୍ମୀଙ୍କ ଗୁଳିରେ ୬ ଜଣ ନକ୍ସଲ ନିହତ ହୋଇଥିବାବେଳେ ୨ ଜଣ ସୁରକ୍ଷାକର୍ମୀ ଗୁରୁତର ହୋଇଥିଲେ । ସେହିପରି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡା, ବାଲନ୍ଦା ପଡା, ସାଡୀଙ୍ଗିଆ, ପକାରୀ ଓ ସୁଟାଣି ଘାଟି ଅଞ୍ଚଳରେ ମାଓବାଦୀଙ୍କୁ ଗାଁରେ ପ୍ରବେଶ ନେଇ ବାରଣ କରାଯାଇଛି। ବୌଦ୍ଧ ଆଦିବାସୀ ସୁରକ୍ଷା ମଞ୍ଚ ପକ୍ଷରୁ ବିଭିନ୍ନ ସ୍ଥାନରେ ମାଓ ବିରୋଧୀ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ନିରୀହ ଆଦିବାସୀ ଝିଅମାନଙ୍କୁ ମାଓ ସଂଗଠନରେ ସାମିଲ କରି ଯୌନ ନିର୍ଯାତନା ଦେବା, ରାସ୍ତାରେ ଲ୍ୟାଣ୍ଡମାଇନ ବିଛାଇ ନିରୀହ ଲୋକଙ୍କ ଜୀବନ ନେବା ସମସ୍ତଙ୍କୁ ବ୍ୟଥିତ କରିଛି। ନିଜର ସ୍ୱାର୍ଥ ହାସଲ ପାଇଁ ଗଞ୍ଜେଇ ଓ କାଠମାଫିଆ, ଠିକାଦାରଙ୍କ ଠାରୁ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି ମାଓବାଦୀ। ବହୁତ ବର୍ଷ ହେଲା ଅଞ୍ଚଳରେ ସମସ୍ୟାର ସମାଧାନ କରିବାକୁ କହି ଲୋକଙ୍କୁ କବଜା କରି ଗୁଳି ବନ୍ଧୁକ ଦେଖାଇ ଡରାଇ ଧମକାଇ ରଖିଛନ୍ତି ମାଓବାଦୀ। ଏପରିକି ପୋଲିସ ଇନଫର୍ମର କହି ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି। ହେଲେ ଏସବୁ ଅସହ୍ୟ ହେବାରୁ ଗ୍ରାମବାସୀମାନେ ମିଳିମିଶି ଶପଥ ନେବା ସହ ମାଓବାଦୀଙ୍କୁ ଗ୍ରାମରେ ପ୍ରବେଶ ନକରାଇବାକୁ ପୋଷ୍ଟର ଲଗାଇଛନ୍ତି।

# ୭୦୦ ଫୁଟ୍ ଘାଟିରୁ ଖସିଲା ସେନା ଗାଡ଼ି : ୪ ଯବାନ ସହିଦ

**କୋଲକାତା, ୫/୯**

ସିକ୍କିମରେ ସେନା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୪ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସେନା ଗାଡ଼ି ୭୦୦ ଫୁଟ୍ ତଳକୁ ଖସି ପଡିଥିଲା। ସୂଚନା ଅନୁସାରେ, ଗୁରୁବାର ସେନାର ଏକ ଗାଡ଼ି କିଛି ସୈନ୍ୟଙ୍କୁ ନେଇ ପଶ୍ଚିମବଙ୍ଗ ପେଡୋଙ୍ଗରୁ ସିକ୍କିମର ଜୁଲୁକ ଯାଉଥିଲା। ଏହି ସମୟରେ ସିକ୍କିମର ପାକିଙ୍ଗ ଜିଲ୍ଲାର ରେଶମ ମାର୍ଗରେ ଦୁର୍ଘଟଣା ହୋଇଥିଲା।

ଘାଟି ରାସ୍ତାରେ ଯିବା ସମୟରେ ଦୁର୍ଘଟଣା ଘଟିବାରୁ ସେନା ଗାଡି ପ୍ରାୟ ୭୦୦ରୁ ୮୦୦ ଫୁଟ ତଳକୁ ଖସି ପଡିଥିବା କୁହାଯାଉଛି । ଫଳରେ ୪ ଜଣ ସୈନ୍ୟଙ୍କ ମୃତ୍ୟୁ ହୋଇଛି । ମୃତକମାନେ ମଧ୍ୟପ୍ରଦେଶର ଡ୍ରାଇଭର ପ୍ରଦୀପ ପଟେଲ, ମଣିପୁରର କାରିଗର ଡବ୍ଲୁ ପିଟର, ହରିୟାଣାର ନାୟକ ଗୁରୁସେଭ ସିଂହ ଏବଂ ତାମିଲନାଡୁର ସୁବେଦାର କେ ଥାଙ୍ଗାପାଣ୍ଡି ବୋଲି ଜଣାପଡିଛି। ସମସ୍ତ ସେନା କର୍ମଚାରୀ ପଶ୍ଚିମବଙ୍ଗର ବିନାଗୁରୀ ୟୁନିଟରେ ନିୟୋଜିତ ଥିଲେ।